R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୦୫
ତିଥି : ସପ୍ତମୀ
୩୦ ଏପ୍ରିଲ ୨୦୨୪, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 205
30 April 2024, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ୩ ଯାଏ ନିସ୍ତାର ନାହିଁ



ଭୁବନେଶ୍ୱର, ୨୯।୪ (ସବ୍ୟୁ) : ରାଜ୍ୟରେ ତାତି ସାଙ୍ଗକୁ ଗୁଳୁଗୁଳି ଆକ୍ରାମାକ୍ରା କରିଦେଉଛି । ସକାଳ ୮ଟାରୁ ଘରୁ ବାହାରି ହେଉନି । ଘରେ ହେଉକି ବାହାରେ ଶରୀରରୁ ଗମଗମ ଝାଳ ବୋହୁଛି । ଝାଳ

**ଆଉ ଦୁଇଦିନ ଭୀଷଣ ତାତି**

**ବାରିପଦା ସବୁଠୁ ଉତ୍ତପ୍ତ ସହର**

**ବାରିପଦାରେ ସର୍ବାଧିକ ୪୪.୮°**

**୪ ସହରରେ ତାପମାତ୍ରା ୪୫° ଉପରେ**

**୪୦° ଉପରେ ୩୨ ସହରର ପାରଦ**

ବାହାରୁଛି ଯେ ଶୁଖିବାରେ ନାଁ ଧରୁନି । ଫଳରେ ଅଂଶୁଘାତ ଭୟ ବଢ଼ିଛି । ସୋମବାର ୪୪.୮ ଡିଗ୍ରୀ ସେଲସିୟସ ସହ ବାରିପଦା ସବୁଠୁ ଉତ୍ତପ୍ତ ସହର ପାଲଟିଛି । ଏହାସହ ୩୨ଟି ସହରରେ ୪୦ଡିଗ୍ରୀ କିମ୍ବା ତା'ଠାରୁ ଅଧିକ (୯ ପୃଷ୍ଠାରେ)

## ମାଲକାନଗିରିରେ କାର୍ତ୍ତିକଙ୍କ ଜୋରଦାର ପ୍ରଚାର

# 'ଫେଲ୍ ମାରିନି ନବୀନ ଇଞ୍ଜିନ, ସବୁବେଳେ ଚାଲିବ'




ଭୁବନେଶ୍ୱର, ୨୯।୪ (ସବ୍ୟୁ) : ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ସୋମବାର ମାଲକାନଗିରିରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର କରଛନ୍ତି ।ଆରମ୍ଭରୁ ବିରୋଧୀଙ୍କ ଉପରେ ଜୋରଦାର ଆକ୍ରମଣ ସହ ସମାଲୋଚନା କରିଥିଲେ । ଏ ବିଶାଳ ସମାବେଶ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆପଣମାନଙ୍କ ସ୍ନେହ ଓ ଭଲ ପାଇବାର ପ୍ରତୀକ । ଏସବୁ ଦେଖି ବିରୋଧୀଙ୍କ ନିଦ ହଜିଯାଉଛି । ବିଜେପି କ୍ଷମତାକୁ ଆସିଲେ ମିଶନ ଶକ୍ତି ବନ୍ଦ କରିଦେବେ, ମା'ମାନଙ୍କ ଦୁବାଇ ଗସ୍ତ ବନ୍ଦ କରିଦେବେ । ପୁଣି ଥରେ ଘର ଭିତରେ ବନ୍ଦ କରି ରଖିବେ । ଆପଣମାନେ ସତର୍କ ରୁହନ୍ତୁ । ନବୀନ ଇଞ୍ଜିନ କେବେ ବି ଫେଲ୍ ମାରିନି କି ମାରିବ ନାହିଁ । ନବୀନ ଇଞ୍ଜିନ ସବୁବେଳେ ଚାଲିବ, ଲୋକଙ୍କ ସମସ୍ୟା ସମାଧାନ କରିବ ବୋଲି ସେ କହିଥିଲେ ।

ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝୀଙ୍କ ସମେତ ମାଲକାନଗିରି ବିଧାନସଭା ପ୍ରାର୍ଥୀ ମାନସ ମାଡକାମି, ଚିତ୍ରକୋଣ୍ଡା ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକ ଓ କୋଟପାଡ ବିଧାନସଭା ପ୍ରାର୍ଥୀ ଚନ୍ଦ୍ରଶେଖର ମାଝୀଙ୍କ ପାଇଁ ଡବଲ ଶଙ୍ଖରେ ଭୋଟ ଦେଇ ଜିତାଇବାକୁ ଶ୍ରୀ ପାଣ୍ଡିଆନ ଆହ୍ୱାନ ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ, ରାଜ୍ୟ ବିଜେପି ମିଶନ ଶକ୍ତିର ମା'ମାନଙ୍କୁ ଅସମ୍ମାନ କରେ । ଧର୍ମେନ୍ଦ୍ର ପ୍ରଧାନ ଏପର୍ଯ୍ୟନ୍ତ ନୋମିନେସନ୍ ମଧ୍ୟ କରିନାହାନ୍ତି । କିନ୍ତୁ ମା'ମାନଙ୍କ ଦୁବାଇ ଗସ୍ତ ବନ୍ଦ କରିଦେଲେ । ଆପଣ ଚିନ୍ତା କରିପାରୁଛନ୍ତି ତ? କ୍ଷମତାକୁ ଆସିଲେ ସେ (୯ ପୃଷ୍ଠାରେ)

**ବିଜେପି କ୍ଷମତାକୁ ଆସିଲେ ମିଶନ ଶକ୍ତି ବନ୍ଦ କରିବ**


**ମାଲକାନଗିରିକୁ ମୁଖ୍ୟମନ୍ତ୍ରୀ ସବୁଠୁ ବେଶି ଭଲ ପାଆନ୍ତି**

**ସବୁ ବଡ ଯୋଜନା ମାଲକାନଗିରିରୁ ହିଁ ଆରମ୍ଭ ହୋଇଛି**

**ସପ୍ତଧାରା ଜଳସେଚନ ପ୍ରକଳ୍ପ ପାଇଁ ୪୦୦୦ କୋଟି**

**ଦେଶର କେଉଁ ସରକାର ଲୋକମାନଙ୍କୁ ହିସାବ ଦିଅନ୍ତି କି?**

**କେବଳ ନବୀନ ସରକାର ହିଁ କାମର ହିସାବ ଦିଅନ୍ତି**






## ସୁରତ ପରେ ଇନ୍ଦୋରରେ କଂଗ୍ରେସକୁ ଧକ୍କା

# ସାଂସଦ ପ୍ରାର୍ଥୀ ବିଜେପିରେ ମିଶିଲେ



ନୂଆଦିଲ୍ଲୀ, ୨୯।୪ : ସୁରତରେ ଯେଉଁଭଳି କଂଗ୍ରେସର ଲୋକସଭା ପ୍ରାର୍ଥୀ ନିର୍ବାଚନ ପୂର୍ବରୁ ବିଜେପିରେ ସାମିଲ ହୋଇଗଲେ ଓ ତାଙ୍କ ପ୍ରାର୍ଥିପତ୍ରକୁ ନାକଚ କରିଦିଆଗଲା । ଏବେ ମଧ୍ୟପ୍ରଦେଶର ଇନ୍ଦୋରରେ ସମାନ ଘଟଣା ଦେଖିବାକୁ ମିଳିଛି । କଂଗ୍ରେସର ମଧ୍ୟପ୍ରଦେଶ ଇନ୍ଦୋରରେ ପ୍ରାର୍ଥୀ ହୋଇଥିବା ବ୍ୟକ୍ତି ଜଣକ ନାମାଙ୍କନ ପ୍ରତ୍ୟାହାର କରି ଆଜି ବିଜେପିରେ ଯୋଗ ଦେଇଛନ୍ତି । ତାଙ୍କ ଫଟୋ ମଧ୍ୟପ୍ରଦେଶ ବିଜେପି ନେତା କୈଳାଶ ବିଜୟବର୍ଗ୍ୟାଙ୍କ ସହ ଗୋଟିଏ ଗାଡିରେ ଯାଉଥିବାର ଦେଖିବାକୁ ମିଳିଛି ।

ଏଭଳି ଭାବରେ ଏବେ କଂଗ୍ରେସ ପ୍ରାର୍ଥୀମାନଙ୍କୁ ଶୀକାର କରିବା ଲାଗି ଯୋଜନା ହୋଇଥିବା କୁହାଯାଉଛି । କଂଗ୍ରେସର ଇନ୍ଦୋର ଲୋକସଭା ପ୍ରାର୍ଥୀ ଅକ୍ଷୟକାନ୍ତି ବାମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କାର୍ଯ୍ୟ କରିବେ ବୋଲି ଘୋଷଣା କରି ଦଳରେ ଯୋଗ ଦେଇଛନ୍ତି । ଦଳର ସଭାପତି ଜେପି ନଡ୍ଡା ଓ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ତାଙ୍କୁ ସ୍ୱାଗତ କରିଛନ୍ତି । ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନରେ ସେ ନାମାଙ୍କନକୁ ପ୍ରତ୍ୟାହାର କରିନେଇଛନ୍ତି । ମେ' ୧୩ରେ ସେଠି ନିର୍ବାଚନ ହେବାର ଥିଲା । ଏହାଛଡା ଏଠାରେ ନିର୍ବାଚନ (୯ ପୃଷ୍ଠାରେ)

# ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀ ପୋଲିସର ସମନ



ନୂଆଦିଲ୍ଲୀ, ୨୯।୪ : ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କୁ ଦିଲ୍ଲୀ ପୋଲିସ ସମନ କରିଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କର ଏକ ସମ୍ପାଦିତ ଭିଡିଓକୁ ସେ ଅପ୍‌ଲୋଡ୍ କରିଥିବା ନେଇ ଦିଲ୍ଲୀ ପୋଲିସ ତାଙ୍କୁ ସମନ କରିଛି । ଏହାଛଡା ଆଉ ୪ ଜଣଙ୍କୁ ମଧ୍ୟ ସମନ କରାଯାଇଛି । ତେବେ ଶ୍ରୀ

**ସିବିଆଇ, ଇଡି ପରେ ଦିଲ୍ଲୀ ପୋଲିସ ବିଜେପିର ନୂଆ ଅସ୍ତ୍ର : ରେଭନ୍ତ**

ରେଡ୍ଡୀ ଅଭିଯୋଗ କରିଛନ୍ତି ଯେ ଏବେ ଦିଲ୍ଲୀ ପୋଲିସ ବିଜେପିର ନୂଆ ମଧ୍ୟମ ସାଜିଛି । ପୂର୍ବରୁ ସିବିଆଇ ଓ ଇଡିକୁ ବିଜେପି ବ୍ୟବହାର କରୁଥିଲା ଏବେ ଦିଲ୍ଲୀ ପୋଲିସକୁ ବ୍ୟବହାର କରାଯାଉଛି । ଏଥିଲାଗି ଆମେ ଭୟଭୀତ ନୁହେଁ ବୋଲି ସେ ଉଲ୍ଲେଖ କରିଛନ୍ତି ।

ଏହି ଭିଡିଓଟି ତେଲେଙ୍ଗାନା କଂଗ୍ରେସର ଅଫିସିଆଲ୍ ଏକ୍ସ ହ୍ୟାଣ୍ଡେଲରେ ସେୟାର କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଅଧିକାଂଶ ଦଳର (୯ ପୃଷ୍ଠାରେ)

# ୯.୬ କୋଟି ବ୍ୟାଙ୍କ ଠକେଇର ମୁଖ୍ୟ ଗିରଫ

ଭୁବନେଶ୍ୱର, ୨୯।୪ (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ୯.୬ କୋଟି ଟଙ୍କା ଠକେଇ ହୋଇଥିବା ଭଞ୍ଜପୁର ଥାନାରେ ଅଭିଯୋଗ କରିଥିଲେ ମୁଖ୍ୟ ପ୍ରବନ୍ଧକ (ଚିଫ୍ ମ୍ୟାନେଜର) ସୁଜାତା କାନୁନ୍‌ଗୋ । ଚଳିତମାସ ୧୯ ତାରିଖରେ ସେ ଅଭିଯୋଗ କରିବା ପରେ ସେହି ଥାନାରେ ମାମଲା ରୁଜୁ ହୋଇଥିଲା । ପରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମାମଲାର ତଦନ୍ତ ଭାର ନେବାପରେ ମଧ୍ୟପ୍ରଦେଶ ବାଲଘାଟରୁ ଗତ ୨୬ ତାରିଖ ଦିନ ମୁଖ୍ୟ ଅଭିଯୁକ୍ତ ପୋମେଶ ଡେମ୍ବାରେ ଓରଫ ପୋମେଶ ତିମତ୍‌ରେ (୯ ପୃଷ୍ଠାରେ)

# କଂଗ୍ରେସ ଛାଡିଲେ ଦୁଲାଲ ପ୍ରଧାନ

ସମ୍ବଲପୁର, ୨୯।୪ (ସବ୍ୟୁ) : ସମ୍ବଲପୁର ଲୋକସଭା ଆସନ ପାଇଁ ପୂର୍ବରୁ କଂଗ୍ରେସ ଦଳ ଦୁଲାଲ ଚନ୍ଦ୍ର ପ୍ରଧାନ ନାମ ଘୋଷଣା କରିଥିଲା । ମାତ୍ର ଗତ ୨୮ତାରିଖ ରାତିରେ ଦଳ ପ୍ରାର୍ଥୀ ପରିବର୍ତ୍ତନ କରିଛି । ପୂର୍ବତନ ସାଂସଦ ଓ ଗଣଶିକ୍ଷା ମନ୍ତ୍ରୀ ନଗେନ୍ଦ୍ର କୁମାର ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିଛି । ପୂର୍ବ ଘୋଷିତ ପ୍ରାର୍ଥୀ ଦୁଲାଲଙ୍କୁ ନାମ ପରିବର୍ତ୍ତନ ପରେ ରାଜନୈତିକ ହଲଚଲ ସୃଷ୍ଟି ହୋଇଛି । କଂଗ୍ରେସ ପ୍ରାର୍ଥୀ ପରିବର୍ତ୍ତନ ଘୋଷଣା କରିବା କିଛି ଘଣ୍ଟା ପରେ ଦୁଲାଲ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କର ଇସ୍ତଫା ପତ୍ରକୁ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ୍‌କୁ ପଠାଇ ସମ୍ବଲପୁରର ଭବିଷ୍ୟତ ନେଇ କେବେ ହେଲେ ସାଲିସ କରିବେ ନାହିଁ ବୋଲି ଜଣାଇଛନ୍ତି । ତେବେ ଦୁଲାଲଙ୍କ ଇସ୍ତଫା ପରେ ସୃଷ୍ଟି ହୋଇଥିବା ଅଡୁଆକୁ କଂଗ୍ରେସ ଦଳ କିପରି ସାମ୍ନା କରିବ ତାହା ସମସ୍ତଙ୍କ ନଜର ।

କଂଗ୍ରେସର ଦୁଲାଲ ଚନ୍ଦ୍ର ପ୍ରଧାନ ଗତ ୩୩ବର୍ଷ ହେବ ଦଳରେ ରହି ନିଃସ୍ୱାର୍ଥପର ସେବା କରି ଆସୁଥିଲେ । ବର୍ତ୍ତମାନ ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ । ସେ ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ଉପସଭାପତି (୯ ପୃଷ୍ଠାରେ)

## ନାମାଙ୍କନ ଦାଖଲ ଲାଗି ଶୋଭାଯାତ୍ରାରେ କମ୍ପୁଛି ରାଜ୍ୟ


# ହିଞ୍ଜିଳିରୁ ଆଜି ପ୍ରାର୍ଥିପତ୍ର ଦାଖଲ କରିବେ ନବୀନ



ଭୁବନେଶ୍ୱର, ୨୯।୪ (ସବ୍ୟୁ) : ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ମେ' ୧୩ରେ ଭୋଟ୍ ଗ୍ରହଣ କରାଯିବ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ମେ' ୨୦ରେ ଭୋଟ୍ ଗ୍ରହଣ ହେବ । ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି । ମେ' ୨୫ରେ ଏଥିଲାଗି ଭୋଟ୍ ଗ୍ରହଣ ହେବ । ମେ' ୨୫ରେ ସମ୍ବଲପୁର, କେନ୍ଦୁଝର, ଢ଼େଙ୍କାନାଳ, କଟକ, ଭୁବନେଶ୍ୱର, ପୁରୀ ଲୋକସଭା ଆସନ ସମେତ ଏହାର ଅନ୍ତର୍ଗତ ୪୨ ବିଧାନସଭା ଆସନରେ ନିର୍ବାଚନ ହେବ । ଏହି ସବୁ ଆସନ ଲାଗି ନାମାଙ୍କନ ଦାଖଲ ଆରମ୍ଭ ହୋଇଯାଇଛି । ମେ' ୬ ପର୍ଯ୍ୟନ୍ତ ଚାଲିବ ଓ ୭ରେ ନାମାନଙ୍କନ ଯାଞ୍ଚ ଓ ୯ ତାରିଖ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିହେବ । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳି ଆସନ ପାଇଁ ନାମାଙ୍କନ ଦାଖଲ କରିବେ । ସେହିଭଳି ସମ୍ବଲପୁର ଲୋକସଭା ଆସନ ଲାଗି ପ୍ରଣବ ପ୍ରକାଶ ଦାସ ମଧ୍ୟ ଆସନ୍ତାକାଲି ନାମାଙ୍କନ ଦାଖଲ କରୁଛନ୍ତି ।

ଅନ୍ୟ ନିର୍ବାଚନମଣ୍ଡଳିଗୁଡିକରେ ଆଜି ନାମାଙ୍କନ ଦାଖଲ ହୋଇଛି । ପ୍ରାର୍ଥୀଙ୍କ ଶୋଭାଯାତ୍ରା ଓ ସ୍ଲୋଗାନରେ ରାସ୍ତାଘାଟ କମ୍ପୁଛି । ମୁଖ୍ୟମନ୍ତ୍ରୀ କାଲି ୧୦.୨୦ରେ ଭୁବନେଶ୍ୱର ବିମାନ ବନ୍ଦରରୁ ହିଞ୍ଜିଳି ଯିବେ ଓ ୧୧.୧୫ରେ ତାରାତାରିଣି ମନ୍ଦିରରେ ପୂଜାର୍ଚ୍ଚନା କରିବେ । ଏହାପରେ ୧୨.୩୫ରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ଦାଖଲ କରିବେ । ମୁଖ୍ୟମନ୍ତ୍ରୀଙ୍କ ସହ ବିଜେପି ନେତା କାର୍ତ୍ତିକ ପାଣ୍ଡିଆନ ଓ ଅନ୍ୟ ନେତାମାନେ ମଧ୍ୟ ଉପସ୍ଥିତ ରହିବେ । ୨୦୦୦ ମସିହାରୁ ହିଞ୍ଜିଳିରୁ ବିଧାୟକ ଭାବେ ନବୀନ ଜିତି ଆସୁଛନ୍ତି । ସେ ସଠାରୁ ୫ ଥର ନିର୍ବାଚିତ ହୋଇଥିବାବେଳେ ଏଥର ଷଷ୍ଠ ଥର ପାଇଁ ନିର୍ବାଚନ ଲଢୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କର (୯ ପୃଷ୍ଠାରେ)






ଆର୍ଟିଆଲ ଫିବ୍ରିଲାସନ୍ ବା ଏଫିବ୍ ସମସ୍ୟା ଯେତେବେଳେ ହାର୍ଟ ବିଟ୍‌ରେ ଅସୁବିଧା ହେଲେ ଦେଖିବାକୁ ମିଳିଥାଏ । ସାଧାରଣତଃ ଯେତେବେଳେ ହାର୍ଟ ବିଟ୍ ଇର୍‌ରେଗୁଲାର କିମ୍ବା ଖୁବ ଜଲଦି ଜଲଦି ହୁଏ ସେତେବେଳେ ଏହି ସମସ୍ୟା ଥିବାର ଆଶଙ୍କା କରାଯାଇପାରିବ । ଏହି ସମସ୍ୟା କାରଣରୁ ହାର୍ଟରେ ବ୍ଲଡ କ୍ଲଟ ହେବାର ସମ୍ଭାବନା ରହିଥାଏ । ସେହିଭଳି ଏହା ଆମର ଷ୍ଟ୍ରୋକ, ହୃଦଘାତ ଓ ଅନନ୍ୟାନ ହାର୍ଟ ସମ୍ବନ୍ଧିତ ସମସ୍ୟାକୁ ବଢାଇଥାଏ । ଏହି ସମସ୍ୟାରେ ଆମର ହାର୍ଟରେ ଥିବା ଅପର ଚାମ୍ବର ଲୋୟର ଚାମ୍ବର ସହ କୋଡିନେଟ୍ କରି ପାରି ନଥାଏ । ଯାହା ଫଳରେ ରୋଗୀଙ୍କୁ ଗୁରୁତର ସମସ୍ୟା ହୋଇଥାଏ । ଏହି ସମସ୍ୟା ବେଳେବେଳେ ଖୁବ କମ ସମୟ ପାଇଁ ଦେଖିବାକୁ ମିଳିଥାଏ, ବେଳେବେଳେ ଖୁବ ଅଧିକ । ଯଦି ଆପଣ ଏହାର କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



## ୯ କୋଟିରେ ନିଲାମ

ସମୁଦ୍ରର ଗଭୀର ଜଳରାଶିରେ ଟାଇଟାନିକ୍ ଜାହଜ ବୁଡିବାପରେ ଏଥିରୁ କିଛି ସାମଗ୍ରୀ ଉଦ୍ଧାର କରାଯାଇଥିଲା । ସେଥିରେ ଥିବା ଅନେକ ସାମଗ୍ରୀ ଭିତରୁ ଏକ ଘଣ୍ଟା ବର୍ତ୍ତମାନ ନିଲାମ ହୋଇଛି, ଯାହା ନିଜର ନିଲାମୀ ଦାମ ପାଇଁ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଏହି ଘଣ୍ଟାଟି ଏକ ଗୋଲ୍ଡ ପ୍ଲେଟେଡ୍ ୱାଚ, ଯାହା ଜାହଜରେ ଥିବା ସବୁଠାରୁ ଧନୀ ଲୋକଙ୍କର ଘଣ୍ଟା ବୋଲି ଜଣା ପଡିଛି । ଘଣ୍ଟାଟି ୯ କୋଟିରୁ ଅଧିକ ଟଙ୍କାରେ ନିଲାମ କରାଯାଇଛି । ଏହି ଘଡିଟି ଜନ୍ ଜାକୋବ୍ ଆଷ୍ଟର ନାମକ ଜଣେ ବ୍ୟବସାୟୀଙ୍କର । ନିଲାମ ପୂର୍ବରୁ ଏହାର ମୂଲ୍ୟ ୧.୫ କୋଟି ବୋଲି ଆକଳନ କରାଯାଇଥିଲା । ହେଲେ ନିଲାମରେ ଏହାର ମୂଲ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଟାଇଟାନିକ୍‌ରୁ ମିଳିଥିବା ଅନ୍ୟ ସାମଗ୍ରୀର ଏହି ନିଲାମୀ ମୂଲ୍ୟ ସବୁଠାରୁ ଅଧିକ । ପୂର୍ବରୁ ଏଥିରୁ ମିଳିଥିବା ଏକ ଭାୟୋଲିନ୍ ୯.୪୧ କୋଟିରେ ନିଲାମ ହୋଇଥିଲା । ଏଥିରୁ ମିଳିଥିବା ପ୍ରତିଟି ସାମଗ୍ରୀ ପଛରେ ଏକ ଦୁଃଖ କାହାଣୀ ଲୁଚି ରହିଛି । ମିଳିଥିବା ଭାୟୋଲିନ୍‌ଟି ଟାଇଟାନିକ୍ ଡେକ୍‌ର ଅରକେଷ୍ଟ୍ରା ଟିମ୍‌ର ମୁଖ୍ୟଙ୍କର । ଏହି ଭଳି ଅନେକ ସାମଗ୍ରୀ ଟାଇଟାନିକ୍‌ରୁ ଉଦ୍ଧାର କରାଯାଇଥିଲା, ଯାହାକୁ ପରେ ନିଲାମ କରାଯାଉଛି । ସୂଚନା ଅନୁସାରେ ୧୯୧୨ ଏପ୍ରିଲ୍ ୧୫ ତାରିଖରେ ଟାଇଟାନିକ୍ ଜାହଜ ପାଣିରେ ଥିବା ବରଫ ପାହାଡରେ ମାଡ ହୋଇ ବୁଡିଯାଇଥିଲା ।





## ଆଡଜଷ୍ଟ ପାଇଁ ଲାଗିଥିଲା ସମୟ

ପ୍ରିୟଙ୍କା ଚୋପ୍ରା ବର୍ତ୍ତମାନ ବଲିଉଡ ସହିତ ହଲିଉଡର ମଧ୍ୟ ଜଣେ ପରିଚିତ ନାୟିକା ପାଲଟି ସାରିଛନ୍ତି । ସେ ଆମେରିକା ସିଙ୍ଗିଙ୍ଗ୍ ଷ୍ଟାର ନିକ୍ ଜୋନସଙ୍କୁ ବିବାହ ପରେ ଆମେରିକାରେ ହିଁ ରହୁଛନ୍ତି । ତେବେ ତାଙ୍କୁ ବିବାହ ପରେ ପ୍ରଥମରୁ ସେଠିକାର କଲ୍‌ଚରକୁ ଆପଣାଇବାରେ ଅନେକ ଅସୁବିଧା ହୋଇଥିବା ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ୨୦୧୮ରେ ଏହି ଦୁଇ ସେଲିବ୍ରିଟି ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ତେବେ ଉଭୟଙ୍କୁ ବିବାହର ପ୍ରଥମରୁ ଅନେକ ଆଡଜଷ୍ଟ କରିବାକୁ ପଡିଛି ବୋଲି ପ୍ରିୟଙ୍କା ମତ ଦେଇଛନ୍ତି । ଉଭୟଙ୍କୁ ପରସ୍ପରଙ୍କର କଲଚରକୁ ବୁଝିବାକୁ ଖୁବ ଅଧିକ ସମୟ ଲାଗିଥିଲା । ଆମେରିକାନ କଲଚର ଓ ଇଣ୍ଡିଆନ କଲଚରରେ୍ କିଛି ଫରକ ରହିଛି, ଯାହାକୁ ପ୍ରଥମେ ଆଡଜଷ୍ଟ କରିବାକୁ ପ୍ରିୟଙ୍କାଙ୍କୁ ମଧ୍ୟ ସମୟ ଲାଗିଥିଲା । ହେଲେ ଧୀରେଧୀରେ ଉଭୟ ଏହାକୁ ଶିକ୍ଷିଯାଇଥିଲେ, ଯେଉଁ କାରଣରୁ ଦୈନନ୍ଦିନ ଜୀବନରେ ଆଉ କିଛି ଅସୁବିଧା ଦେଖିବାକୁ ମିଳିନଥିଲା । ପ୍ରଥମରୁ ଏଥିପାଇଁ ପ୍ରିୟଙ୍କାଙ୍କୁ ଖୁବ କଷ୍ଟ ହୋଇଥିଲା କିନ୍ତୁ ପରେ ସେ ଆଡଜଷ୍ଟ କରିନେଇଥିବା ପ୍ରକାଶ କରିଛନ୍ତି । ବର୍ତ୍ତମାନ ଏଭଳି କୌଣସି ସମସ୍ୟା ନଥିବା ସେ ପ୍ରକାଶ କରିଛନ୍ତି । ଉଭୟ ବର୍ତ୍ତମାନ ଦୁଇଟି ଯାକ ଚଳଣିକୁ ବୁଝିବା ସହିତ ଆରାମରେ ଗ୍ରହଣ ମଧ୍ୟ କରି ସାରିଛନ୍ତି ।

## ସୋସିଆଲ କୋଟ୍ସ




ଟିଭି ଆକ୍ଟରମାନଙ୍କୁ ବିଟାଉନରେ କାମ ମିଳିବା ସବୁବେଳେ କଷ୍ଟ ହୋଇଥାଏ । ଫିଲ୍ମ ଛାଡ ୱେବ ସିରିଜ୍‌ରେ ମଧ୍ୟ କାମ ମିଳି ନଥାଏ । ଏହି ଟ୍ୟାଗ ଆମକୁ କଷ୍ଟ ଦେଇଥାଏ ।

ରାହୁଲ ସୁଧୀର, ଅଭିନେତା



ଯେଉଁମାନେ ମିଡିଆ ସାମନାରେ ଅଧିକ ମିଠା ମିଠା କଥା କୁହନ୍ତି, ଏମାନେ ତାଙ୍କୁ ଲାଜବନ୍ତୀର ଆଖ୍ୟା ଦେଇଥାଆନ୍ତି । ତେଣୁ ମୁଁ ସେଭଳି ଲାଜବନ୍ତୀ ହୋଇ ପାରିବି ନାହିଁ ।

ତାପସୀ ପନ୍ନୁ, ଅଭିନେତ୍ରୀ



ବାପା ପ୍ରମିସ କରୁଛି ଯେତେ କଷ୍ଟ ହେଲେ ବି ପରିବାର ପାଇଁ ଲଢିବି । ଜୀବନରେ ହାରିବି ନାହିଁ। ତୁମେ ମୋତେ ଯାହା ଶିଖାଇଛ ତାହାକୁ କାମରେ ଲଗାଇବି ।

ବାବିଲ୍ ଖାନ୍, ଅଭିନେତା

## ଇତିହାସ

୧୮୮୬ – ଆମେରିକାର ଚିକାଗୋରେ ଶ୍ରମିକ ଦିବସ ପାଳନ ।
୧୯୧୪ – ପ୍ରଥମ ଥର ପାଇଁ କାର ନିର୍ମାଣ କମ୍ପାନୀ ଫୋର୍ଡ ନିଜ କର୍ମଚାରୀଙ୍କ ପାଇଁ ୮ ଘଣ୍ଟା କାର୍ଯ୍ୟ ସମୟ ସ୍ଥିର କରିଥିଲା ।
୧୯୧୯ – କଣ୍ଠଶିଳ୍ପୀ ମନ୍ନାଦେ'ଙ୍କ ଜନ୍ମ ।
୧୯୨୩ – ଭାରତରେ ମେ ଦିବସ ପାଳନର ଆରମ୍ଭ ।
୧୯୬୦– ମହାରାଷ୍ଟ୍ର ଏବଂ ଗୁଜରାଟ ଅଲଗା ଅଲଗା ରାଜ୍ୟ ଭାବେ ଗଠିତ ।
୧୯୭୨ – ଦେଶରେ କୋଇଲା ଖଣିର ଜାତୀୟକରଣ ।
୧୯୮୮ – ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କର ଜନ୍ମ ।

## ଡିଜନୀ ସହର

ଅନେକ ସମୟରେ ଏଭଳି ସହରର ସନ୍ଧାନ ମିଳିଥାଏ ଯାହା ଅନେକ ଦିନରୁ ଲୋକଙ୍କ ବ୍ୟବହାରରେ ଆସିନଥାଏ । ସେହିଭଳି ଏକ ସହର ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ତେବେ ଏହି ସହରଟି ନିଜର ଲୁକ୍ ପାଇଁ ବିଶେଷବାବେ ଭାଇରାଲ ହେଉଛି । ତୁର୍କୀରେ ଠାବ ହୋଇଥିବା ଏହି ସହରଟି ଦେଖିବାକୁ ଅବିକଳ ଡିଜନୀ ଲାଣ୍ଡ୍ ଭଳି । ଏଥିରେ ଥିବା ବିଲ୍ଡିଂ ଗୁଡିକ ଡିଜନୀ ଫିଲ୍ମରେ ଥିବା କାଷ୍ଟେଲ ଭଳି ଅବିକଳ ଦେଖିବାକୁ । ଏହି ସହରର ନାଁ ହେଉଛି ବୁର୍ଜ ଏଆଇ ବାବାସ୍, ଯାହା ପାଖାପାଖି ୨୫୦ ଏକର ଯମିରେ ବିସ୍ତାର ହୋଇଛି । ଏହି ସହରକୁ ନିର୍ମାଣ କରିବାକୁ ପାଖାପାଖି ୧୬୦ ମିଲିଅନ ଡଲାରର ବ୍ୟୟବରାଦ ହୋଇଥିଲା । ହେଲେ କନଷ୍ଟ୍ରକସନ୍ କମ୍ପାନୀ ଏହି ପ୍ରୋଜେକ୍ଟରେ ଖୁବ ଅଧିକ କ୍ଷତି ସହିବାରୁ କମ୍ପାନୀ ହିଁ ବନ୍ଦ ହୋଇଯାଇଥିଲା, ଯାହା ପରଠାରୁ ଏହି ସହର ମଧ୍ୟ ଅବ୍ୟବହୃତ ହୋଇ ପଡି ରହିଛି । ୨୦୧୪ରେ ଏହି ସହରର ନିର୍ମାଣ ଆରମ୍ଭ ହୋଇଥିଲା ଯେଉଁଥିରେ ସପିଂ ସେଣ୍ଟର, ୱାଟର ପାର୍କ, ପୁଲ୍ ଭଳି ସମସ୍ତ ସୁବିଧା ଦିଆଯିବାର ଯୋଜନା ରହିଥିଲା । ତେବେ ଏହି ସହରର ମାତ୍ର ୬୦ ପ୍ରତିଶତ କାମ ସରିଛି । ଏହାପରେ କମ୍ପାନୀ ଦେବାଳିୟା ହୋଇଯାଇଥିଲା ଯେଉଁ କାରଣରୁ ଏହାର ନିର୍ମାଣ କାମ ବନ୍ଦ ହୋଇ ଯାଇଥିଲା ।




## ଭାଇରାଲ ବେବିସାୱାର୍

ଆଜିକାଲି ଛୁଆ ଜନ୍ମ ହେବା ଆଗରୁ ସାଦଖିଆ ବା ବେବିସାୱାର୍‌କୁ ଖୁବ ଧୁମଧାମରେ ପାଳନ କରୁଛନ୍ତି । ଇଣ୍ଟରନେଟ୍‌ରେ ସେହିଭଳି ଏକ ବେବିସାୱାର ପାର୍ଟି ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ହେଲେ ଏହି ବେବିସାୱାର ପାର୍ଟିଟି କୌଣସି ମହିଳା ନୁହେଁ ବର୍ତ୍ତମାନ ଗୋଟିଏ ପୋଷା କୁକୁର ପାଇଁ ରଖାଯାଇଛି । ଅନେକ ସମୟରେ ପୋଷା କୁକୁରଙ୍କୁ ନେଇ ଅନେକ ସୁନ୍ଦର ସୁନ୍ଦର ଭିଡିଓ ଭାଇରାଲ ହୋଇଥାଏ । ସେହିଭଳି ଏହି ଭିଡିଓଟିରେ ମଧ୍ୟ ଖୁବ ସୁନ୍ଦର ସୁନ୍ଦର ପ୍ରତିକ୍ରିୟା ଦେଖିବାକୁ ମିଳିଛି । ଗୋଟିଏ ପରିବାର ନିଜର ପୋଷା କୁକୁରର ବେବିସାୱାରକୁ ଖୁବ ଧୁମଧାମରେ ପାଳନ କରୁଥିବା ଦେଖିବାକୁ ମିଳିଛି । ସେମାନେ ଉଭୟ କୁକୁରଙ୍କୁ ଡ୍ରେସ ପିନ୍ଧାଇ ସଜ କରି ଏହି ସେଲିବ୍ରେସନ ପାଇଁ ରେଡି କରିଛନ୍ତି । ଫଙ୍କସନ୍‌ର ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।



## ଆନ୍ନାମ୍ ଗନ୍‌ଜି

ପ୍ରଥମେ ଭାତକୁ ରାନ୍ଧି ଥଣ୍ଡା କରି ନିଅନ୍ତୁ । ଏହାପରେ ଏଥିରେ ଦହି, ଲୁଣ ଓ ଜୁଆଣି ମିଶାଇ ନିଅନ୍ତୁ । ସମସ୍ତ ସାମଗ୍ରୀକୁ ମିଶାଇ ଗୋଟିଏ ଦିନ ପୂର୍ବ ରାତିରୁ ରଖି ନିଅନ୍ତୁ । ସକାଳୁ ଏହାକୁ ଭଲ କରି ଗୋଳାଇ ନିଅନ୍ତୁ । ଏଥିରେ ଧନିଆ ପତ୍ର,କଞ୍ଚା ଲଙ୍କା, ଆମ୍ବ କସିଆ ଅଦା ଆଦି ମିଶାଇ ପାରିବେ । ଏହାକୁ ଆଚାର ଲଗାଇ ଖିଆଯାଇଥାଏ । ଏଥିରେ କାକୁଡି କିମ୍ବା ଆଳୁ ଚଟଣି ସହିତ ଖାଇପାରିବେ । ଏହାକୁ ଦକ୍ଷିଣ ଭାରତରେ ଆନ୍ନାମ ଗନ୍‌ଜ କୁହାଯାଉଥିବାବେଳେ ଓଡ଼ିଶାରେ ଦହି ପଖାଳ କୁହାଯାଇଥାଏ ।







ମାଲକାନାଗିରିରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର କଲେ କାର୍ତ୍ତିକ ପାଣ୍ଡିଆନ୍

## ଚୌଦ୍ୱାର-କଟକରେ ବଳ ବଢାଉଛି ବିଜେଡି
# ଶତାଧିକ ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ

କଟକ, (ସ୍ୱପ୍ର): ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ବଳ ବଢାଉଛି ବିଜେଡି। ସ୍ଥାନୀୟ ଜଗତପୁର ୪୯ନଂ ୱାର୍ଡର ବିଜେପି ଯୁବମୋର୍ଚ୍ଚାର ଶତାଧିକ କର୍ମକର୍ତ୍ତା ମାନେ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି । ଏହି ବିଜେପି ଯୁବ କର୍ମକର୍ତ୍ତାଙ୍କୁ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଦଳୀୟ ଉତ୍ତରୀୟ ଦେଇ ବିଜେଡିକୁ ସ୍ୱାଗତ କରିଥିଲେ । ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଗତପୁର ୪୯ନଂ ୱାର୍ଡର ଏହି ବିଜେପି ଯୁବ କର୍ମକର୍ତ୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶ ଓ ପ୍ରାକ୍ତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ସେବାମୂଳକ କାର୍ଯ୍ୟପ୍ରତି ଆକୃଷ୍ଟ ହୋଇ ବିଜେଡିରେ ସାମିଲ ହୋଇଥିବା ପ୍ରକାଶ କରିଥିଲେ । ସେମାନେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ ପୁଣି ଥରେ ବିଧାୟକ କରି ଅଞ୍ଚଳର ବିକାଶ ଧାରାକୁ ଆଗକୁ ନେବାକୁ ଚାହୁଁଛନ୍ତି ବୋଲି ଅଜୟ ମାଝୀ, ରାଜା ରାୟ, ମୁନା ରାଉତ, ବୁବୁନା ସ୍ୱାଇଁ, ନିବାଶ ରାଉତ, ଗୋପାଳ ରାଉତ, ଚିନୁ ମଲ୍ଲିକ, ବ୍ରଜ ନାୟକ, ରାଜା ପ୍ରଧାନ, ମଣ୍ଟୁ ନାୟକ, କାଳିଆ ରାଉତ, ଆଲୋକ ପ୍ରଧାନ, ମୂଷା ପ୍ରଧାନ, କାଁହୁ



ସେଠି, ରାଜା ଦାସ, ତାପସ ପ୍ରଧାନ, ପାପୁନି ରାଉତ, ବିଷ୍ଣୁ ପ୍ରଧାନ, ପ୍ରମୋଦ ପ୍ରଧାନ ରାଜ କୁମାର ବେହେରା, ଉଲ୍ଲାଷ ବେହେରା, ଅମୀୟ ରଞ୍ଜନ ପ୍ରଧାନ, ରାମବାବୁ ଶର୍ମା, ବିନୋଦ ସାହୁ, ବାଙ୍କ ବିହାରୀ ଜେନା, ମାନସ ପ୍ରଧାନ, ରାକେଶ ଜେନାଙ୍କ ସହିତ ଶତାଧିକ କର୍ମୀ କହିବା ସହ ବିଜେପି ଦଳ ଛାଡି ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ଯୋଗଦାନ କରିଥିଲେ । ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ ସେମାନଙ୍କୁ ଦଳକୁ ସ୍ୱାଗତ କରିବା ସହ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଚୌଦ୍ୱାର କଟକ ଯୁବ ସଭାପତି ଅଶୋକ ମିଶ୍ର ଓ ଚୌଦ୍ୱାର କଟକ ଯୁବ ଉପସଭାପତି ବିଶ୍ୱରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେପି ପ୍ରାର୍ଥୀ ଆଶ୍ରିତଙ୍କ ନାମାଙ୍କନପତ୍ର ଦାଖଲ

ପିପିଲି (ସବ୍ୟୁ): ଦେଶ ତଥା ରାଜ୍ୟ ରେ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସୋମବାର ଦିନ ପିପିଲି ବିଧାନସଭା ଆସନ ପାଇଁ ଆଶ୍ରିତ ପଟ୍ଟନାୟକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି. ଆଶ୍ରିତ ଏବଂ ପୁରୀ ଲୋକସଭା ପ୍ରାର୍ଥୀ ସମ୍ବିତ ପାତ୍ର ଉକ୍ତ ଦିନ ପୂର୍ବାହ୍ନ ଦଶଟା ବେଳେ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଙ୍କ ଗହଣରେ ପାଞ୍ଚ ହଜାରରୁ ଉର୍ଦ୍ଧ ବାଇକ ଶୋଭାଯାତ୍ରାରେ ଉତ୍ତରା ଛକ ରୁ ବାହାରି ପିପିଲି ବଜାର ଦେଇ ପୁରୀ ପର୍ଯ୍ୟନ୍ତ ଯାଇ ସେଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି. ଏହି ଶୋଭାଯାତ୍ରାରେ ଦଶହଜାରରୁ ଉର୍ଦ୍ଧ ଜନ ସମାଗମ ହୋଇଥିବାର ଦେଖିବାକୁ ମିଳିଛି.ପୁରୀ ଜାତୀୟ ରାଜପଥର ବିର୍ଭିନ୍ନ ଛକ ମାନଙ୍କରେ ଜନ ସମାଗମ ପାରିଲିକ୍ଷିତ ହୋଇଥିଲା.ବିଜେପି କର୍ମୀଙ୍କ ମହଲରେ ବେଶ ଉତ୍ସାହ ଦେଖିବାକୁ ମିଳିଛି ।

# ନାମାଙ୍କନପତ୍ର ଦାଖଲ କଲେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ



ଆଠଗଡ଼ (ସବ୍ୟୁ): ସୋମବାର ଚଳିତ ବିଧାନସଭା ନିର୍ବାଚନ ପାଇଁ ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ସକାଳୁ ସକାଳୁ ବାବା ଧବଳେଶ୍ୱରଙ୍କୁ ପୂଜା ଅର୍ଚ୍ଚନା କରି କୁସପଙ୍ଗି ଠାରେ ସେ ପହଞ୍ଚିଥିଲେ । ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଚିରାଚରିତ ଢ଼ଙ୍ଗରେ ସବୁଥର ପରି ଏଥର ମଧ ତାଙ୍କ ପୁରୁଣା ସ୍କୁଟର ଚଳାଇ ଆସୁଥିବା ଦେଖିବାକୁ ମିଳିଥିଲା ଏବଂ କଟକ ଲୋକସଭା ନିର୍ବାଚନମଣ୍ଡଳୀ ର ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଆସୁଥିବା ବେଳେ ବାଟରେ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଉଥିବା ଦେଖିବାକୁ ମିଳିଥିଲା । ହଜାର ହଜାର ମୋଟର ସାଇକେଲ ଶୋଭାଯାତ୍ରାରେ ନିଜ ସମର୍ଥକ ମାନଙ୍କ ଶୋଭାଯାତ୍ରା ରେ ଆସି ରଥଗଡା ଛକ ନିକଟରେ ପହଞ୍ଚିଥିଲେ । ସେଠାରୁ ବାଜା ବାଣ ରୋସଣୀରେ ବଜାର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ନିର୍ବାଚନ ରିଟର୍ଣ୍ଣି ଅଫିସର ତଥା ଆଠଗଡ଼ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଙ୍କୁ ସେ ତାଙ୍କର ଚାରି ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଓଡ଼ିଶାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନବମ ଥର ପାଇଁ ରାଜ୍ୟର ଅନ୍ୟତମ ହେଭିୱେଟ ନେତା ଭାବରେ ପରିଚିତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ପରେ ଆଠଗଡ଼ ମହୋତ୍ସବ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭା ରେ କର୍ମୀ ମାନଙ୍କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଦବୋଧନ ଦେଇଥିଲେ ।

## ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପ୍ରଚାର
# ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରି ରାଜ୍ୟକୁ ୧ ନମ୍ବର କରିବା

ଭୁବନେଶ୍ୱର (ସବ୍ୟୁ): ଚଳିତବର୍ଷ ଓଡ଼ିଶାରେ ପ୍ରଥମ ଥର ପାଇଁ ବିଜେପି ସରକାର ଓ କେନ୍ଦ୍ରରେ ତୃତୀୟ ଥର ପାଇଁ ବିଜେପି ସରକାର ହେବ । ଓଡ଼ିଶାରେ ସର୍ବାଧିକ ସିଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସପକ୍ଷରେ ଯିବ । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରି ଆମ ରାଜ୍ୟ ଓଡ଼ିଶାକୁ ଏକ ନମ୍ବର ରାଜ୍ୟ ଭାବରେ ଗଢି ତୋଳିବା ପାଇଁ ବିଜେପିକୁ ଭୋଟ୍ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋମବାର ଶ୍ରୀ ପ୍ରଧାନ ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି । ପ୍ରଥମେ ଶ୍ରୀ ପ୍ରଧାନ ଏହି ନିର୍ବାଚନମଣ୍ଡଳୀର କୃତିବାସପୁରରେ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ ସିଦ୍ଧେଶ୍ୱର ସାହୁ, ସର୍ବେଶ୍ୱର ପ୍ରଧାନଙ୍କ ସମେତ ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ଶତାଧିକ ନେତା, କର୍ମୀ ଏବଂ ସମାଜସେବୀଙ୍କୁ ଦଳରେ ସ୍ୱାଗତ କରିଥିଲେ । ପରେ ଠାକୁରପଡାରେ ଅନୁଷ୍ଠିତ ବିଶାଳ ରୋଡ ସୋ'ରେ ସାମିଲ ହୋଇ ବିଜେପିକୁ ଆଶୀର୍ବାଦ କରିବା ପାଇଁ ନିବେଦନ କରିଥିଲେ । ଏହା ପରେ ଠାକୁରପଡାରେ ଦଳ ପକ୍ଷରୁ ଅନୁଷ୍ଠିତ ପରିବର୍ତ୍ତନ ସମାବେଶ ଓ ମିଶ୍ରଣ ପର୍ବରେ




ଯୋଗଦେଇଥିଲେ କେନ୍ଦ୍ରମନ୍ତ୍ରୀ । ତାଙ୍କ ଉପସ୍ଥିତିରେ ବିଜେଡି ନେତା ପ୍ରକାଶ ଡଙ୍ଗାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ଶତାଧିକ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ । ସ କହିଛନ୍ତି ଯେ ଆଜିର ସମାବେଶ କେବଳ ପରିବର୍ତ୍ତନ ସମାବେଶ ନୁହେଁ । ଓଡ଼ିଆ ଅସ୍ମିତାର ସମାବେଶ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଠାଉଥିବା ସୁବିଧା ଗାଁ ଗହଳିରେ ଲୋକେ ପାଉଛନ୍ତି କି ? ପିଇବା ପାଣି ପାଉଛନ୍ତି କି ? ଜଳସେଚନ ହେଉଛି କି ? ସ୍କୁଲରେ ଶିକ୍ଷକ ଏବଂ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଅଛନ୍ତି କି? ସବୁ ବ୍ଲକରେ ଦୁର୍ନୀତି ହେଉଛି । ବିନା ଲାଞ୍ଚରେ କିଛି କାମ ହେଉନାହିଁ । ଲୁଟ୍ ହେଉଥିବାରୁ ଅପାର ସମ୍ଭାବନାର ରାଜ୍ୟରେ ବିକାଶ ହେଉନାହିଁ । ରୋଜଗାର ଉପଲବ୍ଧ କରିବାରେ ଓଡ଼ିଶା ବିଫଳ ହୋଇଛି । ମହିଳା ସୁରକ୍ଷାରେ ରାଜ୍ୟ ଶେଷ ତାଲିକାରେ ଅଛି । ସେହିପରି ଆଜି ପୁରୀ ସହରରେ ହଇଜା ହୋଇଛି । ଏପ୍ରିଲ ମାସରେ ହଇଜା ହେବା କ'ଣ ବିକାଶ କୁହାଯିବ ବୋଲି ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଦଳରେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଥିଲେ ସେ କହିଛନ୍ତି ଯେ ବିଜୁ ଜନତା ଦଳ ଓ କଂଗ୍ରେସ ଦଳରୁ ଆସିଥିବା କର୍ମୀଙ୍କୁ ସ୍ୱାଗତ କରି ଖୁସି ଅନୁଭବ କରୁଛି । ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଦଳରେ ମିଶିଥିବାରୁ ଧନ୍ୟବାଦ । ବୁଥ ସ୍ତରରେ ଆମର ସଂଗଠନ ଆହୁରି ସୁଦୃଢ ହେବ । ମୋଦୀଙ୍କ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ସେ ପରାମର୍ଶ ଦେଇଥିଲେ । ପ୍ରଚାର କାଳରେ ଶ୍ରୀ ପ୍ରଧାନ ଆଠମଲ୍ଲିକ ତିଳେଶ୍ୱର ମା' ପଥରପୁଞ୍ଜି ମନ୍ଦିରରେ ଦର୍ଶନ ଲାଭ କରିଥିଲେ ।

## ନିର୍ବାଚନ ରାଲିରେ ପିଲାଙ୍କୁ ବ୍ୟବହାର ଅଭିଯୋଗ
# ପୁଣି ବିଜେପି ନେତାଙ୍କ ବିରୁଦ୍ଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡ଼ି



ଭୁବନେଶ୍ୱର (ସବ୍ୟୁ): ବିଜେପି ନେତାମାନେ ନିର୍ବାଚନ ରାଲିରେ ଛୋଟ ପିଲାଙ୍କୁ ବ୍ୟବହାର କରୁଛନ୍ତି ବୋଲି ପୁଣି ଅଭିଯୋଗ କରିଛି ବିଜେଡ଼ି । ରବିବାର ପିଲାଙ୍କୁ ବ୍ୟବହାର ଉପରେ ରୋକ୍ ଲଗାଇବାକୁ ସିଇଓଙ୍କ ପକ୍ଷରୁ ସମସ୍ତ ଦଳକୁ ନିର୍ଦ୍ଦେଶନାମା ଜାରି ହୋଇଥିଲା । ତେବେ ସୋମବାର ପୁଣି ବିଜେପିର ଦୁଇ ସାଂସଦ ପ୍ରାର୍ଥୀଙ୍କ ବିରୁଦ୍ଧରେ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଫେରାଦ ହୋଇଛି ବିଜେଡ଼ି । ପୁରୀ ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର ପୁରୀ ଟାଉନ୍‌ରେ ଏକ ନିର୍ବାଚନ ରାଲିରେ ଶିଶୁମାନଙ୍କୁ ସାମିଲ କରିଥିବା ନେଇ ବିଜେଡ଼ି ଅଭିଯୋଗ କରିଛି । ଏହାଦ୍ୱାରା ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ହେବା ସହ ଶିଶୁ ଅଧିକାର କ୍ଷୁର୍ଣ୍ଣ ହୋଇଛି । ସେହିପରି ସମ୍ବଲପୁର ବିଜେପି ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ବି ନିର୍ବାଚନ ରାଲିରେ ଶିଶୁମାନଙ୍କୁ ବ୍ୟବହାର ନେଇ ଅଭିଯୋଗ କରିଛି ବିଜେଡ଼ି । ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଠମଲ୍ଲିକ ଏନ୍‌ଏସିରେ ଏକ ରାଲିରେ ଶିଶୁମାନେ ସାମିଲ ହୋଇଥିଲେ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବ ସହିତ ତାପମାତ୍ରା ୪୨ଡିଗ୍ରୀରେ ପିଲାମାନଙ୍କୁ ବ୍ୟବହାର ନେଇ ପ୍ରଶ୍ନ ଉଠାଇଛି ବିଜେଡ଼ି । ଉକ୍ତ ଘଟଣାର ତଦନ୍ତ କରି ପ୍ରାର୍ଥୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସିଇଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ବିଜେଡି ପ୍ରତିନିଧି ଦଳ । ଏହି ପ୍ରତିନିଧି ଦଳରେ ସାଂସଦ ସସ୍ମିତ ପାତ୍ର ଓ ସୁଲତା ଦେଓଙ୍କ ସମେତ ବହୁ ନେତୃମଣ୍ଡଳୀ ସାମିଲ ଥିଲେ ।

# ବିଜେପିରେ ଯୋଗ ଦେଲେ ଶତାଧିକ ବିଜେଡି ନେତା ଓ କର୍ମୀ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଜେଡି ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ ନିଜ ସମର୍ଥକଙ୍କ ସହ ବିଜେପିରେ ଯୋଗ ଦେଇଛନ୍ତି । ଶ୍ରୀ ନାୟକ ସହ ଲିଙ୍ଗିପୁର ପଂଚାୟତର ନିରନ ସାମନ୍ତରାୟ, ଧଉଳୀ ପଂଚାୟତ ମନମୋହନ ପ୍ରଧାନ, ବିନ୍ଦୁ ଶେଖର ସୁବୁଧି, ରାକେଶ କୁମାର ଜେନା, ନିତ୍ୟାନନ୍ଦ ନାୟକ, ବ୍ରଜ ମହାନା, ମାଧୁରୀ ଦାସ, ଯୁବ ନେତା ବିନ୍ଦୁସାଗର ପ୍ରଧାନ, ମୁକେଶ ଜେନା, ଶିଶୁପାଳଗଡର ସୌରଭ ନାୟକ, ଇଟିପୁର ପଂଚାୟତର ମନୋରନ ବରାଳ, ଦିନବନ୍ଧୁ ଜେନା, ପୁରୁଣା ଭୁବନେଶ୍ୱରର ଯୁବ ନେତା ବିଶ୍ୱଜିତ୍ ମଲ୍ଲିକ, ଉମା ମହାରଣା, ସୁଶୀଳ କୁମାର ସ୍ୱାଇଁ, ପ୍ରଦୀପ ପ୍ରଧାନ ପ୍ରମୁଖ ଆନୁଷ୍ଠାନିକଭାବେ ବିଜେପିରେ ଯୋଗ ଦେଇଛନ୍ତି । ସେହିପରି ଅମ୍ବିକା ଫାଉଣ୍ଡେସନର ପ୍ରତିଷ୍ଠାତା ଅମ୍ବିକା ମହାରଣା ନିଜ ସମର୍ଥକଙ୍କ ସହ ବିଜେପିରେ ଯୋଗ ଦେଇଛନ୍ତି ।



ଶ୍ରୀମତୀ ମହାରଣାଙ୍କ ସମେତ ସମାଜସେବୀ ସୁଜାତା ମିଶ୍ର, ବିଜେଡି ଯୁବ ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ଜେନା, ପୂର୍ବତନ କର୍ପୋରେଟର ଜ୍ୟୋସ୍ନାମୟୀ ଜେନା, ଆପ୍ ମୁଖପାତ୍ର ଟୁନା ସ୍ୱାଇଁ, ଆଇନଜୀବୀ ଶରତ କୁମାର ସ୍ୱାଇଁ, ବିଜେଡି ସଦସ୍ୟ ପ୍ରଶାନ୍ତ ମହାରଣା, ପ୍ରୀତିଶ୍ରୀ ବେହେରା, ସାଗରିକା ମିଶ୍ର, ତ୍ରିନାଥ ମହାରଣା, ରାହୁଳ ମହାରଣା, ପ୍ରସାଦ କୁମାର ସେଠୀ, ସିତୁନ ଜେନା, ପ୍ରମିତ ପରିଜା, ବିଦୁଲତା ମହାରଣା, କନକଲତା ମହାରଣା, କୁମାରୀ ସ୍ୱାଇଁ, ନୃସିଂହ ଚରଣ ପାତ୍ର, ଶରତ ସାହୁ, ବୈଷ୍ଣବ ପ୍ରଧାନ ପ୍ରମୁଖ ଆନୁଷ୍ଠାନିକଭାବେ ବିଜେପିରେ ଯୋଗ ଦେଇଛନ୍ତି ।

ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ଅପରାଜିତା ଷଡଙ୍ଗୀ ଓ ଜିଲ୍ଲା ସଭାପତି ବାବୁ ସିଂ ପ୍ରମୁଖ ନୂତନ ସଦସ୍ୟଙ୍କୁ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ପାର୍ଟୀରେ ସାମିଲ ହୋଇଥିବା ନୂତନ ସଦସ୍ୟଙ୍କୁ ୮୯୮୦୮୦୮୦୮୦ ନମ୍ବରରେ ଡାୟାଲ କରାଇ ଶ୍ରୀ ମହାନ୍ତି ସଦସ୍ୟତା କରାଇଥିଲେ। ଏହି ମିଶ୍ରଣ ପର୍ବରେ ବିଧାୟକ ପ୍ରଶାନ୍ତ ଜଗଦେବ, ରାଜ୍ୟ ସମ୍ପାଦକ ସରୋଜ କର, ବରିଷ୍ଠ ନେତ୍ରୀ ରଶ୍ମି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ନୀଳଗିରିରେ କଂଗ୍ରେସ ଟିକଟ ପାଇଁ ୨ ପୂର୍ବତନ ବିଧାୟକଙ୍କ ମଧ୍ୟରେ ଛକାପଞ୍ଝା

ନୀଳଗିରି, (ସବ୍ୟୁ) : ସାଧାରଣ ନିର୍ବାଚନ ସହିତ ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ ପ୍ରକିୟା ଆରମ୍ଭ ହୋଇଯାଇଥିବା ବେଳେ ନୀଳଗିରି ବିଧାନସଭା ଆସନ ପାଇଁ ୩ ପ୍ରମୁଖ ଦଳଙ୍କ ପ୍ରାର୍ଥୀ ଘୋଷଣା ବିଳମ୍ବ ହୋଇଥିବା ବେଳେ ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଜେଡ଼ି ବିଜେପି ମଧ୍ୟରେ ଛକାପଞ୍ଝା ଚାଲିଥିବା ବେଳେ କଂଗ୍ରେସର ମଧ ସମାନ ପରିସ୍ଥିତି । ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ କଂଗ୍ରେସ ଦଳର ରାଷ୍ଟ୍ରୀୟ ଚୟନ କମିଟି ଏବଂ ପ୍ରଦେଶ କଂଗ୍ରେସ କିମିଟିର ପ୍ରାର୍ଥୀ ଚୟନ ସୁପାରିଶ ହେଉଛି ଚୂଡ଼ାନ୍ତ ନିଷ୍ପତ୍ତି । ଏପରିସ୍ଥିତିରେ ନୀଳଗିରିରେ ବସି ନିଜକୁ ନିଜେ ଆତ୍ମ ଘୋଷିତ ପ୍ରାର୍ଥୀ କହିବାକୁ ନାପସନ୍ଦ କରିଛନ୍ତି ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ ।ଗତ ରବିବାର ଦିନ କଂଗ୍ରେସ ଭବନରେ ଆହୂତ ବୈଠକରେ କେତେକ କଂଗ୍ରେସ ସମର୍ଥକ ଯୋଗଦେଇ ଦଳର ସର୍ବୋଚ୍ଚ ନେତା ରାହୁଲଗାନ୍ଧୀ, ଇଣ୍ଡିଆ ମେଣ୍ଟ ଏବଂ ବାଲେଶ୍ୱରର କଂଗ୍ରେସ ସଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନାଙ୍କୁ ସମର୍ଥନ ଦେବା ସହିତ ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ନୀଳଗିରି ପାଇଁ ବିଶେଷ ଆଦୃତ୍ତ ଏବଂ ଜନସମର୍ଥିତ ପାର୍ଥୀଙ୍କୁ ଚୟନ କରିବା ସହିତ ନୀଳଗିରି ମାଟିରେ ସଦା ସର୍ବଦା ଲୋକଙ୍କ ସେବା କରୁଥିବା ନେତାଙ୍କୁ ପ୍ରାର୍ଥୀ ଘୋଷଣା କରିବାକୁ ଆହ୍ୱାନ ଦେଇଥିଲେ । ଗତ କିଛିଦିନ ତଳେ କଂଗ୍ରେସ ଦଳର କିଛି ଯୁବ ସଂଗଠକ ବୈଠକ କରି ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କୁ ଆଗାମୀ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ କରିବାକୁ ଦାବି କରିଥିଲେ । ରବିବାର ଆୟୋଜିତ ବୈଠକରେ ଶୀ ଷଡ଼ଙ୍ଗୀଙ୍କ ସମର୍ଥନରେ ଥିବା କଂଗ୍ରେସ ଦଳର କିଛି ସଦସ୍ୟ ମତ ଦେଇଥିବା ବେଳେ ଉଭୟ ବୈଠକରେ ଏଭଳି ନିଷ୍ପତ୍ତିକୁ ନାପସନ୍ଦ କରିଛନ୍ତି ପୂର୍ବତନ ବିଧାୟ ଚିତ୍ତରଂଜନ ଷଡ଼ଙ୍ଗୀ । ତେବେ ଦଳ ନୀଳଗିରି ବାସୀଙ୍କ ମତ ନେବା ସହିତ ଦୀର୍ଘବର୍ଷ ଧରି ଲୋକଙ୍କର ସୁଖଦୁଃଖରେ ସାମିଲ ଥିବା ଉପଯୁକ୍ତ ନେତାଙ୍କୁ ଟିକଟ ଦେବା ପାଇଁ ମତ ରଖିଥିଲେ । ଶ୍ରୀ ଷଡ଼ଙ୍ଗୀ ଦଳୀୟ ଟିକଟ ପାଇଲେ ବିଜୟୀ ସମ୍ଭାବନା ଅଧିକ ଥିବା ଦର୍ଶାଇ ଥିବାବେଳେ ଦଳର ହାଇକମାଣ୍ଡଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ନିଷ୍ପତ୍ତି ବୋଲି କହିଥିଲେ ।

# ବିଜେଡ଼ିରେ ମିଶିଲେ ଛତ୍ରପୁର ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ନେତା




ଭୁବନେଶ୍ୱର(ସବ୍ୟୁ): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଛତ୍ରପୁର ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ନେତା ଓ କର୍ମୀ ଶଙ୍ଖଭବନରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ମହାପାତ୍ର କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ପ୍ରତିକ୍ରିୟାରେ କହିଥିଲେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲୁ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଉଛୁ ।

ଏହି ମିଶ୍ରଣ ପର୍ବରେ ପୂର୍ବତନ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଶ୍ରୀନିବାସ ରେଡ୍ଡୀ, ଅନା ପାତ୍ର, ସୀମାଦ୍ରି ରେଡ୍ଡୀ, ଜ୍ୟୋତିରାଜ ମହାରଣା, ଉଦୟନାଥ, ବସନ୍ତ ଦାସ, ରଘୁନାଥ ପାତ୍ର, ବିଜୟଚନ୍ଦ୍ର ଗନ୍ତାୟତ, ରବୀନ୍ଦ୍ର ପ୍ରଧାନ, ରବୀନ୍ଦ୍ରନାଥ ସାହୁ, ଅଜୟ ପ୍ରଧାନ, କୈବଲ୍ୟ ପ୍ରଧାନ, ଭାସ୍କର ପ୍ରଧାନ, ନିର୍ମଳ ପ୍ରଧାନ, ବାଳକୃଷ୍ଣ ସେଠୀ, ଆଲୋକ ମଲ୍ଲିକ, ସୟ ପାତ୍ର, ସନ୍ତୋଷ ସାହୁ, ମନୋଜ ଗୌଡ, ଦୂର୍ଯ୍ୟୋଧନ ରେଡ୍ଡୀ, କାଳିଆ ଗୌଡ, ହରିବନ୍ଧୁ ରେଡ୍ଡୀ, ରଙ୍କ ଗୌଡ, ବିଜୁ ଗୌଡ, ସୁଶାନ୍ତ ମହାନ୍ତି, ପ୍ରତାପ ଗୌଡ, ଈଶ୍ୱର ରେଡ୍ଡୀ, ବୁଲୁ କୁମାର ସେଠୀଙ୍କ ସମେତ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଡକାୟତି ଯୋଜନା କରୁଥିବାବେଳେ ୫ ଗିରଫ, ମାରଣାସ୍ତ୍ର ଜବତ



ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡ଼ା କେନାଲ ରୋଡ୍‌ରେ ଥିବା ଏକ ପରିତ୍ୟକ୍ତ ଘରେ ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ପୋଲିସ ଖବରପାଇ ସେଠାରେ ଚଢ଼ାଉ କରିଥିଲା । ୫ ଜଣଙ୍କୁ କାବୁ କରିନେବା ସହ ସେମାନଙ୍କ ନିକଟରୁ ଖଣ୍ଡା, ୨ଟି ଛୁରୀ, କଟୁରୀ ଓ ଲୁହାଛଡ଼ ପ୍ରଭୃତି ଜବତ କରିଥିବା ପୋଲିସ କହିଛି । ଗିରଫ ୫ଜଣ ହେଲେ ଇସ୍କନ୍ ବସ୍ତିର ସନ୍ତ ଓରଫ ବିନୋଦ କୁମାର ବେହେରା (୩୧), ଧିରୁକୁଟି ସାହିର ଶଙ୍କର ନାୟକ (୧୯), ଚକେଇସିହାଣୀ ହାଡ଼ବାଇ ବସ୍ତିର କାଳିଆ ରାଜୁ ଦାସ (୨୯), ସେହି ହାଡ଼ବାଇ ବସ୍ତିର ହନୁମାନ ଓରଫ ଗୁଡୁ ଦାସ (୨୦) ଓ ସେହି ବସ୍ତିର ଗୋବିନ୍ଦ ଦାସ (୨୪) ।

ମଞ୍ଚେଶ୍ୱର, ରସୁଲଗଡ଼, ପଟିଆ ଅଞ୍ଚଳକୁ ଭୋଟପଡ଼ା ରାସ୍ତାଦେଇ ଯାତାୟାତ କରୁଥିବା ଲୋକଙ୍କଠାରୁ ଲୁଟ୍ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ପୋଲିସରେ କହିଛନ୍ତି । ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ହାଇକୋର୍ଟଙ୍କ ଐତିହାସିକ ରାୟ

# ଗୋବଂଶର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ) : ହାଇକୋର୍ଟ ଉକ୍ତ ରାୟରେ ଅନ୍ୟ ଏକ ରାୟରେ ବିଚାରବିଭାଗ ଧ୍ୟାନ ଫାଉଣ୍ଡେସନର ଆବେଦନକୁ ଅତି ଗୁରୁତର ସହିତ ନେଇ ମାଲିକଙ୍କୁ ତାଙ୍କ ଦ୍ୱାରା ହୋଇଥିବା ଅତି ଗର୍ହିତ ଗୁରୁତର ପଶୁ ପରିବହନ ଆଇନ ଅମାନ୍ୟ ବିରୁଦ୍ଧରେ ତାଙ୍କ ଦ୍ୱାରା ଗୋବଂଶର ରକ୍ଷଣାବେକ୍ଷଣ ବିରୁଦ୍ଧରେ ମତ ଦେଇଛନ୍ତି । ଧ୍ୟାନ ଫାଉଣ୍ଡେସନର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଓକିଲ ସିଦ୍ଧାର୍ଥ ଲୁଥ୍ରାଙ୍କ ଆବେଦନର ଶୁଣାଣି ମାନ୍ୟବର ଅଦାଲତ କରିଥିଲେ, ଯେଉଁଥିରେ କି ରିଭିଜନାଲ କୋର୍ଟକୁ ଆହ୍ୱାନ କରାଯାଇଥିଲା ଯେ କି ମିଥ୍ୟା ମାଲିକାନା ଦସ୍ତାବିଜ ପ୍ରମାଣ ତଥା ନିଷ୍ଠୁରତା ସତ୍ତ୍ୱେ ବିପକ୍ଷ ଦଳ ଉପରେ ହୋଇଥିବା ଗୋବଂଶ ଚଢ଼ାଉ ମାମଲାରୁ ସେମାନଙ୍କୁ ଖଲାସ କରିଛନ୍ତି । ବେଆଇନ ଭାବରେ ଚାଲାଣ ଏବଂ ଅତି ନିର୍ଦ୍ଦୟ ବ୍ୟବହାର ପ୍ରଦର୍ଶନ ପୂର୍ବକ ନିଷ୍ଠୁର ଭାବରେ ସେମାନଙ୍କୁ ଫାଶ ଦ୍ୱାରା ବାନ୍ଧି ବିନା ଖାଦ୍ୟ ଓ ପାଣିରେ ଏକାଠି ରଖିବା ପରିବହନ ଆଇନ ୧୯୭୮ ମସିହାର ସବୁ ଧାରାକୁ ଧୋଇ ଦେଇଥିବା ବେଳେ ଅତି ଯତ୍ନର ସହିତ ଧ୍ୟାନ ଫାଉଣ୍ଡେସନ ସେହି ଗୋବଂଶ ମାନଙ୍କୁ ଉଦ୍ଧାର କରିଥିଲେ ।



ନଭେମ୍ବର ୧, ୨୦୨୩ ମସିହା ଟ୍ରାଏଲ ଅଦାଲତ ନିଷ୍ପତ୍ତି ଫେରାଇ ନେଇ ମାନ୍ୟବର ନ୍ୟାୟଧିଶ ଶିବୋ ଶଙ୍କର ମିଶ୍ର, ବିଷୟବସ୍ତୁର ପୁନଃ ବିଚାର ପାଇଁ ସେହି ସମାନ କୋର୍ଟକୁ ଫେରାଇବା ସହିତ ମତବ୍ୟକ୍ତ କରିଛନ୍ତି ଯେ, ରିଭିଜନାଲ ଅଦାଲତ ମିଥ୍ୟା ମାଲିକାନାର ପ୍ରତିଶ୍ରୁତି ଦେଇ ଗୋରୁମାନଙ୍କୁ ଅକ୍ତିଆର କରିବା ସହିତ ସେହି ପଶୁମାନଙ୍କ ଉପରେ ନିଷ୍ଠୁରତା ପ୍ରଦର୍ଶନକାରୀଙ୍କ ବିରୁଦ୍ଧରେ ସଠିକ୍ ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି । ଜିଲ୍ଲା ଦୌରାଜଜଙ୍କ ଆଦେଶକୁ ଗୋଟିଏ ପାଖରେ ରଖି ସେହି ଏକା ଅଦାଲତକୁ ମାମଲାର ସଠିକ୍ ନ୍ୟାୟ ପ୍ରଦାନ ପୁନଃ ଅନୁସନ୍ଧାନ ପାଇଁ ଫେରାଇ ଦେଇଛନ୍ତି । ଗୋବଂଶମାନଙ୍କର ଅତ୍ୟନ୍ତ ଦୟନୀୟ ଅବସ୍ଥାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ଧ୍ୟାନ ଫାଉଣ୍ଡେସନକୁ ସେହି ଗୋରୁ ମାନଙ୍କର ତୁରନ୍ତ ଯତ୍ନ ସୁରକ୍ଷା ତଥା ପରିଚାଳନା ପାଇଁ ହସ୍ତାନ୍ତରିତ କରିଥିଲେ । ପରନ୍ତୁ, ଏଥିପାଇଁ ଗୋବଂଶ ମାନଙ୍କର କୌଣସି ସ୍ୱାସ୍ଥ୍ୟ ପରୀକ୍ଷା ତଥା ଚିହ୍ନଟକରଣ ପ୍ରକ୍ରିୟା କରାଯାଇ ନଥିଲା । ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଦ୍ୱାରା ମାଲିକଙ୍କ ଆବେଦନ ଖାରଜ ହୋଇଯାଇଥିଲା ଯାହାକି ସେ ମୟୁରଭଞ୍ଜ, ବାରିପଦାର ଜିଲ୍ଲା ଏବଂ ଦୌରାଜଜ୍‌ଙ୍କ ଠାରୁ ପ୍ରାପ୍ତ କରିଥିଲେ ଯେ କି ତାଙ୍କ ସପକ୍ଷରେ ଅନ୍ଧ ଭାବରେ ରହିଥିବା ମିଥ୍ୟା ଦସ୍ତାବିଜ ତଥା ନିରୀହ ଜୀବଙ୍କ ଉପରେ ହୋଇଥିବା ନୃଶଂସତାକୁ ସମ୍ପୂର୍ଣ୍ଣ ଭୁଲି ଯାଇ ନିଷ୍ପତ୍ତି ପ୍ରଦାନ କରିଥିଲେ ।

# ୪୦ ପ୍ରତିଶତ ପରିବାର ଶୁଦ୍ଧ ପିଇବା ପାଣିରୁ ବଞ୍ଚିତ ହେବା କେଉଁ ରୂପାନ୍ତରୀକରଣ : ଗୋଲକ

ଭୁବନେଶ୍ୱର (ସବ୍ୟୁ): ବିଜେଡ଼ି ସରକାର ପାଖାପାଖି ଦୀର୍ଘ ୧୦ହଜାର ଦିନ ଶାସନ ଗାଦିରେ ରହି ଯାହା କରିପାରିଲେ ନାହିଁ ତାହାକୁ କରିଦେଖାଇଛି ଗାମ ଜିଲ୍ଲା ପାତ୍ରପଡା ବ୍ଲକର ଜଣେ ଆଦିବାସୀ ଯୁବକ ଭୀମ ବେହେରା। ବିଜେଡି ସରକାର ପାଖରେ ଅର୍ଥର ଅଭାବ ନାହିଁ, କ୍ଷମତା ପାଖରେ ରହିଛି କିନ୍ତୁ ଲୋକଙ୍କୁ ଶୁଦ୍ଧପାଣି ମୁନ୍ଦାଏ ଦେବାରେ ବିଫଳ। ବିଜେଡି ସରକାର ପାଖାପାଖି ୧୦ହଜାର ଦିନ ଶାସନରେ ରହି କରୁଥିଲା କ'ଣ? ଲୋକଙ୍କ ଦାୟିତ୍ୱ ନେବା ମୁଖ୍ୟମନ୍ତ୍ରୀଙ୍କ କର୍ତବ୍ୟ କିନ୍ତୁ ତାହା ସେ କଲେନି । ଗାଁ ଲୋକଙ୍କ ପାଣି ସମସ୍ୟା ଏତେ ଉତ୍କଟ ଥିଲା ଯେ, ଗାମ ଜିଲ୍ଲା ପାତ୍ରପଡା ବ୍ଲକର ଭୀମ ବେହେରା ପାଣି ସମସ୍ୟା ପାଇଁ କେରଳରେ ୮ମାସ ଦାଦନ ଖଟିଲେ । ଦାଦନ ଶ୍ରମିକଭାବେ ଯେତିକି ଟଙ୍କା ସେ ରୋଜଗାର କରିଥିଲେ ସେହି ଟଙ୍କାରେ ୨କିମି ଦୂରରେ ଥିବା ଝରଣାରୁ ପାଇପ ଯୋଗେ ପାଣି ଆଣି ନିଜ ଗାଁର ଲୋକଙ୍କ ପାଖରେ ପହଁଚାଇଲେ। ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟକୁ ଶୁଦ୍ଧ ପାନୀୟ ଜଳ କିଭଳି ଯୋଗାଯାଉଛି ତାହା ସ୍ପଷ୍ଟ ଅନୁମେୟ ବୋଲି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ପାଖାପାଖି ୧୦ହଜାର ଦିନ ସରକାରରେ ରହିବି ନବୀନ ବାବୁ ଲୋକଙ୍କୁ ପାଣି ଯୋଗାଇବାରେ ବିଫଳ ହୋଇଛନ୍ତି । ମହାନଦୀ ବେସିନର ଉଭୟ ପଟେ ପାଣି ନାହିଁ। ବିଜେଡି ମହାନଦୀ ମହାଆନ୍ଦୋଳନ କରିଥିଲା, ତାହା କୁଆଡେ ଗଲା? ମହାନଦୀ ଉପରେ ଛୋଟ ଛୋଟ ଆନିକଟ କରିବେ ବୋଲି କହିଥିଲେ ତାହା କୁଆଡେ ଗଲା ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ବିଜେଡ଼ି ସରକାରର ୨୫ବର୍ଷ ଶାସନ ପରେ ବି ୪୦ପ୍ରତିଶତ ଲୋକ ପାଣି ପାଇବାରୁ ବଂଚିତ ହୋଇଛନ୍ତି । ୪୬ହଜାର ଗାଁରୁ ୧୧ହଜାର ଗାଁ ଆଜିବି ଟ୍ୟାପ ପାଣି ପାଇବାରୁ ବଂଚିତ। ଆଜିବି ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କନ୍ଧମାଳ ସମେତ ଅନେକ ପଛୁଆ ଜିଲ୍ଲାରେ ୫୦ପ୍ରତିଶତରୁ ଅଧିକ ପରିବାର ପିଇବା ପାଣି ପାଉନାହାଁନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତ୍ରୀ ରଶ୍ମି ମହାପାତ୍ର, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




### ଏଲଡେକୋ ଓ ଏଚଡିଏଫସି

## କ୍ୟାପିଟାଲ ସ୍କେଲ ନିବେଶ ପ୍ଲାଟଫର୍ମ

## ୧୭ଟି ପ୍ରକଳ୍ପରେ ରାଜସ୍ୱ ସମ୍ଭାବନା ୮୫୦ କୋଟିରୁ ୮୦୦୦କୋଟି

ଭୁବନେଶ୍ୱର (ସବ୍ୟୁ): ଉତର ଭାରତର ପ୍ରଖ୍ୟାତ ସଂସ୍ଥା ଏଲଡେକୋ ଇନଫ୍ରାଷ୍ଟ୍ରକଚର ଏବଂ ପ୍ରପର୍ଟିଜ ଲିମିଟେଡ ଓ ଏଚଡିଏଫସି କ୍ୟାପିଟାଲ ମଧ୍ୟରେ ରଣନୀତିକ ଭାଗିଦାରୀ ଘୋଷଣା କରାଯାଇଛି। ସାରା ଭାରତରେ ଆବାସିକ ପ୍ରକଳ୍ପ ଗୁଡ଼ିକର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଥିଲାବେଳେ ଏମାନଙ୍କ ମିଳିତ ପ୍ଲାଟଫର୍ମର ଆକାର ଟ.୩୫୦ କୋଟିରୁ ଆରମ୍ଭ ହୋଇ ବର୍ତମାନ ଟ.୮୫୦ କୋଟି ଟଙ୍କା ରହିଛି। ଦେଶରେ ବୃଦ୍ଧି ହେଉଥିବା ଆବାସିକ ଚାହିଦାକୁ ସମାଧାନ କରିବା ଲାଗି ଉଭୟ ସଂସ୍ଥା ଏକ ସଂକଳ୍ପବଦ୍ଧ ପ୍ରତିବଦ୍ଧତାକୁ ଦର୍ଶାଇଛନ୍ତି । ଏଲଡେକୋ ଗ୍ରୁପ ଓ ଏଚଡିଏଫସି କ୍ୟାପିଟାଲର ରଣନୀତିକ ଭାଗିଦାରୀ ଦେଶରେ କୋଭିଡ ପରେ ହାଉସିଂ ପ୍ରକଳ୍ପକୁ ବୃଦ୍ଧି କରିଛି।

# ଆରମ୍ଭ ହେଲା ନାମାଙ୍କନ ପ୍ରକ୍ରିୟା ପ୍ରଥମ ଦିନରେ ଶୂନ

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ନିର୍ବାଚନ ପାଇଁ ତିନି ଦଳ ପାର୍ଥି ଚୟନ ପ୍ରାୟ ଶେଷ ହୋଇଛି ।ମେ ୨୫ରେ ଖୋର୍ଦ୍ଧା ଜିଲାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ପାଇଁ ପ୍ରଶାସନ ପକ୍ଷରୁ ନାମାଙ୍କନ ପ୍ରକ୍ରିୟା ମଧ ସୋମବାର ଠାରୁ ଆରମ୍ଭ ହୋଇଛି । ତେବେ ପ୍ରଥମ ଦିନରେ କେହି ପାର୍ଥି ନାମାଙ୍କନ କରିନଥିବା ଦେଖିବାକୁ ମିଳିଛି । ତେବେ ପ୍ରଶାସନ ପକ୍ଷରୁ କର ଯାଇଥିବା ନାମାଙ୍କନ ଦାଖଲ କେନ୍ଦ୍ର ଗୁଡିକ ମଧ୍ୟରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ତିନି କେନ୍ଦ୍ର ହୋଇଥିବା ବେଳେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗୋଟିଏ କେନ୍ଦ୍ର ଖୋଲା ଯାଇଛି । ଜିଲ୍ଲାପାଳଙ୍କ ନିକଟରେ ସାଂସଦ ପ୍ରାର୍ଥୀ ନାମାଙ୍କନ ନାମଙ୍କ ପତ୍ର ଦାଖଲ କରିବେ । ବେଗୁନିଆ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରିବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଚିଲିକା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ମାନେ ଅତିରିକ୍ତ ଜିଲାପାଳ(ରାଜସ୍ୱ)ଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରିଥିବା ବିବେଳେ ଖୋର୍ଦ୍ଧା ନିର୍ବଚନ ମଣ୍ଡଳୀ ପାର୍ଥି ମାନେ ଉପ-ଜିଲ୍ଲାପାଳଙ୍କ ନିକଟରେ ପାର୍ଥି ପତ୍ର ଦାଖଲ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି ।

ସେହି ଭଳି ଜିଲ୍ଲାର ଭୁବନେଶ୍ୱର ଏକାମ୍ର ଓ ଉତର ପ୍ରାର୍ଥୀ ଉପଜିଲାପାଳ ଭୁବନେଶ୍ୱରଙ୍କ ନିକଟରେ ନାମାଙ୍କନ ଦାଖଲ କରିବେ। ଜୟଦେବ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଭୁବନେଶ୍ୱର ବିଡିଓଙ୍କ ନିକଟରେ ନାମାଙ୍କନ ଦାଖଲ କରିବେ । ଜଟଣୀ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଅତିରିକ୍ତ ଜିଲାପାଳ ଭୁବନେଶ୍ୱରଙ୍କ ନିକଟରେ ଦାଖଲ କରିବେ। ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ତହସିଲଦାର ଭୁବନେଶ୍ୱରଙ୍କ ନିକଟରେ ନାମାଙ୍କନ ଦାଖଲ କରିବେ। ଆସନ୍ତା ମେ ୬ ତାରିଖ ମଧ୍ୟରେ ସମସ୍ତ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଶାନ୍ତି ଶୃଙ୍ଖଳାର ସହ ନାମାଙ୍କନ କରିବା ପାଇଁ ସରକାରୀ କାର୍ଯ୍ୟାଳୟ ମଧ୍ୟକୁ ପ୍ରାର୍ଥୀମାନଙ୍କ ମାତ୍ର ୩ଟି ଗାଡିକୁ ପ୍ରବେଶ ପାଇଁ ଅନୁମତି ଦିଆଯାଇଛି। ଏହାଠାରୁ ଅଧିକ ଗାଡି ଆଣିଲେ ତାହାକୁ କାର୍ଯ୍ୟାଳୟ ବାହାରେ ରଖିବାକୁ ପଡିବ । ଏବଂ ପୁଲିସ ପ୍ରଶାସନ ପକ୍ଷରୁ ନାମାଙ୍କନ ପର୍କ୍ରିୟା ସୁଚାରୁ ରୂପେ କରିବା ପାଇଁ ପ୍ରତି କେନ୍ଦ୍ରରେ ପୁଲିସ ନିୟୋଜିତ ଅଛନ୍ତି ।

### ଅର୍ବାନ ବ୍ୟାଙ୍କ କେଲେଙ୍କାରୀରେ ନଗର ବିଜେପିର ସାଧାରଣ ସଂପାଦକ

# ଋଣ ନେଇ କରିନାହାନ୍ତି ପରିଶୋଧ, ରୁଜୁହେବ ଫୌଜଦାରୀ ମକଦ୍ଦମା

କଟକ (ସବ୍ୟୁ) କଟକ ଅର୍ବାନ ବ୍ୟାଙ୍କ କେଲେଙ୍କାରୀରେ ଛନ୍ଦି ହୋଇ ପଡିଛନ୍ତି କଟକ ନଗର ବିଜେପିର ଜଣେ ଛାମୁଆ ନେତା । ଆଗଧାଡିର ଏହି ନେତା ଜଣକ ହେଉଛନ୍ତି କଟକ ନଗର ବିଜେପି ର ସାଧାରଣ ସଂପାଦକ ଭାଗ୍ୟଧର ଦଳେଇ । ସେ ମଧ୍ୟ ଅର୍ବାନ ବ୍ୟାଙ୍କର ନିର୍ଦ୍ଦେଶକ ଅଛନ୍ତି । ଗତ ୨୦୧୮ ମସିହା ଡିସେମ୍ବର ମାସରେ ସେହି ବ୍ୟାଙ୍କରୁ ସେ ଜମି ବନ୍ଧକ ରଖି ୫ ଲକ୍ଷ ଟଙ୍କା ଋଣ ଆକାରରେ ନେଇଥିଲେ । ବାରମ୍ବାର ନୋଟିସ ସତ୍ତ୍ୱେ ସେ ଏହାକୁ ପରିଶୋଧ କରି ନଥିଲେ । ବର୍ତ୍ତମାନ ଋଣ ବଢ଼ି ୮ ଲକ୍ଷ କୁ ଛୁଇଁଲାଣି । ଋଣ ପରିଶୋଧ ପାଇଁ ସେ ୨ ଲକ୍ଷ ଟଙ୍କାର ଏକ ଚେକ୍ ଦେଇଥିଲେ । କିନ୍ତୁ ତାହା ବାଉନ୍ସ ହୋଇଯାଇଥିଲା । ତା ପରେ ତାଙ୍କୁ ନୋଟିସ କରାଯାଇଥିଲେ ବି ସେ ଖାତିର କରି ନଥିଲେ । ଆଜି ନିର୍ଦ୍ଦେଶକ ମାନଙ୍କୁ ନେଇ ଏକ ବୈଠକ ବ୍ୟାଙ୍କ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି । ପୁର୍ବରୁ ତାଙ୍କ ନାମରେ ଥିବା ଜାଗାକୁ ବ୍ୟାଙ୍କ ନିଜ ଦଖଲକୁ ନେଇ ଚିହ୍ନ ମାରି ସାରିଛି । ସପ୍ତାହକ ମଧ୍ୟରେ ସେ ସମସ୍ତ ଋଣ ପରିଶୋଧ ନ କରନ୍ତି ତେବେ ତାଙ୍କ ନାମରେ ଫୌଜଦାରୀ ମାମଲା ରୁଜୁ ହେବ ବୋଲି ପରିଚାଳନା ପରିଷଦ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି।

# ବାର୍ଷିକ ସାଧାରଣ ବୈଠକ


ଭୁବନେଶ୍ୱର (ସବ୍ୟୁ): ଭକ୍ତ ଦାସିଆ ସ୍ମୃତି କମିଟିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠାନର ସଭାପତି ଡଃ ପ୍ରତିଭା ମହାରଥୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ୯ନଂ ସ୍ଥିତ ରୋଟାରୀ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ତଥା ବିଶିଷ୍ଟ ଶିକ୍ଷାବିତ୍ ଡଃ ଚିତ୍ତରଞ୍ଜନ ମିଶ୍ର, ସଭାପତି ଡଃ ପ୍ରତିଭା ମହାରଥୀ, କାର୍ଯ୍ୟକାରୀ ସଭାପତି ତଥା ଏମସ୍ ଭୁବନେଶ୍ୱରର ପ୍ରାକ୍ତନ ନିର୍ଦ୍ଦେଶକ ଡାକ୍ତର ଅଶୋକ କୁମାର ମହାପାତ୍ର ଏବଂ ଉପ ସଭାପତି ତଥା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରାକ୍ତନ ଯନ୍ତ୍ରୀ ମୁଖ୍ୟଙ୍କୁ ଆମନ୍ତ୍ରଣ କରିବାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଇଂ ବସନ୍ତ କୁମାର ମିଶ୍ର, ଚାର୍ଟାର୍ଜ ଆକାଉଟାଣ୍ଟ ସତ୍ୟଜିତ ମିଶ୍ର ଓ କୋଷାଧ୍ୟକ୍ଷ ଅର୍ଜ୍ଜୁନ ଚରଣ ସାମଲଙ୍କ ଦ୍ୱାରା ପ୍ରସ୍ତୁତ ବିଗତ ଆର୍ଥିକ ବର୍ଷର ଆୟ ଓ ବ୍ୟୟ ସହିତ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ବଜେଟ୍ ଉପସ୍ଥାପନ ପରେ ଉପସ୍ଥିତ ସଦସ୍ୟମାନଙ୍କ ଦ୍ୱାରା ଆଲୋଚନା କରାଯାଇ ଗୃହୀତ ହୋଇଥିଲା । ଅନୁଷ୍ଠାନର ସାଧାରଣ ସଂମ୍ପାଦକ ଡଃ ଘନଶ୍ୟାମ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ଅନୁଷ୍ଠାନର କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ସଭାପତିଙ୍କ ନିର୍ଦ୍ଦେଶରେ ୧୭ ଜଣ ବିଶିଷ୍ଟ କମିଟିର ସଭାପତି ଭାବେ ଡଃ ପ୍ରତିଭା ମହାରଥୀ, କାର୍ଯ୍ୟକାରୀ ସଭାପତି - ଡଃ ଅଶୋକ କୁମାର ମହାପାତ୍ର, ଉପସଭାପତି - ଡଃ ନରେନ୍ଦ୍ରନାଥ ସାହୁ ଓ ଇଂ ଦେବ ନାରାୟଣ ପାଲ, ସାଧାରଣ ସମ୍ପାଦକ - ଡଃ ଘନଶ୍ୟାମ ସ୍ୱାଇଁ, ଯୁଗ୍ମ ସମ୍ପାଦକ - ଡଃ ଚିତ୍ତ ରଞ୍ଜନ ମିଶ୍ର, ସାଂସ୍କୃତିକ ସମ୍ପାଦକ - ଆଇନଜୀବି ସରୋଜ କୁମାର ସାହୁ, ସୂଚନା ଓ ପ୍ରସାରଣ ସମ୍ପାଦକ - ଡଃ ଦୁର୍ଗାପ୍ରସାଦ ମିଶ୍ର, ପାଠାଗାର ଓ ଗବେଷଣା ସମ୍ପାଦକ- ପ୍ରଭାତ କୁମାର ନନ୍ଦ, ସ୍ୱାସ୍ଥ୍ୟ ଓ ପରିମଳ ସମ୍ପାଦକ - ଅର୍ଜ୍ଜୁନ ଚରଣ ସାମଲ, ଅଡିଟର - ସତ୍ୟଜିତ ମିଶ୍ର, କୋଷାଧ୍ୟକ୍ଷ - ଇଂ. ବସନ୍ତ କୁମାର ମିଶ୍ର, ଲାଇବ୍ରେରିୟାନ- କୃଷ୍ଣଚନ୍ଦ୍ର ଲେଙ୍କାଙ୍କ ସହିତ ୪ ଜଣ ସଦସ୍ୟଙ୍କୁ ମନୋନିତ କରି ୩ ବର୍ଷ ପାଇଁ ଦାୟିତ୍ୱ ନିର୍ବାହ କରିବାକୁ ସ୍ଥିର କରାଯାଇଥିଲା। ଏଥି ସହିତ ୧୫ ଜଣ ବିଶିଷ୍ଟ ଏକ ପରାର୍ମଶ ଦାତା ବୋର୍ଡ ଗଠନ କରାଯାଇଥିଲା । ଏଥି ସହିତ ୨୭ ଜଣ ସଦସ୍ୟ ବିଶିଷ୍ଟ ଏକ ଆଞ୍ଚଳିକ କମିଟିରେ ୧୫ ଗୋଟି ଗ୍ରାମର ପ୍ରତିନିଧିମାନଙ୍କୁ ମନୋନିତ କରାଯାଇ ପ୍ରତ୍ୟେକ କମିଟିର ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା ।




### ଆମେରିକା ଡାୟାମଣ୍ଡ ଚ୍ୟାଲେଞ୍ଜ ସମିଟ୍‌ରେ

# କିଟ୍ ଇଣ୍ଟରନ୍ୟାସ୍‌ନାଲ ସ୍କୁଲ୍ ଛାତ୍ରଙ୍କ ପ୍ରକଳ୍ପ ପୁରସ୍କୃତ

ଭୁବନେଶ୍ୱର (ସବ୍ୟୁ): ଆମେରିକା ନେଓ୍ୱାର୍କଠାରେ ଚଳିତ ମାସ ଚାଲିଥିବା ଡାୟାମଣ୍ଡ ଚାଲେଞ୍ଜ ସମିଟ୍‌ରେ କିଟ୍ ଇଣ୍ଟରନ୍ୟାସ୍‌ନାଲ ସ୍କୁଲ୍ ଆଇବିଡିପି-୨ ଛାତ୍ର ଆର୍ୟନ ଅଗ୍ରୱାଲଙ୍କ ପ୍ରକଳ୍ପ ଶ୍ରେଷ୍ଠ ଇନୋଭଟେଭ୍ ଟେକ୍ନୋଲୋଜି ଉଇଥ ସୋସିଆଲ୍ ଇମ୍ପାକ୍ଟ ଭାବେ ଶ୍ରେଷ୍ଠ ବିବେଚିତ ହେବା ସହ ପୁରସ୍କୃତ ହୋଇଛି । କିଟ୍ ଇଂଟରନ୍ୟାସନାଲ୍ ସ୍କୁଲ ସେନ୍ ଗ୍ଲୋବ ଦ୍ୱାରା ଅନୁପ୍ରାଣିତ ହୋଇ ଆର୍ୟନ 'ଦୃଷ୍ଟି' (ଦୃଷ୍ଟି ବାଧିତ ଓ ବଧିରଙ୍କ ପାଇଁ) ନାମକ ଏକ ପ୍ରକଳ୍ପ ଆରମ୍ଭ କରିଥିଲେ । କିଟ୍ ଟିବିଆଇର ମୋହିତ ଶର୍ମାଙ୍କ ତତ୍ତ୍ୱାବଧାନରେ ଆର୍ୟନ ଏହି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ । ଏହାଦ୍ୱାରା କାର, ମୋଟରସାଇକଲ, ଟ୍ରକ୍ ଆଦିର ବାସ୍ତବତା ଓ ଶ୍ରବଣ ନିର୍ଦ୍ଧାରଣ ସୁବିଧାରେ ଜାଣିହେବ । ପ୍ରତିଯୋଗିତାର ନିର୍ଣ୍ଣାୟକ ପର୍ଯ୍ୟାୟରେ ସମସ୍ତ ଜୁରି ସଦସ୍ୟଙ୍କ ଦ୍ୱାରା ଆର୍ୟନଙ୍କ ପ୍ରକଳ୍ପ ଉଚ୍ଚ ପ୍ରଶଂସିତ ହୋଇଥିଲା । ପୁରସ୍କାର ବାବଦକୁ ଆର୍ୟନ ପଦକ, ୧୫ଶହ ଆମେରିକୀୟ ଡଲାର ସହ ଅଲେ ଲକ୍ଷ ଟଙ୍କାର ସହାୟତା ରାଶି ପାଇଛନ୍ତି । ସମଗ୍ର ବିଶ୍ୱର ଶିକ୍ଷୋଦ୍ୟୋଗୀଙ୍କୁ ନେଇ ଏହି ସମିଟ ଆୟୋଜନ କରାଯାଇଥିବା ବେଳେ ବିଶ୍ୱର ସମଗ୍ର ଦେଶର ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ । ଏଭଳି ସଫଳତାରେ ଆର୍ୟନ ଓ ତାଙ୍କ ଅଭିଭାବକ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆର୍ୟନଙ୍କୁ ଶୁଭେଚ୍ଛା ଜଣାଇବା ସହ କିଟ୍ ଇଣ୍ଟରନ୍ୟାସ୍‌ନାଲ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ, ଅଧକ୍ଷ ଡ. ସଞ୍ଜୟ ସୁଆର ତଥା ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।




# ଶିଶୁ ଅସ୍ଥିଶଲ୍ୟ ସଂଘର ବାର୍ଷିକୋତ୍ସବ

କଟକ (ସବ୍ୟୁ) ଓଡିଶା ଶିଶୁ ଅସ୍ଥିଶଲ୍ୟ ସଂଘର ପ୍ରଥମ ବାର୍ଷିକୋତ୍ସବ କଟକ ଆଇଏମଏ ହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ପର୍ଥିସ ରୋଗ ଚିହ୍ନଟ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୪୦ ଜଣ ଶିଶୁ ବିଶେଷଜ୍ଞ ଏଥିରେ ଯୋଗ ଦେଇ ଉକ୍ତରୋଗକୁ କିଭଳି ଶୀଘ୍ର ଚିହ୍ନଟ କରିହେବ ସେ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷ କରି ପର୍ଥିସ ରୋଗ ଶିଶୁ ମାନଙ୍କଠାରେ ପରିଲକ୍ଷିତ ହୋଇଥାଏ । ଏହି ରୋଗ ହେବାଦ୍ୱାରା ଅଣ୍ଟା ଓ ଜଙ୍ଘ ମଧ୍ୟରେ ଥିବା ହାଡକୁ ରକ୍ତ ପ୍ରବାହ ହୋଇ ପାରିନଥାଏ ଫଳରେ ଶିଶୁଟି ସ୍ୱାସ୍ଥ୍ୟହାନୀ ଅବସ୍ଥାକୁ ଚାଲିଯାଏ । ଏପରିକି ହିପ୍ ଜଏଣ୍ଟ ସଠିକ ଚଳନ ହୋଇପାରେନି ।ଏହାର ନିରାକରଣ ପାଇଁ ଫିଜିଓଥେରାପି ଏକାନ୍ତ ଜରୁରୀ ଥିଲେ ମଧ ପ୍ଲାଷ୍ଟର ଓ ଆବଶ୍ୟକ ସ୍ଥଳେ ଅସ୍ତ୍ରୋପଚାର କରାଯାଇ ଥାଏ ବୋଲି ଡାକ୍ତରମାନେ ମତ ରଖିଥିଲେ ।ରଖିବାସହ ରୋଗକୁ ପ୍ରାଥମିକ ସ୍ତରରୁ ନିରୂପଣ କରାଯାଇ ଉପଯୁକ୍ତ ଚିକିତ୍ସାକଲେ ଏହାର ସହଜ ନିରାକରଣ କରାଯାଇ ପାରିବ ବୋଲି ବିଶେଷଜ୍ଞ ମାନେ କହିଥିଲେ । ଏଥିରେ ଅହମ୍ମଦାବାଦରୁ ପୂର୍ବତନ ଭାରତୀୟ ଅସ୍ଥିଶଲ୍ୟ ସଂଘର ସଭାପତି ଡକ୍ଟର ଧୀରେନ୍ ଗଞ୍ଜୱାଲା,ମଣିକାଲ ମେଡିକାଲ କଲେଜର ପ୍ରଫେସର ହିତେଶ ଶାହା,ଡାଃ ସଞ୍ଜୟ ଦାସ,ଡାକ୍ତର ପବିତ୍ର ସାହୁ,ଡାକ୍ତର ବିଭୁଦତ୍ତ ସାହୁ,ଡାକ୍ତର ଜଗନ୍ନାଥ ସାହୁ,ଡାକ୍ତର ବିଶ୍ୱଜିତ ସାହୁ,ଡାକ୍ତର ସାନ୍ୟାଲ କୁମାର ଓ ଡାକ୍ତର ସୁଧୀର କୁମାର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସଂଘର ସଭାପତି ଡାକ୍ତର ରାମନାରାୟଣ ମହାନ୍ତି ଓ ସାଧାରଣ ସମ୍ପାଦକ ଡାକ୍ତର ଶକ୍ତି ପ୍ରସାଦ ଦାସ ଏହାକୁ ପରିଚାଳନା କରିଥିଲେ ।

# ବାଦାମବାଡି ପୋଲିସ ହାତରେ ନକଲି ପୋଲିସ ଗ୍ୟାଙ୍ଗ, ଗିରଫ ୩ ଅଭିଯୁକ୍ତ ଇରାନୀ ସଂପ୍ରଦାୟର

କଟକ (ସବ୍ୟୁ)ସାଦା ପୋଷାକରେ ଆସୁଥିଲେ ।ନିଜକୁ କ୍ରାଇମବ୍ରାଞ୍ଚର ଅଧିକାରୀ ବୋଲି ଦେଉଥିଲେ ପରିଚୟ। ପଶୁଥିଲେ ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନ ମାନଙ୍କରେ ।ବିଶେଷକରି ଗହଣା ବ୍ୟବସାୟ କରୁଥିବା ଦୋକାନ ଗୁଡିକୁ କରୁଥିଲେ ଟାର୍ଗେଟ। ବିଭିନ୍ନ ଡକୁମେଣ୍ଟ ଯାଞ୍ଚ କରିବା ଆଳରେ ଲୁଟୁଥିଲେ ଟଙ୍କା ପଇସାଠାରୁ ଆରମ୍ଭକରି ଯାବତୀୟ ଗହଣାଗାଣ୍ଠି । କ୍ରାଇମବ୍ରାଞ୍ଚ କଥା ଶୁଣି ପ୍ରଥମେ ପ୍ରଥମେ ବ୍ୟବସାୟୀ ଜଣକ ହଡବଡେଇ ଯାଉଥିଲେ ବି ପରବର୍ତ୍ତୀ ଅବସ୍ଥାରେ ସାହାସ ଜୁଟାଇ ପରିଚୟ ପତ୍ର ସେମାନଙ୍କୁ ମାଗିଲେ ରାଗିଯାଇ ପ୍ରତିଷ୍ଠାନର ଆସବାବ ପତ୍ର ଫୋପଡା ଫୋପଡି କରୁଥିଲେ ।ଏପରିକି ଏହି ନକଲି ପୋଲିସ ସାହିର ବିଭିନ୍ନ ଗଳିକନ୍ଦିରେ ଥିବା ଘର ଗୁଡିକୁ ମଧ ଟାର୍ଗେଟ କରୁଥିଲେ । ପୋଲିସ ଅଧିକାରୀ କହି ଘର ଭିତରେ ପଶି ସୁନାରୂପା ଅଳଙ୍କାର ଯାଞ୍ଚ କରୁଥିଲେ ତମ ପାଖରେ ଅଧିକ ସୁନା ଅଛି କାଗଜ ପତ୍ର ନାହିଁ ପୋଲିସ ନେଇଯିବ କହି ଡରାଉଥିଲେ । କେହି ଯେମିତି ସନ୍ଦେହ ନକରିବେ ସେଥିପାଇଁ ଯୋଜନା ମୁତାବକ ସାଦା ପୋଷାକରେ କିପରି କ୍ରାଇମବ୍ରାଞ୍ଚ ଅଧୀକାରୀ ମାନେ ଘର ଉପରେ ଚଢ଼ଉ କରୁଛନ୍ତି ଏବଂ ଏହା ଖବରକାଗଜରେ ପ୍ରକାଶ ପାଉଛି ସେ କଥା କହି ବିଶ୍ୱାସ ଜମାଉଥିଲେ । ପରିବାର ଲୋକ ଏ କଥାକୁ ବିଶ୍ୱାସ କରିଗଲେ କିଛି ଟଙ୍କା ବା ସାଙ୍ଗରେ ଆଣିଥିବା ନକଲି ଗହଣା ଦେଇ ସର୍ବସ୍ୱ ଲୁଟନ୍ତି ଏହି ନକଲି ପୋଲିସ ଗ୍ୟାଙ୍ଗ ।ଏଭଳି ଏକ ଇରାନୀ କମ୍ୟୁନିଟିର ୩ ଜଣଙ୍କୁ ଗିରଫ କରିଛି ବାଦାମବାଡି ପୋଲିସ । ଗିରଫ ଅଭିଯୁକ୍ତ ହେଲେ ରାଜା ଅଲ୍ଲୀ ୨୪ ,ଜାଫର ହୁସେନ ୪୨,ହାସନ ଅଲ୍ଲୀ ୨୮ ।ସେମାନଙ୍କ ଠାରୁ ୧୪ ହଜାର ଟଙ୍କା ,ନକଲି ଗହଣା ,ନକଲ ନମ୍ବର ଥିବା ଦୁଇଟି ବାଇକ ,ଭୁଟାନ କରେନ୍ସି ଓ ମୋବାଇଲ ଫୋନ ଜବତ କରିଛି ପୋଲିସ । ଅଭିଯୋଗ କାରୀ ୱେଷ୍ଟବେଙ୍ଗଲର ଶିବୁ ବିଶ୍ୱାସ ପକ୍ଷରୁ ହୋଇଥିବା ଏତଲାକୁ ଆଧାର କରି ତଦନ୍ତ ଜାରି ରଖି ପୋଲିସ ଏହି ନକଲି ପୋଲିସଙ୍କୁ ଧରିବାରେ ସକ୍ଷମ ହୋଇଛି ।

### ଏଚ୍‌ଆର୍ କନକ୍ଲେଭ 'ସୋଆ ପ୍ରକ୍ସିମା -୨୦୨୪' ଉଦ୍‌ଯାପିତ

# ମାନବ ସମ୍ବଳ ଓ ଶିଳ୍ପ ବିଶେଷଜ୍ଞଙ୍କ ବୌଦ୍ଧିକ ଚର୍ଚ୍ଚା

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଆୟୋଜିତ ହୋଇଥିବା ପୂର୍ବ ଭାରତର ସର୍ବବୃହତ ଏଚ୍‌ଆର୍ କନ୍‌କ୍ଲେଭ 'ସୋଆ ପ୍ରକ୍ସିମା - ୨୦୨୪' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇ ଦିନିଆ ସମ୍ମିଳନୀର ୫ମ ସଂସ୍କରଣରେ ଦେଶର ବଛା ବଛା ପେସାଦାର ଯୋଗ ଦେଇ ବିଭିନ୍ନ ବିଷୟରେ ବୌଦ୍ଧିକ ଚର୍ଚ୍ଚା କରିଛନ୍ତି । ଗୋଟିଏ ଛାତ ତଳେ ଦେଶର ୧୦୦ରୁ ଅଧିକ ମାନବ ସମ୍ବଳ ବିଶେଷଜ୍ଞ, ଶିଳ୍ପ ବିଶେଷଜ୍ଞ ଓ ଅଭିଜ୍ଞ ପେସାଦାର ସଂପ୍ରତି ବୈଷୟିକ ଶିକ୍ଷା କେଉଁ ସବୁ ଆହ୍ୱାନର ସମ୍ମୁଖୀନ ହେଉଛି ଏବଂ ତାକୁ କିଭଳି ସଫଳତାର ସହ ସାମ୍ନା କରାଯାଇ ପାରିବ ସେ ସଂପର୍କରେ ମାନସ ମନ୍ଥନ କରିଛନ୍ତି । 'ସୋଆ ପ୍ରକ୍ସିମା - ୨୦୨୪' ର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଅଲ୍ ଇଣ୍ଡିଆ କାଉନ୍ସିଲ ଫର୍ ଟେକ୍ନିକାଲ୍ ଏଜୁକେସନ୍ (ଏଆଇସିଟିଇ) ଅଧ୍ୟକ୍ଷ ପ୍ରଫେସର ଟି.ଜି. ସୀତାରାମ। ଉଦ୍‌ଯାପନୀ ଉତ୍ସବରେ ମୁମ୍ବାଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ସଭାପତି (ଏଚ୍‌ଆର) ବିଜୟ କୁମାର ସାହୁ ଯୋଗ ଦେଇଥିଲେ। ଟାଟା ଇଣ୍ଟରନ୍ୟାସନାଲର ପୂର୍ବତନ ଏମ୍‌ଡି ଡ. ସନ୍ଦୀପନ୍ ଚକ୍ରବର୍ତୀ ମଧ୍ୟ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ । ସେହିପରି ଏହି ସମ୍ମିଳନୀରେ କଗ୍ନିଜାଂଟର ଓଡ଼ିଶା ମୁଖ୍ୟ ସତୀଶ କୁମାର ପ୍ରଧାନ ମଧ ଯୋଗ ଦେଇଥିଲେ । ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ କର୍ପୋରେଟ ରିଲେସନ୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏନ୍‌ଗେଜମେଂଟ ନିର୍ଦ୍ଦେଶକ ରୀପ୍ତି ରଂଜନ ଦାଶ ସମ୍ମିଳନୀ ପରିଚାଳନା କରିବା ସହ ଉଦ୍‌ଯାପନୀ ଦିବସରେ ଧନ୍ୟବାଦ ଅର୍ପଣ କରିଥିଲେ।



# ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆର ରିଜିଓନାଲ୍ ଅଫିସରେ ଅଗ୍ନିକାଣ୍ଡ




ବାରିପଦା, (ସବ୍ୟୁ) : ସୋମବାର ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆର ରିଜିଓନାଲ୍ ଅଫିସରେ ଅଗ୍ନିକାଣ୍ଡ ଘଟିଛି। ତେବେ ବଡ଼ ଧରଣର ଅଘଟଣରୁ ସମସ୍ତ କର୍ମଚାରୀ ମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ବ୍ୟାଙ୍କରେ ଦିନ ପ୍ରାୟ ୧ଟା ସମୟରେ କୌଣସି କାରଣ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ଘଟିଥିବା ବେଳେ ଅଗ୍ନିଶିଖା ଯୋଗୁଁ ଅନେକ ଧୂଆଁ ବାହାରକୁ ବାହାରିଥିଲା। ଅଗ୍ନିକାଣ୍ଡ ଘଟିବା କ୍ଷଣି ବ୍ୟାଙ୍କ କର୍ମଚାରୀ ମାନେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ବାରିପଦା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିବା ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। କିଛି ସମୟ ମଧ୍ୟରେ ଅଗ୍ନି ଶିଖାକୁ ଆୟତ୍ତ କରିଥିବାବେଳେ ବଡ଼ ଧରଣର ଅଘଟଣରୁ ସମସ୍ତେ ବର୍ତ୍ତି ଯାଇଛନ୍ତି। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ସ୍ପଷ୍ଟ ହୋଇନଥିବା ବେଳେ ବ୍ୟାଙ୍କ ମଧ୍ୟରେ ଥିବା ରୋଷେଇ ଘରର ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିବାରୁ ଅଗ୍ନିକାଣ୍ଡ ଘଟିଥିବା ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି। ଅଗ୍ନିକାଣ୍ଡରେ କାହାରି କିଛି କ୍ଷତି ହୋଇ ନଥିବାବେଳେ ବ୍ୟାଙ୍କ ମଧ୍ୟରେ ଥିବା ଅନେକ କାଗଜପତ୍ର ଜଳି ଯାଇଥିବାର ନେଇ ସୂଚନା ମିଳିଛି।

# ପଟ୍ଟାବିହୀନ ବାସିନ୍ଦାଙ୍କ କ୍ଷୋଭ ନିର୍ବାଚନରେ ପ୍ରତିଫଳିତ ହେବ




ବାରିପଦା, (ସବ୍ୟୁ) : ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ଟ୍ରଷ୍ଟର କାର୍ଯ୍ୟକାରିଣୀ କମିଟିର ଏକ ବୈଠକ ସ୍ଥାନୀୟ ୱାର୍ଡ ନମ୍ବର ୩ ରେ ଟ୍ରଷ୍ଟର ସଭାପତି ନନ୍ଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ନନ୍ଦ କୁମାରଙ୍କ ୮୭ତମ ଜନ୍ମଦିନ ପାଳନ ଅବସରରେ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇ ତାଙ୍କ ଦିର୍ଘ ଜୀବନ କାମନା କରାଯାଇଛି। ଆଲୋଚନା କାଳରେ ବାରିପଦା ସହରର ପଟ୍ଟାବିହୀନଙ୍କ ସମସ୍ୟା ଉପରେ ବ୍ୟାପକ ଆଲୋଚନା ହୋଇଛି। ବହୁ ଦାବି କରାଯିବା ପରେ ମଧ୍ୟ ରାଜ୍ୟ ସରକାର ପଟ୍ଟାବିହୀନଙ୍କ ସମସ୍ୟାକୁ କର୍ଣ୍ଣପାତ କରିନାହାଁନ୍ତି ବୋଲି ଅଭିଯୋଗ କରାଯାଇଛି। ନିର୍ବାଚନ ପୂର୍ବରୁ ଅସମ୍ପୂର୍ଣ୍ଣ ସର୍ଭେକୁ ସମାପ୍ତ କରିବା, ଏଥିପାଇଁ ଡ୍ରୋନ ଉଡାଇ ସର୍ଭେର ବ୍ୟବସ୍ଥା କରିବା, ସହରରେ ଥିବା ଜଙ୍ଗଲ ଜମିର କିସମ ବଦଳାଇବା ଓ ଯେଉଁମାନଙ୍କ ସର୍ଭେ ସରିଛି ସେମାନଙ୍କୁ ଯଥାଶୀଘ୍ର ଜମିଅଧିକାର ପ୍ରମାଣ ପତ୍ର ପ୍ରଦାନ କରିଯିବା ପାଇଁ ଦାବୀ କରାଯାଇଥିଲା। ଏ ସମସ୍ତ କାର୍ଯ୍ୟ ଆଦୌ ହୋଇ ନଥିବା ଯୋଗୁଁ ପଟ୍ଟାବିହୀନ ବାସିନ୍ଦା ମାନେ ଅତ୍ୟନ୍ତ କ୍ଷୁବ୍ଧ ଏବଂ ଏହା ଆଗାମୀ ନିର୍ବାଚନରେ ନିଶ୍ଚୟ ପ୍ରତିଫଳିତ ହେବ ବୋଲି ଟ୍ରଷ୍ଟ କହିଛି। ଏହି ବୈଠକରେ ସାଧାରଣ ସମ୍ପାଦକ କାହ୍ନୁଚରଣ ବେହେରା, ଉପଦେଷ୍ଟା ଅଧ୍ୟାପକ ଗୋପବନ୍ଧୁ, କୋଷାଧ୍ୟକ୍ଷା ଭାରତୀ ପାତ୍ର, ସହସମ୍ପାଦକ କାଶୀନାଥ ମାହାନା, ଜୀବନ କୁମାର ମହାପାତ୍ର, ପ୍ରଫୁଲ୍ଲ ମହାନ୍ତି, ମହେଶ୍ୱର ବେହେରା, ପ୍ରିୟଜିତ୍ ମଦିନା, ଦେବେନ୍ଦ୍ର ଦାସ ଓ ରଞ୍ଜନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସାନଖେମୁଣ୍ଡି ବିଧାନସଭା ଆସନ

# ବିଜେପି ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ଇଂ ଉତ୍ତମ ପାଣିଗ୍ରାହୀଙ୍କ ନାମାଙ୍କନପତ୍ର ଦାଖଲ



ଛତ୍ରପୁର, (ସବ୍ୟୁ): ଗଂଜାମ ଜିଲ୍ଲାର ବହୁ ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ସାନଖେମୁଣ୍ଡି ବିଧାନସଭା ଆସନ ନିମନ୍ତେ ସୋମବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ଇଂ ଉତ୍ତମ କୁମାର ପାଣିଗ୍ରାହୀ ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି । ହଜାର ହଜାର ସମର୍ଥକ ମାନଙ୍କ ସହ ସେ ଛତ୍ରପୁରକୁ ଆସି ବିଶାଳ ଶୋଭାଯାତ୍ରାରେ ଗଂଜାମ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ସେଠାରେ ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତସାହୁଙ୍କ ନିକଟରେ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ଏବଂ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ନିମନ୍ତେ କାର୍ଯ୍ୟ କରିବି ବୋଲି ସେ ନିଜ ପ୍ରତିକ୍ରିୟାରେ କହିଥିଲେ।

## ଗଣମାଧ୍ୟମ ପ୍ରତିନିଧିଙ୍କୁ ଭଦ୍ରକରେ ଭେଟିଲେ ସଞ୍ଜୀବ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ଥାନୀୟ ବିଧାନସଭା କ୍ଷେତ୍ର ବିଜେଡି ପ୍ରାର୍ଥୀ ସଞ୍ଜିବ ମଲ୍ଲିକ ରବିବାର ଭଦ୍ରକରେ ଭେଟିଲେ କରିଥିବା ଜଣାଯାଇଛି। ଭଦ୍ରକ ଅପର୍ତ୍ତିବିନ୍ଧା ବାସଭବନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ପାଇଁ ବିକାଶ ଖସଡା ସମ୍ପର୍କରେ ସେ ସୂଚନା ଦେଇଛନ୍ତି। ଭଣ୍ଡାରିପୋଖରୀ, ବନ୍ତ, ମଞ୍ଜୁରୀରୋଡ, ଆଗରପଡା, କେନ୍ଦୁଆପଦା, ବାରିକପୁର ବଜାର ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତି, ବୈତରଣୀ ବନ୍ୟା ନିୟନ୍ତ୍ରଣ ପାଇଁ ପୂର୍ବଘୋଷିତ କଣ୍ଟିଘାଇ ଫୁଟବ୍ରିଜ ନିର୍ମାଣ, ଜଳସେଚନ ବିସ୍ତାର, ଆଗରପଡାରେ ଇଣ୍ଡୋର ଷ୍ଟାଡିଅମ, ଟିଲୋରେ କ୍ରିକେଟ ଷ୍ଟାଡିଅମ, ବନ୍ତ ଓ ଭଣ୍ଡାରିପୋଖରୀରେ ଫୁଟବଲ ଷ୍ଟାଡିଅମ ନିର୍ମାଣ କରିବେ ବୋଲି ସୂଚନା ଦେଇଥିଲେ। ଏହାସହ ବିରୋଧି ଦଳ ବିଶେଷ କରି କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକଙ୍କୁ ଶ୍ରୀ ମଲ୍ଲିକ ସମାଲୋଚନା କରିଥିଲେ। ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ରର ସମସ୍ୟା ସମ୍ପର୍କରେ ଅବଗତ ନଥିବା ଓଭଣ୍ଡାରିପୋଖରୀରେ ଅବସ୍ଥାନ କରୁନଥିବା ଏହି ବ୍ୟକ୍ତି ଗୁମାସ୍ତଙ୍କ ଜରିଆରେ ନିର୍ବାଚନ ବୈତରଣୀ ପାର ହେବାକୁ ଉଦ୍ୟମ କରିବା ଲୋକଙ୍କ ସହ ବିଶ୍ୱାସଘାତକତା ବୋଲି ସେ ତାଚ୍ଛଲ୍ୟ କରିଥିଲେ। ଭଦ୍ରକ ବିଧାୟକ ଭାବେ ତାଙ୍କ ଦ୍ୱାରା ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ବିବରଣୀ ଦେବା ସହ ବିଧାୟକ ନିଜ ୫ବର୍ଷ କାର୍ଯ୍ୟକାଳରେ ସମସ୍ତ ପ୍ରତିଶ୍ରୁତି ପୂରଣ କରିବା ବାଞ୍ଛନୀୟ ବୋଲି ମତ ପ୍ରକାଶ କରିଥିଲେ।

### କବିସୂର୍ଯ୍ୟନଗର ବିଧାନସଭା ଆସନ

# ସିପିଆଇର ବିଧାୟକ ପ୍ରାର୍ଥୀ ପ୍ରବୀଣ ଦାଶଙ୍କ ନାମାଙ୍କନପତ୍ର ଦାଖଲ




ଛତ୍ରପୁର, (ସବ୍ୟୁ): ସୋମବାର ବିରାଟ ଶୋଭାଯାତ୍ରାରେ ଛତ୍ରପୁରକୁ ଆସି ନିଜ ନାମାଙ୍କନ ପତ୍ର ଦାଖଲ କଲେ ସିପିଆଇ ପାର୍ଟିର କବିସୂର୍ଯ୍ୟନଗର ବିଧାନସଭା ଆସନ ନିମନ୍ତେ ବିଧାୟକ ପ୍ରାର୍ଥୀ ପ୍ରବୀଣ କୁମାର ଦାଶ। ସ୍ଥାନୀୟ ଲକ୍ଷ୍ମଣ ଭବନ ଠାରୁ ପ୍ରବୀଣଙ୍କ ସହ ଶହଶହ ଦଳୀୟ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ । ସେଠାରେ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଙ୍ଗ ଅଫିସର ପ୍ରମୋଦ କୁମାର ପୃଷ୍ଟିଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ଶୋଭାଯାତ୍ରାରେ ସିପିଆଇ ପାର୍ଟିର ଗଞ୍ଜାମ ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ଜିଲ୍ଲା ସହ -ସମ୍ପାଦକ ନୀଳକଣ୍ଠ ଦାଶ, ଅଖିଳ ଭାରତ ଯୁବସଂଘର ରାଜ୍ୟ ସହ-ସମ୍ପାଦକ କାମଦେବ ନାହାକ, ସନିଆପ୍ରଧାନ, ଆଇନଜୀବି କୈଳାଶ ପଲାଇଙ୍କ ସମେତ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ବହୁ ଦଳୀୟ ନେତା ଓ କର୍ମୀ ମାନେ ସାମିଲ ହୋଇଥିଲେ ।

## କୋଇଲା ଖଣିରେ ଓଲଟିଲା ଲୋଡ଼ର ଅଳ୍ପକେ ବର୍ତ୍ତିଲେ ଚାଳକ

ତାଳଚେର, (ସବ୍ୟୁ) : ତାଳଚେର ଲିଙ୍ଗରାଜ କୋଇଲା ଖଣିର ଲୋକାଲ ସେଲରେ ଘଟିଛି ଅଘଟଣ । ଲୋକସେଲରେ କୋଇଲା ସଫା କରୁଥିବା ବେଳେ ହଠାତ ଲୋଡ଼ରଟି ନିଜର ଭାରସ୍ୟାମ ହରାଇ ଲେଉଟି ପଡ଼ିଥିଲା । ଏହାର ଚାଳକ ବିଶୁ ସାହୁ ନିଜର ବୁଦ୍ଧି ଖର୍ଚ୍ଚକରି ଲୋଡ଼ରରୁ ଡ଼େଇଁ ନିଜର ଜୀବନ ବଚାଂଇଛନ୍ତି । ଏହି ଖଣିରେ କିଛି ଦିନ ପୂର୍ବରୁ ଏହି ଲୋକାଲ ସେଲରେ ଏକ ଲୋଡ଼ର କୌଣସି କାରଣ୍ରୁ ପୋଡ଼ି ଯାଇଥିବା ବେଳେ ଆଜି ପୁଣି ଏକ ଅଘଟଣ ଘଟି ଯାଇଥିବାକୁ ନେଇ ଖଣିର ସୁରକ୍ଷା ପ୍ରତି ଉଠିଛି ପ୍ରଶ୍ନ?

# ବିଜେଡ଼ିକୁ ସମର୍ଥନ ଘୋଷଣା କଲା ଦଳିତ ସମାଜ



ଭୁବନ, (ସବ୍ୟୁ): ଭୁବନ ବ୍ଲକ ଏବଂ ଏନ୍ଏସିର ୩୪ ଥାନ ଦଳିତ ସମାଜ ବିଜେଡିକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଭୁବନ ଏନ୍ଏସି ଅନ୍ତର୍ଗତ ୪ ନମ୍ବର ୱାର୍ଡ ସାହୁ ଘର ପାଟଣା ସ୍ଥିତ ଦଳିତ ସମାଜ କୋଠ ଘରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ମାନ୍ୟବର ମନ୍ତ୍ରୀ ତଥା କାମାକ୍ଷା ନଗର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନର ୮ ଥାନ ଓ ବ୍ଲକର ୨୬ ଥାନ (ସମୁଦାୟ ୩୪ ଥାନ)ର ମୁଖିଆ ମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ ଅଭିଭାଷଣ ପ୍ରଦାନ କରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଦଳିତ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି ଓ ବିରୋଧୀ ଦଳ ଦଳିତଙ୍କୁ ନେଇ ରାଜନୀତି କରୁଛନ୍ତି । ଦଳିତ ସମାଜର ଦୁଇ ଜଣ ପ୍ରମୁଖ ମୁଖିଆ ରମେଶ ଚନ୍ଦ୍ର ମଲ୍ଲିକ ଓ ଗଙ୍ଗାଧର ମଲ୍ଲିକଙ୍କୁ ବିରୋଧୀ ଦଳ ପ୍ରଲୋଭନ ଦେଖାଇ ନେଇଯାଇଥିବା ବେଳେ ସେମାନେ ପୁନର୍ବାର ବିଜେଡିକୁ ପ୍ରତ୍ୟାବର୍ତ୍ତନ କରି ସ୍ୱାଭିମାନ ଓ ସୁରକ୍ଷା ପାଇଁ ସେମାନେ ବିଜେଡିକୁ ଫେରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଦଳିତ ସମାଜର ସମର୍ଥନ ପରେ ବିଜେଡି ସ୍ଥିତି ମଜବୁତ ହୋଇଛି ବୋଲି ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ କହିବା ସହ ସମସ୍ତ ଥାନପତି ମାନଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରିଥିଲେ ।

# ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ 'ଆମ ଗାଁ ଆମ ସାହିତ୍ୟ' କାର୍ଯ୍ୟକ୍ରମ

ବୁଗୁଡା, (ସବ୍ୟୁ): ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ନିଉଏରା ପବ୍ଲିକ ସ୍କୁଲ ପରିସରରେ ଆମ ଗାଆଁ ଆମ ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ପ୍ରଫେସର କୃତ୍ତିବାସ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ପଣ୍ଡିତ ଘନଶ୍ୟାମ ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ଅଶୋକ ନନ୍ଦ, ମୁଖ୍ୟବକ୍ତା ଭାବେ ବୃଷକେତୁ ଦାଶ, ସମ୍ମାନିତ ଅତିଥି ଭାବେ ଅନନ୍ତ କର, ଗଞ୍ଜାମ ଜିଲ୍ଲା ୟୁଜେଓ ସଭାପତି ଅନୀଲ ପଟ୍ଟନାୟକ, କବି ପ୍ରଶାନ୍ତ ନନ୍ଦ ଯୋଗଦେଇ ନିଜ ଅଞ୍ଚଳର ସାହିତ୍ୟ ତଥା ସାହିତ୍ୟିକମାନଙ୍କ ଉପରେ ଗବେଷଣା କରିବା ଏବଂ ତାହାକୁ ହିଁ ବିଶ୍ୱ ସ୍ତରରେ ପହଞ୍ଚାଇବାର ଉଦ୍ୟମ କଲେ ସାହିତ୍ୟ ବିକଶିତ ହେବ ବୋଲି ମତବ୍ୟକ୍ତ କରିଥିଲେ । ଏ ଅବସରରେ ପଣ୍ଡିତ ଘନଶ୍ୟାମ ମିଶ୍ରଙ୍କ ରଚିତ ଦୁଇଟି ପୁସ୍ତକ ସଂକ୍ଷିପ୍ତ ରାମାୟଣ ଓ ଧର୍ମ ଭକ୍ତିର ଅମୃତ ଧାରା ଉନ୍ମୋଚିତ ହୋଇଥିଲା ବେଳେ ପଣ୍ଡିତ ମିଶ୍ରଙ୍କୁ ବିକ୍ଷିପ୍ତା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ରଞ୍ଜିତା ନନ୍ଦ, ଗୋମତୀ ଦାଶ, ଚିତ୍ତରଞ୍ଜନ ଦାସ, ଲୋକନାଥ ମହାନ୍ତି , ପ୍ରଶାନ୍ତ ମହାପାତ୍ର, ଅରୁଣାଞ୍ଚଳ ପତି ପ୍ରମୁଖଙ୍କୁ ବିକ୍ଷିପ୍ତା ଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଥିଲା । ଏଥି ସହ ଗଣମାଧ୍ୟମ ପ୍ରତିନିଧି ହର ପ୍ରସାଦ ପାଢ଼ୀ, ଅଭୟ ପ୍ରସାଦ ପାଣିଗ୍ରାହୀ, ମନୋରଞ୍ଜନ ଦାଶ ପ୍ରମୁଖଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ଗୌରୀପତି ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ ପ୍ରମୋଦ ଚନ୍ଦ୍ର ପାଢ଼ୀ, ପ୍ରମୋଦ ଚନ୍ଦ୍ର ପାଢ଼ୀ ,ଲକ୍ଷ୍ମୀ ନାରାୟଣ ଦାଶ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଶତାଧିକ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ କବି ହର ପ୍ରସାଦ ସାହୁ ଏବଂ ପ୍ରଖ୍ୟାତ ଚିତ୍ରଶିଳ୍ପୀ ସ୍ଥିତଧି ରଥଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଡ.ଶ୍ୟାମା ପ୍ରସାଦ ମିଶ୍ର ପରିଚାଳନା କରିଥିଲେ ।

# ସାବିତ୍ରୀମଣୀ ବିଶ୍ୱାଳଙ୍କ ସ୍ମୃତିସଭା



ବାଲେଶ୍ୱର, (ସବ୍ୟୁ) : ଧର୍ମପ୍ରାଣା, ସମାଜସଂସ୍କାରକ, ସାମାଜିକକର୍ମୀ, ସୁଗୃହିଣୀ, ପରପୋକାରୀ,ପ୍ରେରଣାଦାୟିନୀ,ସେବା ଓ ତ୍ୟାଗର ପ୍ରତୀକ ଅମୃତମୟୀ ଜନନୀ ସାବିତ୍ରୀମୟୀ ବିଶ୍ୱାଳଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ରେମୁଣାବ୍ଲକ ମୁଖୁରାସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ତଥା ଜଗନ୍ନାଥ ସଂସ୍କୃତିର ଗବେଷକ ଭରତ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଡକ୍ଟର ନରୋତ୍ତମ ପରିଡ଼ା, ପ୍ରଫେସର ପ୍ରଶାନ୍ତ କୁମାର ବରାଳ, ଡକ୍ଟର ପ୍ରଦୀପ୍ତ କୁମାର ମିଶ୍ର, ସାମ୍ବାଦିକ ରବି ରାଉତ ପ୍ରମୁଖ ଯୋଗଦେଇଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ବାଲେଶ୍ୱର ଜିଲ୍ଲାପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସୁଦର୍ଶନ ଜେନା, ସାଂସଦ ପ୍ରାର୍ଥୀ ପ୍ରଫେସର ଲେଖାଶ୍ରୀ ସାମନ୍ତସିଂହାର,ଶୁଭେନ୍ଦୁ ଦାସ ମଙ୍ଗରାଜ, ରାଜେନ୍ଦ୍ର ରାଉତ, ସୁମତୀ ବେହେରା, ତନୁଜା ଗିରି, ଆୟେସାନ ଖାନ୍, ଅଭିମନ୍ୟୁ ଧିନ୍ଦା, ବନ୍ଦିତା ନାୟକ, କବିତା ପାଣି, ମଧୁସୂଦନ ଦାସ, ବିପ୍ଳବ କୁମାର ମହାନ୍ତି, ରଂଜନ ବାଗ, ହିମାଂଶୁ ଦାସ, ରବିନ୍ଦ୍ର ମହାକୁଡ, ସୌଭାଗ୍ୟମଞ୍ଜରୀ ରାଉତ, ନଳିନୀ କୁମାର ପଣ୍ଡା, ଯାଦବେଶ୍ ମିଶ୍ର, ମନୋରଂଜନ ରାଉତ, ଇଂ ଦୀପକ କୁମାର ମଲ୍ଲିକ, ଇଂ ବିଜୟ କୁମାର ସେଠୀ, ଡକ୍ଟର ମହେଶ୍ୱର ମହାପାତ୍ର, ଅଜୟ ନାୟକ, କାଳିପଦ ପଣ୍ଡା, ଅଭୟ ଦାସ, ଡକ୍ଟର ଭାଗବତ ଦାସ,ବାଣୀ ନିର୍ମାଲ୍ୟ ବିଶ୍ୱାଳ, ଡକ୍ଟର ହରିଶ୍ଚନ୍ଦ୍ର ପତି, ପ୍ରଦୀପ ବେହେରା, ଭାସ୍କର ଚନ୍ଦ୍ର ବିଶ୍ୱାଳ, କସ୍ତୁରୀ ଚରଣ ଦାସ, ବିମ୍ବାଧର ଲେଙ୍କା, ପଣ୍ଡିତ ସତ୍ୟବ୍ରତ ମିଶ୍ର, ପ୍ରଶାନ୍ତ କୁମାର ଚକ୍ର, ପ୍ରଭାକର ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତାଃ ବିଶ୍ୱାଳଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସାମ୍ୟବାଦୀ ନେତା ଷ୍ଟାଲିନ୍ ମିଶ୍ର ସ୍ୱରଚିତ କବିତାପାଠ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗୀୟା ସାବିତ୍ରୀମଣି ବିଶ୍ୱାଳଙ୍କର ଜ୍ୟେଷ୍ଠପୁତ୍ର ଯଥା ବିଜୁ ଜନତା ଦଳର ଉପସଭାପତି ପ୍ରଭାତ କୁମାର ବିଶ୍ୱାଳ ମାଙ୍କ ପ୍ରତି ତାଙ୍କର ଅନ୍ତରର ନୈବେଦ୍ୟ ଅର୍ପଣ କରିଥିଲେ । ଶେଷରେ ବିଜେଡ଼ି ରେମୁଣା ଏନ୍ଏସି ସଭାପତି ରାମନାରାୟଣ ବେହେରା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସକାଳ ସମୟରେ ରାଜ୍ୟଶିଳ୍ପ, ବିଦ୍ୟୁତ ମନ୍ତ୍ରୀ ତଥା ବିଜେଡ଼ି ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତ ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ବିଜେଡ଼ି ଜିଲ୍ଲା ସଭାପତି ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟ ନେତୃବୃନ୍ଦ ମୁଖୁରା ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ ସହ ସ୍ୱର୍ଗୀୟା ସାବିତ୍ରୀମଣିଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ପ୍ରାର୍ଥୀପତ୍ର ଦାଖଲ କଲେ ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର

ଫୁଲବାଣୀ, (ସବ୍ୟୁ): ଚଳିତ ସାଧାରଣ ନିର୍ବାଚନ ଫୁଲବାଣୀ (ସଂ- ଆଦିବାସୀ) ବିଧାନସଭା ଆସନରେ ଆଜି ଥିଲା ପ୍ରାର୍ଥୀପତ୍ର ଦାଖଲର ଚତୁର୍ଥ ଦିବସ । ଫୁଲବାଣୀ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ଆସନ ପାଇଁ ସମୁଦାୟ ତିନି ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଆଜି ପ୍ରାର୍ଥୀପତ୍ର ଦାଖଲ କରିଥିବା ପ୍ରମୁଖ ପ୍ରାର୍ଥୀ ମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର । ସେ ସାମାଜବାଦୀ ଦଳ ପକ୍ଷରୁ ପାର୍ଥି ଭାବେ ସାଇକେଲ ଚିହ୍ନରେ ତାଙ୍କର ହଜାର ହଜାର ସମର୍ଥକଙ୍କ ସହ ବାଜା ବାଜଣା ଓ ଶୋଭାଯାତ୍ରାରେ ଆସି ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିପରି ଆମ ବିକାଶ ଦଳ(ଆଞ୍ଚଳିକ ଦଳ ) ପକ୍ଷରୁ ହିମାଂଶୁ କହଁର ମଧ୍ୟ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମନା ରାସ୍ତା ଦଳୀୟ କର୍ମୀ ଓ ଦେଖଣାହାରୀଙ୍କ ଦ୍ୱାରା ଲୋକାରଣ୍ୟ ହୋଇଯାଇଥିଲା ।

# ୪୭ନଂ ୱାର୍ଡରେ ବିଜେଡି କର୍ମୀ ସମ୍ମିଳନୀ




କଟକ, (ସବ୍ୟୁ) : ଚୌଦ୍ୱାର କଟକ ବିଜୁ ଜନତା ଦଳ ତରଫରୁ ୪୭ନଂ ୱାର୍ଡରେ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇଙ୍କ ନେତୃତ୍ୱରେ ୱାର୍ଡର କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଜେଡି ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର ଓ ଚୌଦ୍ୱାର କଟକ ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳଙ୍କୁ ବିପୁଳ ସଂଖ୍ୟାରେ ମତଦାନ କରି ନିର୍ବାଚନରେ ଜିତାଇବାକୁ କର୍ମୀମାନେ ୱାର୍ଡ ବାସିନ୍ଦାଙ୍କୁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡଃ କମଳ ପ୍ରସାଦ ମହାନ୍ତି, ରତିକାନ୍ତ ଜେନା ଓ କମଳାକାନ୍ତ ସାହୁ ପ୍ରମୁଖ ବଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ପର୍ଯ୍ୟବେକ୍ଷକ ପତିତପାବନ ନାୟକ, ୱାର୍ଡ ସଭାପତି ଇଂ ରମେଶ ରାଉତ, ସମାଜସେବୀ ସଞ୍ଜୟ ଜେନା, ମାନବେଶ ରାୟ, ୱାର୍ଡ ମହିଳା ସଭାନେତ୍ରୀ ସବିତା ଦାସ, ଏମଡିଏ ସଭାପତି ରବିନ୍ଦ୍ର ପ୍ରସାଦ ତ୍ରିପାଠୀ, ସମ୍ପାଦକ ହିମାଂଶୁ ଷଡଙ୍ଗୀ, ଆଇନଜୀବୀ ମନୋଜ ଦାସ ଓ ଲୋକରଞ୍ଜନ୍ ତ୍ରିପାଠୀ, ରବି ଶତପଥୀ, ରବିନ୍ଦ୍ର ମହାନ୍ତି, ଗୋପାଳ ବେହେରା, ସରୋଜ ପ୍ରସାଦ ସ୍ୱାଇଁ, ମନୋଜ ସାହୁ, ମିତା ସ୍ୱାଇଁ, ରାକେଶ ତ୍ରିପାଠୀ, ଇଂ ଯଦୁନାଥ ମହାପାତ୍ର, ଦୀପକ ରାୟ, ବାବୁଲି ଦାସଙ୍କ ସମେତ ଶତାଧିକ ମହିଳା, ପୁରୁଷ, ମୁରବୀ, ଛାତ୍ର ଓ ଯୁବ ବିଜେଡି କର୍ମୀମାନେ ଏହି କର୍ମୀ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ବିଜେଡ଼ିରେ ଯୋଗଦେଲେ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା



କେନ୍ଦୁଝର, (ସ୍ୱପ୍ର) : ପୂର୍ବତନ ମନ୍ତ୍ରୀ ତଥା ଘଷିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ରଙ୍କ ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଜେଡ଼ିରେ ଯୋଗଦେଇଛନ୍ତି କେନ୍ଦୁଝର ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ ବରାଳ। ଏହି ମିଶ୍ରଣ ସମୟରେ ଚମ୍ପୁଆ ବିଧାୟକ ପାର୍ଥୀ ସନାତନ ମହାକୁଡ଼, ଜିଲ୍ଲା ବିଜେଡି ସଭାପତି କୁଶ ପାଟ ଓ କେନ୍ଦୁଝର ସାଂସଦ ପାର୍ଥୀ ଧନୁର୍ଜୟ ସିଦ୍ଧୁ ଓ ଅନ୍ୟ ବିଧାୟକ ପାର୍ଥୀ ବୃନ୍ଦ ଉପସ୍ଥିତ ଥିଲେ ।

# କଣମଣା, ଆର୍ଯ୍ୟପଲ୍ଲୀ ଓ କାଳିପଲ୍ଲୀରେ ସୁବାସଙ୍କ ଭୋଟ ଭିକ୍ଷା

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ଆଜି ଛତ୍ରପୁର ବ୍ଲକ୍ କଣମଣା, ଆର୍ଯ୍ୟପଲ୍ଲୀ ଓ କାଳିପଲ୍ଲୀ ପଞ୍ଚାୟତରେ ଦମଦାର ପ୍ରଚାର କରିଛନ୍ତି । ଘରକୁ ଘର ବୁଲି ଜନସାଧାରଣଙ୍କୁ ଭୋଟ୍ ଭିକ୍ଷା କରିବା ସହ ଯୋଡିଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ । ତିନୋଟି ପଞ୍ଚାୟତରେ ବିଧାୟକଙ୍କୁ ବିପୁଳ ସମର୍ଥନ ଜଣାଇବା ସହିତ ବିଭିନ୍ନ ଙ୍ଗରେ ସ୍ୱାଗତ ଜଣାଇଥିଲେ । ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସଭିଏଁ ସଙ୍କଳ୍ପ ନେବାକୁ ଆହ୍ୱାନ୍ ଦେଇଥିଲେ । ଏହାସହ ଛତ୍ରପୁର ନିର୍ବାଚନମଣ୍ଡଳୀରେ ବିକାଶର ଧାରା ବଜାୟ ରଖିବାକୁ ସହଯୋଗ କାମନା କରିଥିଲେ । ପର୍ଯ୍ୟବେକ୍ଷକ ନାରାୟଣ ପ୍ରସାଦ ଜେନା, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦିଲେଶ୍ୱର ରେଡ୍ଡୀ, ଯୁବନେତା ଜ୍ୟୋତିରଞ୍ଜନ ସାହୁ, ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ୍.ଚକ୍ରପାଣି ରେଡ୍ଡୀ, ଛତ୍ରପୁର ପୌରପରିଷଦର ଉପାଧ୍ୟକ୍ଷ ଜି.ପାପା ରାଓ, ବିଜେଡି ଜିଲ୍ଲା ଉପସଭାପତି ଶଙ୍କର ପ୍ରସାଦ ଦାଶ, ଜିଲ୍ଲା ପରିଷଦ ସଭ୍ୟ ଏମ୍.ଧନଞ୍ଜୟ ରେଡ୍ଡୀ, ଯୁବ ବିଜେଡି ଜିଲ୍ଲା ସାଧାରଣ ସଂପାଦକ ବିମଳ କୁମାର ପଣ୍ଡା, ଯୁବବିଜେଡି ଛତ୍ରପୁର ସଭାପତି ଟି.ଚନ୍ଦ୍ରଶେଖର ରାଓ , ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, କଣମଣା ସରପଞ୍ଚ ପି.ଦମୟନ୍ତୀ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ସମିତିସଭ୍ୟ ଚୁମୁକି ସେଠୀ, ଏ.ଭେଙ୍କଟ୍, ଏମ୍.ଗୁମାଲୀ, ବି.ଭୀମ, ଆର୍.ଗୋବିନ୍ଦା, ବି.ଚନ୍ଦ୍ରମଣି ପାତ୍ର, କାଳିପଲ୍ଲୀ ସରପଞ୍ଚ ବି.ଲକ୍ଷ୍ମୀ ପାତ୍ର, ସମିତିସଭ୍ୟ ବିକାଶ ବେହେରା, ପୂର୍ବତନ ସମିତିସଭ୍ୟ ସୁଶାନ୍ତ କୁମାର ସାହୁ, ପୂର୍ବତନ ସରପଞ୍ଚ ଶ୍ରୀରାମ ବେହେରା, ସିଏଚ୍.ରଘୁନାତ ରେଡ୍ଡୀ, ସିଏଚ୍.ଭଗବାନ ରେଡ୍ଡୀ, ସିଏଚ୍.ବଳରାମ ରେଡ୍ଡୀ, ନାରିନେତ୍ରୀ ନିଳାଦ୍ରୀ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏସ୍.କିଶୋର ରେଡ୍ଡୀ, ପୂର୍ବତନ ସମିତିସଭ୍ୟ ଅଶୋକ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ସୋମନାଥ ବେହେରା, ଯୁବ ବିଜେଡି ଛତ୍ରପୁର ବ୍ଲକ ଉପସଭାପତି କାହ୍ନୁଚରଣ ବେହେରା, ନିର୍ବାଚନମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ ।

# ସମ୍ବଲପୁର ଆଇଆଇଏମ୍‌ର ୮ମ ସମାବର୍ତ୍ତନ ଉତ୍ସବ




ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ସ୍ଥିତ ଭାରତୀୟ ପ୍ରବନ୍ଧନ ସଂସ୍ଥାନ (ଆଇଆଇଏମ୍)ର ୮ମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବନ୍ଧନ ବ୍ୟାଙ୍କର ପ୍ରତିଷ୍ଠାତା ତଥା ସିଇଓ ଚନ୍ଦ୍ରଶେଖର ଘୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଜୀବନଯାତ୍ରା କ୍ଷେତ୍ରରେ ମାନବ ସମ୍ବଳ ଇନ୍‌ଡେକ୍ସର ମହତ୍ତ୍ୱ ରହିଛି। ଶିକ୍ଷା ଓ ମୁଣ୍ଡପିଛା ଆୟ ଉପାଦାନ ଉପରେ ଆଲୋକପାତ କରି ବିଭିନ୍ନ ଆହ୍ୱାନର ସାମ୍ନା କରିବା ଏବଂ ସୁଲଭ ଆର୍ଥିକ ଋଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କେବଳ ଦକ୍ଷତା ଉପରେ ଗୁରୁତ୍ୱ ନ ଦେଇ ଉପଯୁକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ପାଇଁ ପ୍ରଥମେ ସୁଯୋଗ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ମହାଦେବ ପ୍ରସାଦ ଜୟସ୍ୱାଲ ଶିକ୍ଷାନୁଷ୍ଠାନର ୯ ବର୍ଷର ଯାତ୍ରା ଉପରେ ସୂଚନା ଦେଇ କହିଲେ ଯେ, ଏହା ଉତ୍କର୍ଷତା କେନ୍ଦ୍ର ରୂପେ ପରିଣତ ହୋଇଛି। ଆଇ-ହବ୍ ଇନ୍‌କ୍ୟୁବେସନ୍ କେନ୍ଦ୍ର ପ୍ରତିଷ୍ଠା, ନବମ ପାନ୍ ଆଇଆଇଏମ୍ ବିଶ୍ୱ ପରିଚାଳନା ସମିତି ଆୟୋଜନ, ୧୦୦ କ୍ୟୁବ୍ ଷ୍ଟାର୍ଟଅପ୍ କନ୍‌କ୍ଲେଭ୍ ଆୟୋଜନ ସହିତ ଆନ୍ତର୍ଜାତୀୟ ସଂସ୍ଥା ଗୁଡିକ ସହ ବୁଝାମଣାପତ୍ର, ନୂଆଁଦିଲ୍ଲୀରେ କ୍ୟାମ୍ପସ୍ ଓ ସମ୍ବଲପୁରରେ ସ୍ଥାୟୀ କ୍ୟାମ୍ପସ ପ୍ରତିଷ୍ଠା ଉଲ୍ଲେଖନୀୟ ଅଟେ। ଆଇଆଇଏମ୍ ସମ୍ବଲପୁରର ଗଭର୍ଣ୍ଣିଂ କମିଟିର ଅଧ୍ୟକ୍ଷା ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ନିଜକୁ ଠିକ୍ ଭାବରେ ପରିଚାଳନା କରି ଜୀବନର ସମସ୍ତ କ୍ଷେତ୍ରରେ ଉନ୍ନତି ଓ ସଫଳତା ହାସଲ କରାଯାଇ ପାରିବ। ଆତ୍ମଶୃଙ୍ଖଳା, ସହନଶୀଳତା ଓ ଆହ୍ୱାନର ସାମ୍ନା କରିବା ବିନା ଆତ୍ମ ପରିଚାଳନା ହାସଲ କରାଯାଇ ପାରିବ ନାହିଁ। ସଙ୍କଟ ସମୟରେ ନେତୃତ୍ୱ ଦେବାର କ୍ଷମତା ହାସଲ ପାଇଁ ନିଜକୁ ପରିଚାଳନା କରିବାରେ ଶିକ୍ଷା ହାସଲ କରିବାକୁ ହେବ। ସମାବର୍ତ୍ତନ ଉତ୍ସବରେ ବିହାରର ଆଦିତ୍ୟ କୁମାରଙ୍କୁ ଦ୍ୱିତୀୟ ସର୍ବୋଚ୍ଚ ସିଜିପିଏ ହାସଲ ପାଇଁ ପୁରସ୍କୃତ କରାଯାଇଥିଲା। ସେହିଭଳି ଓଡ଼ିଶାର ବିନୟଭୂଷଣ ପଣ୍ଡା ଓ ଉତ୍ତର ପ୍ରଦେଶର ଦେବାଶୀଷ ମାଲ୍‌କାନୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ୨୩୬ ଜଣ ସ୍ନାତକ ଏବଂ ପ୍ରଥମ ବ୍ୟାଚ୍ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ସ୍ନାତକମାନଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ପ୍ରିୟା ପଣ୍ଡା ଓ ରୋମା ଦାଶଙ୍କୁ ଚେୟାରମେନ୍ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା।

# ମେ’ ୩ ତାରିଖରେ ରାୟଗଡ଼ାରେ ରାହୁଲ ଗାନ୍ଧିଙ୍କ ନିର୍ବାଚନ ପ୍ରଚାର



ରାୟଗଡ଼ା,(ସବ୍ୟୁ): ଆସନ୍ତା ମେ ୩ ତାରିଖରେ ରାୟଗଡ଼ା ଠାରେ ଏକ ବିଶାଳ ଜନ ସମାବେଶରେ ଯୋଗଦାନ କରିବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ । ରାୟଗଡ଼ା ସହର ଉପକଣ୍ଠ ବାଇପାସ୍ ଠାରେ ଥିବା ବାରିଝୋଲା ପଡ଼ିଆରେ ହେବ ସମାବେଶ। ଏହି ସମାବେଶରେ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର , ମାଲକାନଗିରି, କଳାହାଣ୍ଡି, ନୂଆପଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର ନେତା ଓ କର୍ମୀ ଯୋଗଦାନ କରିବେ। ଆସନ୍ତା ମେ ୧୩ ତାରିଖରେ କୋରାପୁଟ, ନବରଙ୍ଗପୁର, ବ୍ରହ୍ମପୁର ଓ କଳାହାଣ୍ଡି ସଂସଦୀୟ କ୍ଷେତ୍ର ଓ ଏହାର ଅନ୍ତର୍ଗତ ୨୮ ବିଧାନସଭା ଆସନରେ ନିର୍ବାଚନ ହେବ। ତେଣୁ ରାୟଗଡ଼ାକୁ କଂଗ୍ରେସ ପ୍ରୟୋଗଶାଳା ଭାବେ ନେଇଛି। ଚାରି ସଂସଦୀୟ କ୍ଷେତ୍ରର ମଧ୍ୟବର୍ତ୍ତୀ ସ୍ଥାନ ରାୟଗଡ଼ା ହୋଇଥିବାରୁ ଏଠାରେ ପ୍ରଚାର କରି ଭୋଟ ଭିକ୍ଷା କରିବେ ରାହୁଲ। ଏଥିସହ କର୍ମୀଙ୍କୁ ଦେବେ ବିଜୟ ମନ୍ତ୍ରଛ ୮ ଜିଲ୍ଲାର ୧ ଲକ୍ଷ ଲୋକ ଯୋଗଦାନ କରିବା ପାଇଁ କଂଗ୍ରେସ ତରଫରୁ ପ୍ରସ୍ତୁତି ଚାଲିଛି। ରାହୁଲଙ୍କ ପାଇଁ ହେଲିପ୍ୟାଡ ଠାରୁ ଆରମ୍ଭ କରି ଲୋକଙ୍କ ପାଇଁ ସମସ୍ତ ବ୍ୟବସ୍ଥା ଆଜି ଠାରୁ ଆରମ୍ଭ ହୋଇଛି। ସାଂସଦ ସପ୍ତଗିରି ଉଲ୍ଲାକା ଏହାର ତ୍ୱାବଧାନ କରୁଛନ୍ତି। ସୋମବାର ପୁଲିସ, ଦମକଳବାହିନୀ ଓ ପୂର୍ତ୍ତ ବିଭାଗ ପକ୍ଷରୁ ସଭା ସ୍ଥଳ ପରିଦର୍ଶନ ହୋଇଥିଲା। ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ଡିସିସି ମୁଖପାତ୍ର ଶଙ୍କର୍ଷଣ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଲୋକସଭା ଓ ବିଧାନସଭା ଆସନ ଦଖଲ କରିବା ସହିତ କୋରାପୁଟ ଲୋକସଭା ଆସନକୁ କଂଗ୍ରେସ ଦଖଲ କରିବା ପାଇଁ ମନ୍ତ୍ର ଫୁଙ୍କିବେ ରାହୁଲ ବୋଲି ସୂଚନା ମିଳିଛି। ଫଳରେ କଂଗ୍ରେସ ସଂଗଠନ ସହିତ ନେତା ଓ କର୍ମୀଙ୍କୁ ଉତ୍ସାହ ମିଳିବ ବୋଲି ଅନୁମାନ କରାଯାଉଛି। ରାହୁଲଙ୍କ ଏହି ଗସ୍ତ ପାଇଁ କଂଗ୍ରେସ ଶିବିରରେ ପ୍ରସ୍ତୁତି ଜୋରଦାର କରାଯାଇଛି। ମୁଖ୍ୟତଃ ରାୟଗଡ଼ା, ଗୁଣପୁର, ବିଷମକଟକ, ଲକ୍ଷ୍ମୀପୁର ଓ ନର୍ଲା। ବିଧାନସଭା ନିର୍ବାଚନମଣ୍ଡଳୀରୁ ସର୍ବାଧିକ ଲୋକ ଆଣିବା ପାଇଁ ବିଧାୟକ ପ୍ରାର୍ଥୀଙ୍କୁ ଟାର୍ଗେଟ ଦିଆଯାଇଛି। କେବଳ ରାହୁଲ ନୁହଁନ୍ତି ତାପରେ ଆସିବେ ପ୍ରିୟଙ୍କା ଗାନ୍ଧୀ। ତେବେ ପ୍ରିୟଙ୍କା ନବରଙ୍ଗପୁର ଲୋକସଭା କ୍ଷେତ୍ରରେ ଜନସଭାରେ ଯୋଗଦାନ କରିବେ ବୋଲି ଜଣାପଡ଼ିଛି। ଅବିଭକ୍ତ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାକୁ ପୁଣି ଥରେ କଂଗ୍ରେସ ଦଖଲକୁ ଆଣିବା ପାଇଁ ଗସ୍ତରେ ଆସୁଛନ୍ତି ଏଆଇସିସିର ହେଭିୱେଟ ନେତା। ସେହିଭଳି ଆସନ୍ତା ମେ ୮ ତାରିଖରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡି ଆସୁଥିବା ନେଇ ସୂଚନା ଦେଇଛନ୍ତି କୋରାପୁଟ ସାଂସଦ ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲ୍ଲାକା। ବାରିଝୋଲା ପଡ଼ିଆରେ ଜନସମାବେଶରେ ରାହୁଲ ଯୋଗଦେବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ନେଇ କହିଛନ୍ତି ସପ୍ତଗିରି। ଏକ ଲକ୍ଷ ଲୋକଙ୍କ ସମାବେଶ ଆୟୋଜନ କରିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଣେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡି ରାୟଗଡ଼ା, ବିଷମକଟକ ଓ ଗୁଣପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ରୋଡ୍ ଶୋ କରିବା ନେଇ ମଧ୍ୟ ସପ୍ତଗିରି ସୂଚନା ଦେଇଛନ୍ତି । ରେବନ୍ତ ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାନ୍ତବର୍ତ୍ତି ରାୟଗଡ଼ା ବ୍ଲକର କେରଡ଼ା ଠାରୁ ରୋଡ୍ ଶୋ ଆରମ୍ଭ କରି ଜେମାଦେଇପେଣ୍ଟ, ପିତାମହଲ, ରାୟଗଡ଼ା ସହର ଦେଇ କୋତାପେଟା, କୁମୁଟିପେଣ୍ଟ, ଜେକେପୁର ପର୍ଯ୍ୟନ୍ତ ଯିବେ । ଏହାପରେ ରେବନ୍ତ ରେଡ୍ଡିଙ୍କ ରୋଡ଼ ଶୋ ଅମଳାଭଟା ଠାରୁ ଭୁଜବଳ ଦେଇ ବିଷମକଟକ ନିର୍ବାଚନ ମଣ୍ଡଳୀର କୋଲନରା ପର୍ଯ୍ୟନ୍ତ ରୋଡ ଶୋ କାର୍ଯ୍ୟକ୍ରମ ହେବ । ସେଠାରୁ ଗୁଣପୁର ନିର୍ବାଚନମଣ୍ଡଳୀର ବିକ୍ରମପୁର ଠାରୁ ଗୁଣପୁର ସହର ଦେଇ ଗଜପତି ଜିଲ୍ଲା ସୀମାନ୍ତ ପର୍ଯ୍ୟନ୍ତ ରୋଡ ଶୋ କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ତେବେ ରାହୁଲ ଗାନ୍ଧୀଙ୍କ ଜନସମାବେଶକୁ ସମ୍ବୋଧନ ଓ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡିଙ୍କ ରୋଡ୍ ଶୋ ଆଗାମୀ ନିର୍ବାଚନରେ ରାୟଗଡ଼ା ଜିଲ୍ଲାର ୩ ବିଧାନସଭା ଆସନ ଓ କୋରାପୁଟ ଲୋକସଭା ଆସନ ଦଖଲରେ କେତେ ସହାୟକ ହେବ ତାହା ସମୟ କହିବ ।

# ବାଇକ୍-କଣ୍ଟେନର ମୁହାଁମୁହିଁ : ଦୁଇ ମୃତ

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ କେନଘାଟି ଛକ ନିକଟରେ ବାଇକ ଓ କଣ୍ଟେନର ମୁହାଁମୁହିଁ ଧକ୍କା ଯୋଗୁଁ ୨ଜଣଙ୍କ ମୃତ୍ୟୁ ହୋଇଯାଇଛି । ଏନେଇ ସଦର ଥାନାରେ ୧୦୬/୨୪ରେ ଏକ ମାମଲା ରୁଜୁ କରାଯାଇ ଶବ ଗୁଡିକୁ ଜବତ କରାଯାଇଛି । ଜବତ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ, ସଦର ଥାନା ଅନ୍ତର୍ଗତ ଭୋଇପାଲି ଗ୍ରାମର ଜୟନାରାୟଣ ବାଗ(୨୭) ଓ ବିଜ୍ଞାନ ମରେଇ(୩୨) ଏକ ବାଇକ ଗାଡି ନମ୍ବର(ଓଆର୦୪ପି- ୪୬୩୩) ଯୋଗେ ନିଜ ଗ୍ରାମକୁ ସୋମବାର ପୂର୍ବାହ୍ନ ୧୦ଟାରେ ଫେରୁଥିଲେ । ତେବେ ଅପରପାର୍ଶ୍ୱରୁ ଆସୁଥିବା ଏକ କଣ୍ଟେନର ଗାଡି ନମ୍ବର( ଏଚ୍‌ଆର୩୮ଏଡି- ୪୯୧୭) ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ପୋଲିସ ଏହି ମାମଲାରେ ଦୁର୍ଘଟଣାଗ୍ରସ୍ତ ୨ଟି ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି ।

# କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ସମ୍ପର୍କିତ ସଚେତନତା

କନ୍ଧମାଳ,(ସବ୍ୟୁ): କନ୍ଧମାଳ ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟଠାରେ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତାଲୁକ ଆଇନ୍ ସେବା ସମିତି କନ୍ଧମାଳ ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବରିଷ୍ଠ ଅଧିବକ୍ତା ତଥା ରିଟେନର୍ ଆଡଭୋକେଟ କୈଳାସ ବାରିକ ଯୋଗଦେଇ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଉପରେ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ଓ ଆଇନର ସହାୟତା ତଥା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଅଞ୍ଚଳବାସୀ ପ୍ରମୁଖ ଉପସ୍ଥିତ ଥିଲେ । ତାଲୁକ ଆଇନ୍ ସେବା ସମିତିର କର୍ମଚାରୀ ଜ୍ୟୋତିରଂଜନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିରାଟ ବରଗଛ ଭାଙ୍ଗି ଟ୍ରାକ୍ଟର ସହ ଦୁଇ ଘର କ୍ଷତିଗ୍ରସ୍ତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଚଲକି ପଞ୍ଚାୟତ ଅଞ୍ଚଳରେ ସୋମବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ପ୍ରବଳ ବେଗରେ ପବନ ବୋହିଥିଲା। ପବନ ଦ୍ୱାରା ଏହି ପଞ୍ଚାୟତ ଜଏଁତରା ଗ୍ରାମର ଛକରେ ଥିବା ଏକ ବିରାଟ ବରଗଛ ହଠାତ୍ ଭାଙ୍ଗି ଯାଇଥିଲା। ଫଳରେ ଗଛ ତଳେ ରଖାଯାଇଥିବା ଗ୍ରାମର ଜଗନାଥ ବାଗଙ୍କ ଏକ ଟ୍ରାକ୍ଟର ଓ ଟ୍ରଲି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇ ଭାଙ୍ଗି ଯାଇଥିଲା। ସେହିପରି ଛକ ପାର୍ଶ୍ୱରେ ଥିବା ହରି ମାଝୀ ଓ ଚଞ୍ଚଳ ଖର୍ସେଲ ନାମକ ଦୁଇ ଜଣଙ୍କ ଘର ମଧ୍ୟ ଭାଙ୍ଗି ଯାଇ କ୍ଷତିଗ୍ରସ୍ତ ହୋଇଥିଲା। ମୁଖ୍ୟ ରାସ୍ତା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ମୁରିବାହାଲ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଗଛ କାଟି ସଫା କରିବା ପରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ମୁରିବାହାଲ ବ୍ଲକ ଅଞ୍ଚଳରେ ଉତ୍କଟ ପାଣି ସମସ୍ୟା

# ମହିଳାମାନେ ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରୀ ରହିଥିବା ବେଳେ ତାପମାତ୍ରା ୪୫ଡ଼ିଗ୍ରୀ ଉପରେ ରହୁଛି। ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଆହୁରି ଉତ୍କଟ ଆକାର ଧାରଣ କରିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଖୋଦ ମୁରିବାହାଲ ବ୍ଲକ ସଦର ମହକୁମାରେ ପାନୀୟ ଜଳଯୋଗାଣ ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ ହୋଇଛି। ମୁରିବାହାଲ ଦଳିତ ପଡ଼ା,ଲୁହୁରା ପଡ଼ା,ବଜାର ପଡ଼ା ଓ ଷ୍ଟେସନ ପଡ଼ାକୁ ପାନୀୟ ଜଳଯୋଗାଣ ଠିକ୍ ଭାବେ କରାଯାଉନଥିବା ଅଭିଯୋଗରେ ମୁରିବାହାଲ ସଦର ସମିତି ସଭ୍ୟ ଚକ୍ରଧର ହେର୍ଣାଙ୍କ ନେତୃତ୍ୱରେ ଦଳିତ ପଡ଼ାର ମହିଳାମାନେ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଗ୍ରାମକୁ ଓଭର ହେଡ୍ ଟ୍ୟାଙ୍କ ମାଧ୍ୟମରେ ଜଳ ଯୋଗାଣ କରାଯାଉଥିଲେ ମଧ୍ୟ ଏହି ପଡ଼ାଗୁଡ଼ିକୁ ଠିକ୍ ରୂପେ ପାଣି ମିଳୁନାହିଁ। ଗ୍ରାମର ଦଳିତ ପଡ଼ା ଓ ଲୁହୁରା ପଡ଼ାକୁ ଆଜି ପର୍ଯ୍ୟନ୍ତ ପାଇପ ଲାଇନ କାମ ସମ୍ପୂର୍ଣ୍ଣ କରାଯାଇନାହିଁ। ସେହିପରି ବଜାର ପଡ଼ା ଓ ଷ୍ଟେସନ ପଡ଼ାକୁ ଠିକ୍ ଭାବେ ପାଣି ଆସୁନାହିଁ। ଦଳିତ ପଡ଼ାର ବହୁ ମହିଳା ସେମାନଙ୍କୁ ବାଛବିଚାର କରି ପାଣି ଦିଆଯାଉନଥିବା ଅଭିଯୋଗ ସହ ଦାବିପତ୍ର ପ୍ରଦାନ କରି ସେମାନଙ୍କ ପଡ଼ାକୁ ଶୀଘ୍ର ପାନୀୟ ଜଳଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରିଥିଲେ। ସେହିପରି ବ୍ଲକର ଲଖନା ପଞ୍ଚାୟତ କନ୍ଧେନଝୁଲା ଗ୍ରାମରେ ଓଭର ହେଡ଼ ଟ୍ୟାଙ୍କ ମାଧ୍ୟମରେ ପାନୀୟ ଜଳଯୋଗାଣ ହେଉଥିଲେ ମଧ୍ୟ ଗ୍ରାମର ଦୁଇଟି ଦଳିତ ପଡ଼ାକୁ ବାଛବିଚାର କରି ପାନୀୟ ଜଳଯୋଗାଣ କରାଯାଉନଥିବା ପଡ଼ାର ମହିଳାମାନେ ବ୍ଲକ କାର୍ଯ୍ୟାଳୟରେ ଗୁରୁତର ଅଭିଯୋଗ କରିଥିଲେ। ଉଭୟ ଦାବିପତ୍ରକୁ ବ୍ଲକ ଗୋଷ୍ଠୀ ଅର୍ଥ ଅଧିକାରୀ ଘେନୁରାମ ତାଣ୍ଡି ଗ୍ରହଣ କରି ଉଭୟ ପଞ୍ଚାୟତ ପିଇଓଙ୍କ ସହ ଆଲୋଚନା କରିବା ସହ ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ଦେଇ ତୁରନ୍ତ ଦଳିତ ପଡ଼ାଗୁଡ଼ିକୁ ଜଳଯୋଗାଣ ବ୍ୟବସ୍ଥା କରାଯିବ ବୋଲି ମହିଳାମାନଙ୍କୁ ପ୍ରତିଶୃତି ଦେଇଥିଲେ। କନ୍ଧେନଝୁଲା ଦୁଇଟି ଦଳିତ ପଡ଼ାର ଅମ୍ବିକା ଛୁରା,ଲଳିତା ଛୁରା,ଅମ୍ବିକା ସୁନା,ନନ୍ଦିନୀ ସୁନା, ଚଞ୍ଚଳା ସୁନା,ଉର୍ବଶୀ ଛୁରା,ବବିକାନ୍ତି ଛୁରା, ଲୁଚନା ଛୁରା,ତୁଳସା ଛୁରା,ମାଧୁରୀ ଛୁରା ଓ ସୁମନ ଛୁରାଙ୍କ ସହ ବହୁ ସଂଖ୍ୟକ ମହିଳା ପାଣି ମୁନ୍ଦିଏ ପାଇଁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ତୁରନ୍ତ ମୁରିବାହାଲ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତର ପାନୀୟ ଜଳ ଓ ଜଳଯୋଗାଣ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ବ୍ୟବସାୟିକ ଭିତ୍ତିରେ ତରଭୁଜ ଚାଷ

ରାୟଗଡ଼ା,(ସବ୍ୟୁ) : ପାରମ୍ପରିକ ଚାଷରୁ ଅଭ୍ୟାସ ବଦଳାଇ ଅର୍ଥକାରୀ ତରଭୁଜ ଚାଷ କରିବାକୁ ସହଯୋଗୀ ସଂସ୍ଥା ଓପିଡିଏସସି ଏବଂ ଆଇଟିଡିଏଓଟିଇ ଏଲପିପ୍ଲସ ଗୁଣୁପୁରଙ୍କ ଉଦ୍ୟମ ଯୋଗୁଁ ଆଦିବାସୀ ସମ୍ପ୍ରଦାୟର ଚାଷୀ ମାନେ ଅହରହ ଉଦ୍ୟମ କରି ଆସୁଛନ୍ତି। ଫଳ ସ୍ୱରୂପ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଓଡିଶା ଆଦିବାସୀ ସଶକ୍ତିକରଣ ତଥା ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ ଗୁଣୁପୁରଙ୍କ ଉଦ୍ୟମ କ୍ରମରେ ରାମନାଗୁଡ଼ା ବ୍ଲକ ଭାମିନି ଗ୍ରାମପଞ୍ଚାୟତ ଖୀଲିଙ୍ଗି ରାଇ ଗ୍ରାମର ଆଦିବାସୀ ଚାଷୀମାନଙ୍କୁ ତରଭୁଜ ଚାଷ କରିବା ପାଇଁ ଉତ୍ସାହିତ କରାଗଲା।

ଗ୍ରାମର ସିଲା କୃଷ୍ଣ, ସିଲା ସନ୍ତୋଷ, ସିଲା ଭାଗ୍ୟ, ଟି ସାନ୍ତୁ, ଇରାମାଝି ରମେଶ, ମଣ୍ଡାଙ୍ଗୀ କରଭୁ, ଇରାମାଝି କୃଷ୍ଣା ରାଓ, ଇରାମାଝି ସନ୍ତୋଷଙ୍କୁ ସଂସ୍ଥା ତରଫରୁ ଉନ୍ନତ ମାନର ବିହନ ଏବଂ ଜୈବିକ ଖତ ସାର ଯୋଗାଇ ଦିଆଗଲା। କୃଷି ଅଧିକାରୀ ସୌମେନ୍ଦ୍ର ନାରାୟଣ ଦାଶ ଚାଷୀ ମାନଙ୍କୁ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦେଲେ। ପରାମର୍ଶ ଅନୁସାରେ ଚାଷୀ ମାନେ ଠିକଣା ସମୟରେ ଜମି ଉପଚାର କରି ବିହନକୁ ବ୍ୟବହାର କଲେ। ଜମିର ଯତ୍ନ ନେଇ ଏବେ ଏବେ ଭଲ ତରଭୁଜ ଉତ୍ପାଦନ ଆରମ୍ଭ କରିଛନ୍ତି। ସଂସ୍ଥା ତରଫରୁ ଇରାମାଝି କୃଷ୍ଣ ରାଓଙ୍କୁ ସୌର ଚାଳିତ ୨ ଏଚପି ପାଣି ଉଠା ଯନ୍ତ୍ର ମଧ୍ୟ ଯୋଗାଇ ଦିଆଯାଇଛି। ଏହାକୁ ବ୍ୟବହାର କରି ପ୍ରଚୁର ତରଭୁଜ ଉତ୍ପାଦନ କରି ପାରୁଛନ୍ତି ବୋଲି ଚାଷୀ ମାନେ ମତାମତ ଦେଇଛନ୍ତି। ସମଗ୍ର କାର୍ଯ୍ୟକ୍ରମକୁ ଅଞ୍ଚଳରେ କାର୍ଯ୍ୟ କରୁଥିବା ସହଯୋଗୀ ସଂସ୍ଥା ଓ ପିଡିଏସସିର ସାମାଜିକ ତଥା ଜୀବନ ଜୀବିକା ସଂଯୋଜକ ପରେଶ ପ୍ରସାଦ ମହାପାତ୍ର ସଂଯୋଜନା କରିଥିଲେ।

# ୨୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, (ସବ୍ୟୁ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଦନ୍ତେୱାଡାରେରେ ଆଜି ୨୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଲୋନ୍ ଭାରାଟୁ ଅଭିଯାନରେ ପ୍ରଭାବିତ ହୋଇ ଏହି ୨୩ ମାଓବାଦୀ ଆତ୍ମସମର୍ପଣ କରିଥିବା ଜଣପଡିଛି । ପୋଲିସ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ ଛତିଶଗଡ ଓ ସୀମାନ୍ତ ଅଞ୍ଚଳରେ ସକ୍ରିୟ ଥିବା ଭୈରମଗଡ ମାଓ କ୍ଷେତ୍ର କମିଟିରେ ଏହି ୨୩ ମାଓବାଦୀ କାର୍ଯ୍ୟରତ ଥିଲେ। ତେବେ ଏହି ମାଓବାଦୀ ମାନେ ସଙ୍ଗଠନରେ ରହି ବିଭିନ୍ନ ହିଂସାତ୍ମକ କାର୍ଯ୍ୟ କଳାପରେ ସାମିଲ ରହିବା ସହ ରାସ୍ତା ଖୋଳିବା, ଗଛ କାଟିବା, ବୋମା ଖଞ୍ଜିବା ଏବଂ ମାଓ ବ୍ୟାନର ପୋଷ୍ଟର ଲଗାଇବା ଭଳି ଘଟଣାରେ ଜଡିତ ଥିଲେ । ତେବେ ମାଓ ସଙ୍ଗଠନ ଦିନକୁ ଦିନ ଭୁଶୁଡିବାରେ ଲାଗିଥିବା ବେଳେ ନିରହି ଲୋକଙ୍କ ଉପରେ ମାଓବାଦୀ ମାନଙ୍କ ଅତ୍ୟାଚାର ଏବଂ ବିକାଶ ବିରୋଧଭାବ ଯୋଗୁଁ ଏହି ମାଓବାଦୀ ମାନେ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇ ଦନ୍ତେୱାଡା ଏସପି ଗୌରଭ ରାୟଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ତେବେ ଆତ୍ମସମର୍ପଣ କାରୀ ମାଓବାଦୀ ମାନଙ୍କୁ ସରକରୀ ନୀତି ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।


# ଆସିପାରିଲାନି ଆମ୍ବୁଲାନ୍ସ ପ୍ରସବ ପରେ ମରିଗଲେ ମା’


ମାଲକାନଗିରି,(ସବ୍ୟୁ): ଗାଁକୁ ପକ୍କା ରାସ୍ତା ନଥିବାରୁ ଚିକିତ୍ସା ନପାଇ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକ୍ ତୁରୁକ୍ ଗାଁରେ। ତୁରୁକ୍ ଗାଁର ସାତାମା ମାଣ୍ଡିଂଙ୍କ ସ୍ତ୍ରୀ ପାରମ ମାଣ୍ଡିଂଙ୍କୁ ଆଜି ସକାଳୁ ପ୍ରସବ ଯନ୍ତ୍ରଣା ହୋଇଥିଲା। ସାତମା ମାଣ୍ଡିଂ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଠିକ୍ ସମୟରେ ବାହାରି ଆସିଥିଲା। ହେଲେ ଗାଁରେ ଭଲ ରାସ୍ତାଖଣ୍ଡିଏ ନଥିବାରୁ ଆମ୍ବୁଲାନ୍ସ ଗାଁ ଭିତରକୁ ଆସି ପାରିଲା ନାହିଁ। ଅଧା ବାଟରେ ଅଟକି ଗଲା ଆମ୍ବୁଲାନ୍ସ। ଅନ୍ୟପଟେ ଅନେକ ସମୟ ଆମ୍ବୁଲାନ୍ସକୁ ଅପେକ୍ଷା କରି କରି ପ୍ରସବ ଯନ୍ତ୍ରଣା ଛଟପଟ୍ ହେଉଥାନ୍ତି ପାରମା। ଦୀର୍ଘ ସମୟ ଯନ୍ତ୍ରଣା ସହିବା ପରେ ଘରେ ଏକ ଶିଶୁ ପୁତ୍ରକୁ ସେ ଜନ୍ମ ଦେଇଥିଲେ। ପରେ ଅଧିକ ଯନ୍ତ୍ରଣା ହେବାରୁ ଚିକିତ୍ସା ନପାଇ ତାଙ୍କର ଘରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଯୁବକଙ୍କ ଉପରେ ମାଡ଼ିଗଲା ଅଜଣାଗାଡ଼ି

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ପାନପଶିଆ ୨ନମ୍ବର ଛକ ନିକଟରେ ଏହି ସଡ଼କ ଦୁର୍ଘଟଣା ଘଟିଛି। ମୃତ ଯୁବକ ଜଣଙ୍କ ହେଲେ ପାନପଶିଆ ଗାଁର ପଙ୍କଜ ଦାସ। ଚାଲିଚାଲି ଘରକୁ ଯାଉଥିଲେ। ଯୁବକଙ୍କ ଉପରେ ମାଡ଼ିଗଲା ଅଜଣାଗାଡ଼ି। ପଙ୍କଜ ଗଣ୍ଡୁଆରୁ ନିଜ ଗ୍ରାମ ପାନପଶିଆକୁ ଚାଲିଚାଲି ଆସୁଥିଲେ। ଏହି ସମୟରେ ପାନପଶିଆ ୨ନମ୍ବର ଛକ ନିକଟରେ ଅଜଣା ଗାଡ଼ି ତାଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ପଙ୍କଜଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଘଟଣାପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। କୋଇଡା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ଥମିଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି।

# ନାମାଙ୍କନ ଦାଖଲ କଲେ ବଲାଙ୍ଗିର ବିଜେପି ସାଂସଦ ପ୍ରାର୍ଥିନୀ








## ବିଧାୟକ ପ୍ରାର୍ଥୀ ମୁକେଶ, ଗୋପାଳଜୀଙ୍କ ପ୍ରାର୍ଥିପତ୍ର ଦାଖଲ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହରରେ ବିଶାଳ ଶୋଭାଯାତ୍ରା କରି ବଲାଙ୍ଗିର ଲୋକସଭା ପ୍ରାର୍ଥିନୀ ସଂଗିତା କୁମାରୀ ସିଂହଦେଓ ଜିଲ୍ଲାପାଳଙ୍କ ପାଖରେ ନାମାଙ୍କନ ଦାଖଲ କରିଛନ୍ତି । ଏହାସହ ବଲାଙ୍ଗିର ସଦର ଆସନରୁ ବିଧାନସଭା ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ଉପଜିଲ୍ଲାପାଳଙ୍କ ଠାରେ ଏବଂ ଲୋଇସିଂହା ବିଧାୟକ ପ୍ରାର୍ଥୀ ଡ଼. ମୁକେଶ ମହାଲିଙ୍ଗ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳଙ୍କ ଠାରେ ନାମାଙ୍କନ ଦାଖଲ କରିଛନ୍ତି। ସେପଟେ ଟିଟିଲାଗଡରେ ନାମାଙ୍କନ ଦାଖଲ କରିଛନ୍ତି ବିଜେପି ପ୍ରାର୍ଥି ନବୀନ ଜୈନ। ବିଜେପି ପ୍ରାର୍ଥୀଙ୍କ ନାମାଙ୍କନ ଥିବାରୁ ବଲାଙ୍ଗିର ସହର ଗେରୁଆମୟ ହୋଇଥିଲା। ମହାଦେବ ମନ୍ଦିର ଠାରୁ ସମଲେଇ ମନ୍ଦିର ଦେଇ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ବିଜେପି ଶୋଭାଯାତ୍ରା। ଦୁଇ ବିଜେପି ବିଧାନସଭା ପ୍ରାର୍ଥୀ ଡ଼. ମହାଲିଙ୍ଗ ଓ ଶ୍ରୀ ପାଣିଗ୍ରାହୀଙ୍କ ସହ ଲୋକସଭା ପ୍ରାର୍ଥୀନୀ ଶ୍ରୀମତୀ ସିଂହଦେଓ ନିଜ ନିଜ ପ୍ରସ୍ତାବକ ଓ ସମର୍ଥକଙ୍କ ସହ ନାମାଙ୍କନ ଦାଖଲ କରିଛନ୍ତି। ଜିଲ୍ଲାପାଳଙ୍କ ଠାରେ ଲୋକସଭା ପ୍ରାର୍ଥୀନୀ ଶ୍ରୀମତୀ ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳଙ୍କ ଠାରେ ଡ଼. ମହାଲିଙ୍ଗ ଓ ବଲାଙ୍ଗିର ଉପଜିଲ୍ଲାପାଳଙ୍କ ଠାରେ ଶ୍ରୀ ପାଣିଗ୍ରାହୀ ନାମାଙ୍କନ ଦାଖଲ କରିଛନ୍ତି।

ନାମାଙ୍କନ ଦାଖଲ ବେଳେ ବରିଷ୍ଠ ବିଜେପି ନେତା କନକ ବର୍ଦ୍ଧନ ସିଂହଦେଓ ଓ ତାଙ୍କ ଝିଅ ନିବୃତି କୁମାରୀ ସିଂହଦେଓ ମଧ୍ୟ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବୁ ଏବଂ ଲୋକେ ମୋଦୀଙ୍କୁ ତୃତୀୟ ଥର ପ୍ରଧାନମନ୍ତୀ କରିବେ ଏବଂ ରାଜ୍ୟରେ ଡବଲ ଇଞ୍ଜିନର ସରକାର ନିଶ୍ଚିତ ଭାବରେ ଗଠନ ହେବ ବୋଲି ଶ୍ରୀମତୀ ସିଂହଦେଓ ଗଣମାଧ୍ୟମକୁ କହିଥିଲେ । ଡ଼. ମୁକେଶ ମହାଲିଙ୍ଗ ମଧ୍ୟ ଲୋଇସିଂହା ଜନସାଧାରଣ ପୁଣିଥରେ ଆର୍ଶିବାଦ କରିବେ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ ।

# ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା



ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲାରେ ଅନୁଷ୍ଠିତ ହେବାକୁଥିବା ସାଧାରଣ ନିର୍ବାଚନର ପ୍ରସ୍ତୁତି ଓ ପଦକ୍ଷେପକୁ ଗତ ୨୭.୪.୨୦୨୪ରିଖ ଦିନ ଓଡ଼ିଶା ପାଇଁ ନିଯୁକ୍ତ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ,ସ୍ୱତନ୍ତ୍ର ପୋଲିସ ପର୍ଯ୍ୟବେକ୍ଷକ ରଜନୀକାନ୍ତ ମିଶ୍ର ଏବଂ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ହିମାଲିନି କାଶ୍ୟପ ସାମୁହିକ ଭାବେ ଅଧକ୍ଷତା କରିଥିଲେ। ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହ ରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଶା ପାଇଁ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ବିଶେଷ କରି ମତଦାନ ନିମନ୍ତେ ଭୋଟରଙ୍କ ସୁବିଧା, ବୁଥ ଗୁଡ଼ିକର ସ୍ଥାନ ଓ ସ୍ଥିତି, ଇଭିଏମ ପ୍ରସ୍ତୁତି,ପୋଲିଂ ଅଧିକାରୀ, ସେକ୍ଟର ଅଧିକାରୀ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ,ନିର୍ବାଚନ ଖର୍ଚ୍ଚ ପରିଚାଳନା,ସି ଭିଜିଲ ରିପୋର୍ଟ, ଏମ ସି ଏମ ସି ରିପୋର୍ଟ,ପୋଷ୍ଟଲ ବାଲାଟ , ହୋମ ଭୋଟିଂ, ସମ୍ବେଦନଶୀଳ ବୁଥ, ପୋଲିସ ମୁତୟନ, ଆବଶ୍ୟକ ପୋଲିସ ଫୋର୍ସ,ଫ୍ଲାଇଙ୍ଗ ସ୍କ୍ୱାଡ, ଏସ ଏସ ଟି,ପୋଲିସ ଟିମ୍ ଓ ଅବକାରୀ ବିଭାଗ ଦ୍ୱାରା ବେଆଇନ ନିଶାଦ୍ରବ୍ୟ,ଟଙ୍କା ଜବତ ଉପରେ ସମୀକ୍ଷା କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ଅଶୋକ ଚୌଧୁରୀ, ସାଧାରଣ ପର୍ଯ୍ୟବେକ୍ଷକ ସୁଦେସ କୁମାର ମୋକ୍ତାଙ୍କ ସହ ବୈଠକରେ ୧୧ କଳାହାଣ୍ଡି ପି ସି ଖର୍ଚ୍ଚ ପର୍ଯ୍ୟବେକ୍ଷକ ବୈଭବ ସିଂ ଚୌହାନ, ଲାଞ୍ଜିଗଡ଼,ଭବାନୀପାଟଣା ଓ ନର୍ଲା ଏ ସି ଖର୍ଚ୍ଚ ପର୍ଯ୍ୟବେକ୍ଷକ କେ ସୁରଜିତ, ଜୁନାଗଡ଼ ଓ ଧର୍ମଗଡ ଏ ସି ଖର୍ଚ୍ଚ ପର୍ଯ୍ୟବେକ୍ଷକ ମନିଶଙ୍କର ବର୍ଦୋଲୋଇ ,୧୧ କଳାହାଣ୍ଡି ପି ସି ପୋଲିସ୍ ପର୍ଯ୍ୟବେକ୍ଷକ ୱାସିମ୍ ଆକ୍ରମଙ୍କ ସହ ଏସପି ଅଭିଳାଷ ଜି, ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର,ତନ୍ମୟ କୁମାର ଦରୱାନ , ସି ଡି ଓ, ଜିଲ୍ଲା ପରିଷଦ ଦୟାମୟ ପାତ୍ରୀ,ଉପ ଜିଲ୍ଲାପାଳ ଧର୍ମଗଡ ଧ୍ୱମନ ଚକମା, ଉପ ଜିଲ୍ଲାପାଳ ଭବାନୀପାଟଣା ବିଶ୍ୱଜିତ ଦାଶ,ସମସ୍ତ ଆର୍ ଓ, ଏ ଆର୍ ଓ, ବିଭିନ୍ନ ଟିମ୍‌ର ନୋଡାଲ ଅଧିକାରୀ ନିର୍ବାଚନ ସଂଯୁକ୍ତ ଅଧିକାରୀ,ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପିକ୍‌ଅପ୍ ଭ୍ୟାନ ସହ ବିଦେଶୀ ମଦ ଜବତ : ୩ ଗିରଫ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଅବକାରୀ ପୋଲିସ ଲକ୍ଷ୍ମୀଡୁଙ୍ଗୁରୀ ଛକ ନିକଟରେ ଏକ ପିକ୍‌ଅପ୍ ଭ୍ୟାନକୁ ଯାଞ୍ଚ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି । ଏନେଇ ୩୧/୨୦୨୪ରେ ଏକ ମାମଲା ରୁଜୁ ହୋଇଛି । ଏହି ଘଟଣାରେ ୩ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ଅବକାରୀ ପୋଲିସ ୫୩ନମ୍ବର ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ବେଳେ ଗତ ୨୮ତାରିଖ ଅପରାହ୍ନ ସାଢେ ୧୨ଟାରେ ଏକ ପିକ୍‌ଅପ୍ ଭ୍ୟାନ ଗାଡି(ଓଡି୨୩ଏଫ୍-୨୩୦୧)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚବେଳେ ଗାଡିର କାଗଜପତ୍ର ସଠିକ୍ ନଥିବା ଓ ବିଭିନ୍ନ ବ୍ରାଣ୍ଡର ୧୮୦୦ବୋତଲ ବିଦେଶୀ ମଦ ଜବତ ହୋଇଛି । ଏହି ଘଟଣାରେ ପୋଲିସ ଝାରସୁଗୁଡା ଜିଲ୍ଲା ବାଲିଜୁରୀ ଗ୍ରାମର ମନୋଜ ଡିଲା(୩୨)ଙ୍କୁ ଗିରଫ କରିଛି । ପଚରାଉଚରା ବେଳେ ବେଆଇନ ଭାବେ ଝାରସୁଗୁଡା ଗାନ୍ଧିଛକରୁ ଏହା ବୁର୍ଲା ଆସୁଥିବା ଅବକାରୀ ପୋଲିସ ଜାଣିବାକୁ ପାଇଛି । ଅଭିଯୁକ୍ତଙ୍କ ତଥ୍ୟ ଆଧାରରେ ଅବକାରୀ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଆଉ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ବୁର୍ଲା ତେଲଗୁ ପଡାର ନିରୋଜ ଦଳାଇ(୩୩) ଓ ବିଷ୍ଣୁମନ୍ଦିର ପଡାର ଜିତେନ୍ଦ୍ର ସାହା(୩୩)ଙ୍କୁ ଗିରଫ କରିଛି । ଏହି ବେଆଇନ ଭାବେ ବିଦେଶୀ ମଦ ଚୋରାଚାଲାଣ ଘଟଣାରେ ଆହୁରି ଅଧିକ ଲୋକଙ୍କ ସଂପୃକ୍ତି ଅବକାରୀ ପୋଲିସ ଜାଣିବାକୁ ପାଇଛି । ତେବେ ଜବତ ସାମଗ୍ରୀର ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି ।

## ଭୋଟର ସଚେତନତା କାର୍ଯ୍ୟକ୍ରମ

# ମତାଧିକାର ପ୍ରୟୋଗ ପାଇଁ ସଂକଳ୍ପ ନେଲେ ଜିଲ୍ଲାସ୍ତରୀୟ ଅଧିକାରୀ, କଲେଜ ଛାତ୍ରଛାତ୍ରୀ



ବରଗଡ,(ସବ୍ୟୁ): ଭୋଟରଙ୍କୁ ସଚେତନ କରିବା ସହ ମତଦାନର ମହାନ ପର୍ବରେ ବରଗଡ଼ ଜିଲ୍ଲାର ସମସ୍ତ ଭୋଟରଙ୍କ ଶତ ପ୍ରତିଶତ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ବିଭିନ୍ନ ଅଭିନବ ପ୍ରୟାସ ଜାରି ରଖିଛି । ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ମିଳି ମିଶି ହେମା ଯୋଟ୍, ସଭେ ଆସ ଦେମା ଭୋଟ୍ ନାରା ଦେଇ ଭୋଟରଙ୍କୁ ସଚେତନ କରୁଛନ୍ତି । ଏହି ପ୍ରରିପ୍ରେକ୍ଷୀରେ ଆଜି ଜିଲ୍ଲା ପ୍ରଶାସନ ଦ୍ୱରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଭୋଟର ସଚେତନତା ତଥା ୱାକଥନ ଆୟୋଜିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ କେଳଜ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ରଙ୍ଗୋଲି, ୱାକଥନ ଏବଂ ସେଲ୍ଫି ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଛନ୍ତି । କାର୍ଯ୍ୟକ୍ରମରେ ସମସ୍ତେ ଏକ ସଚେତନ ମତଦାତା ଭାବେ ଦେଶର ଗଣତାନ୍ତ୍ରିକ ପରମ୍ପରା ମର୍ଯ୍ୟାଦା ବଜାୟ ରଖିବା ସହିତ ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି, ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ଆଗାମୀ ମଇ ୨୦ ତାରିଖ ଦିନ ନିଜ ମତାଧିକାର ପ୍ରୟୋଗ କରିବା ପାଇଁ ସଂକଳ୍ପ ନେଇଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏସପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଭୋଟର ସଚେତନତା ନାରା ଦେଇ ୱାକଥନ ମାଧ୍ୟମରେ ମତଦାତାଙ୍କୁ ସଚେତନ କରାଯାଇଥିଲା । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବରଗଡ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ, ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ସମ୍ମାନିତ ଅତିଥିଭାବେ ଭୋଟର ସଚେତନତା କାର୍ଯ୍ୟକ୍ରମ (ସ୍ୱିପ ଆକ୍ଟିଭିଟି) ନୋଡାଲ ଅଫିସର ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ବରଗଡ଼ ଉପଜିଲ୍ଲାପାଳ କୁମାର ନାଗଭୁଷଣ, ବରଗଡ଼ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଯୋଗ ଦେଇଥିଲେ ।

# ବୌଦ୍ଧ ଆସନ ପାଇଁ ପ୍ରଦିପ, କନ୍ଧମାଳରୁ ମହିଧରଙ୍କ ନାମାଙ୍କନପତ୍ର ଦଖଲ



ବୌଦ୍ଧ/କନ୍ଧମାଳ, (ସବ୍ୟୁ) : ବୌଦ୍ଧ ଜିଲ୍ଲାରେ ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ନିର୍ବାଚନ ଉଷ୍ମତା ସେତିକି ବୃଦ୍ଧି ପାଉଛି । ଗତ ୨୬ ତାରିଖ ଠାରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସୋମବାର ବିଜେଡି ପ୍ରାର୍ଥୀପତ୍ର ଦାଖଲ କରିଛି । ଜିଲ୍ଲାର ବୌଦ୍ଧ ନିର୍ବାଚନ ମଣ୍ଡଳି ଓ କନ୍ଧମାଳ ନିର୍ବାଚନ ମଣ୍ଡଳି ପାଇଁ ଯଥାକ୍ରମେ ପ୍ରଦୀପ ଅମାତ ଓ ମହୀଧର ରଣା ବିଜେଡି ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବୌଦ୍ଧ ନିର୍ବାଚନ ମଣ୍ଡଳି ପାଇଁ ବିଜେଡି ପ୍ରାର୍ଥୀ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ କନ୍ଧମାଳ ନିର୍ବାଚନ ମଣ୍ଡଳି ପାଇଁ ବିଜେଡି ପ୍ରାର୍ଥୀଭାବେ ବିଧାୟକ ମହିଧର ରଣା ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବୌଦ୍ଧ ସହରସ୍ଥିତ ରଘୁନାଥ ମନ୍ଦିର ଠାରୁ ଉଭୟ ପ୍ରାର୍ଥୀ ଏକ ସୁସଜ୍ଜିତ ରଥରେ ଏକ ବିରାଟ ଶୋଭାଯାତ୍ରାରେ ବାହରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ସେଠାରୁ ଉଭୟ ପ୍ରାର୍ଥୀ ଶ୍ରୀ ଅମାତ ଓ ଶ୍ରୀ ରଣା ରିଟର୍ଣ୍ଣିଙ୍ଗ ଅଫିସର ଙ୍କ ଠାରେ ପହଂଚି ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ । ବୌଦ୍ଧ ନିର୍ବାଚନ ମଣ୍ଡଳି ପାଇଁ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ଠାରେ ଶ୍ରୀ ଅମାତ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ କନ୍ଧମାଳ ନିର୍ବାଚନ ମଣ୍ଡଳି ପାଇଁ ରିଟର୍ଣ୍ଣିଙ୍ଗ ଅଫିସର ଭାବରେ ଦାୟୀତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଂଜନ ମଦନ ମୋହନ ପାତ୍ରଙ୍କ ଠାରେ ଶ୍ରୀ ରଣା ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଏହି ସମୟରେ ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର,ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ,ନଗରପାଳ ମୃତ୍ୟୁଂଜୟ ମିଶ୍ର, ରାଜ୍ୟ ଯୁଗ୍ମ ସଂପାଦକ ଅଶୋକ ସାହୁ, ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ରଙ୍କ ସମେତ ଅନେକ ନେତା ଶୋଭାଯାତ୍ରାରେ ବୌଦ୍ଧ ଓ କନ୍ଧମାଳ ନିର୍ବାଚନ ମଣ୍ଡଳିରୁ ହଜାର ହଜାର ଦଳୀୟ କର୍ମୀ ଯୋଗଦେଇଥିଲେ ।

# ଝାରସୁଗୁଡା ବିଜେପି ବିଧାୟକ ପ୍ରାର୍ଥୀ ଟଙ୍କଧରଙ୍କ ନାମାଙ୍କନପତ୍ର ଦାଖଲ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ସୋମବାର ପାର୍ଥିପତ୍ର ଦାଖଲ କରିଛନ୍ତି । କର୍ମୀଙ୍କ ଗହଣରେ ବେହେରାମାଲରୁ ଏକ ବିଶାଳ ଶୋଭଯାତ୍ରାରେ ଝାରସୁଗୁଡା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚି ତାଙ୍କ ପାର୍ଥିପତ୍ର ଦାଖଲ କରିଛନ୍ତି । ଏହି ଶୋଭାଯାତ୍ରାରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର,ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକଙ୍କ ସହ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ପ୍ରଦୂଷଣମୁକ୍ତ ଝାରସୁଗୁଡା, ସୁରକ୍ଷିତ ଝାରସୁଗଡା, ସ୍ୱପ୍ନର ଝାରସୁଗୁଡା, ବିକଶିତ ଝାରସୁଗୁଡା ଗଠନ ପାଇଁ ଝାରସୁଗୁଡା ବାସୀ ଭାରତୀୟ ଜନତା ପାର୍ଟିକୁ ବିପୁଳ ପରିମାଣର ଭୋଟ ଦେଇ ଜୟଯୁକ୍ତ କରିବେ ବୋଲି ଟଙ୍କଧର ପ୍ରକାଶ କରିଛନ୍ତି। ଶ୍ରୀ ତ୍ରିପାଠୀ ନାମାଙ୍କନ ପତ୍ର ଦାଖଲ କରିବା ପୂର୍ବରୁ ଝାଡେଶ୍ୱର ମନ୍ଦିର ଓ କନକ ଦୁର୍ଗା ମନ୍ଦିର ଯାଇ ପୂଜାର୍ଚ୍ଚନା କରି ଆର୍ଶିବାଦ ଭିକ୍ଷା କରିଥିଲେ।

# ୪ ଗିରଫ, ୫୨୫ କିଲୋ ଗଞ୍ଜେଇ ଜବତ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସ ପକ୍ଷରୁ ୪ ଜଣ ଗଞ୍ଜେଇ ଚୋରା ଚାଲାଣ କାରୀ ଗିରଫ ହୋଇ ଥିବା ବେଳେ ସେମାନଙ୍କ ନିକଟରୁ ୫୨୫ କିଲୋ ଗଞ୍ଜେଇ ଜବତ ହୋଇଛି। ଚିତ୍ରକୋଣ୍ଡା ଅଞ୍ଚଳରୁ ସିରିପାଲ୍ଲୀ ଘାଟି ଦେଇ ଏକ ଅଟୋ ଦ୍ୱାରା ବିପୁଳ ପରିମାଣର ଗଞ୍ଜେଇ ଛତିଶଗଡ ରାଜ୍ୟକୁ ଚୋରାଚାଲାଣ ହେଉଥିବା ଖବର ପାଇ ଓର୍କେଲ ଥାନାଧିକାରୀ ଧିରେନ ପଟ୍ଟନାୟକଙ୍କ ନେତୃତ୍ୱରେ ସବ ଇନସ୍ପେକ୍ଟର ମନୋହର ସାହୁ ଏବଂ ତାଙ୍କ ଟିମ ନିଳାକାମ୍ବେରୁ ଗ୍ରାମ ଶେଷରେ ଥିବା ଗଣେଶ ମନ୍ଦିର ନିକଟରେ ଜଗି ରହିଥିଲେ। ଏକ ଅଟୋ ଏବଂ ବାଇକ ବିପରିତ ପଟୁ ଦ୍ରୁତ ଗତିରେ ଆସୁଥିବା ଦେଖି ଓର୍କେଲ ପୋଲିସ ଉଭୟ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେଛ ଯାଞ୍ଚ ବେଳେ ଅଟୋ ରେ କିଛି ବସ୍ତା ରହିଥିବା ଦେଖିବାକୁ ପାଇଥିଲେ। ପରେ ଉକ୍ତ ବସ୍ତାରେ ୫୨୫ କେଜି ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ପୋଲିସ ତୁରନ୍ତ ଅଟୋରେ ବସିଥିବା ୩ ଜଣ ଅଭିଯୁକ୍ତ ଏବଂବାଇକରେ ଥିବା ଅନ୍ୟ ଜଣେ ତାଙ୍କ ସହଯୋଗୀଙ୍କୁ କାବୁ କରି ଓରକେଲ ଥାନାକୁ ଆଣିଥିଲେ। ଥାନାରେ ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ସେମାନେ ଚିତ୍ରକୋଣ୍ଡାରୁ ଛତିଶଗଡ ରାଜ୍ୟକୁ ଗଞ୍ଜେଇ ଚୋରାଚାଲାଣ କରୁଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ନିକଟରୁ ଅଟୋ ସମେତ ଏକ ମୋଟରସାଇକେଲ, ନଗଦ ୩୦ ହଜାର ଟଙ୍କା, ୪ ଟି ମୋବାଇଲ ପୋଲିସ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ଜଣାପଡିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଜଗନ୍ନାଥ ଖିଲ, ଜଗତରାଜ ରୁଙ୍ଗୁଡା, ବସନ୍ତ ମୁଦୁଲି ଏବଂ ସୁବାସ କିଷାନୀ। କେସ ନଂ- ୧୮୧/୨୪ ସହ ୟୁ/ଏସ ୨୦(ବି)ଛ୨ସି/୨୫/୨୭-ଏ/୨୯ ଦ୍ୱାରା ଏନଡିପିଏସ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପୋଲିସ ପକ୍ଷରୁ ଚଢଉ ୮୦୦ କେଜି ଗଞ୍ଜେଇ ଜବତ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ପୁଲିସ ପକ୍ଷରୁ ଲକଡପାଳୁ ଗ୍ରାମ ନିକଟ ଜଙ୍ଗଲରେ ଚଢଉ କରାଯାଇ ୮ ଶହ କେଜି ଗଂଜେଇ ଜବତ କରିଛି । ସୂଚନା ମତେ, ବୌଦ୍ଧ ଥାନା ଅନ୍ତର୍ଗତ ଲକଡପା ଗ୍ରାମ ନିକଟ ଜଙ୍ଗଲରେ ବେଆଇ ଭାବରେ ବ୍ୟାପକ ଗଞ୍ଜେଇ ରଖାଯାଇଥିବା ନେଇ ପୁଲିସ ବିଶେଷ ସୁତ୍ରରୁ ଖବର ପାଇ ଜଙ୍ଗଲ ଉପରେ ଚଢଉ କରିଥିଲା । ଚଢଉ ସମୟରେ ପୁଲିସ ଉକ୍ତ ସ୍ଥାନରୁ ୮୦୦ କିଲୋ ଗଞ୍ଜେଇ ଜବତ କରିଛି । ହେଲେ ଏହି ଘଟଣାରେ ପୁଲିସ କାହାକୁ ଗିରଫ କରିନଥିବା ବେଳେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ସ୍ତ୍ରୀ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ନୂଆପଡ଼ା,(ସବ୍ୟୁ): ସ୍ତ୍ରୀ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ। କାରାଦଣ୍ଡ ଶୁଣାଇଲେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ମିନାକ୍ଷୀ ଦାସ। ଅଭିଯୁକ୍ତ ଜଣକ ବୋଡ଼େନ ଥାନା ବାଗୋଲର ଗାଁର ଦ୍ରୋଣ ପହରିଆ। ୨୦୧୭ ମସିହାରେ କାଠଫାର ଗାଁର ଜଣେ ଝିଅକୁ ସାମାଜିକ ପ୍ରଥା ଅନୁସାରେ ବାହାଘର ପୂର୍ବରୁ ଆଣି ଘରେ ରଖିଥିଲେ । କିନ୍ତୁ ପରେ ସେ ଝିଅକୁ ହତ୍ୟା କରିଥିଲେ । ଏନେଇ ବୋଡେନ ଥାନାରେ ଅଭିଯୋଗ ହୋଇଥିଲା । ଆଜି ୧୧ଜଣଙ୍କ ସାକ୍ଷ୍ୟ ଗ୍ରହଣ କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଘୋଷଣା କରାଯାଇଥିବା ନେଇ ଆଇନଜୀବୀ କାର୍ତ୍ତିକେଶ୍ୱର ମହାରଣା ପ୍ରକାଶ କରିଛନ୍ତ।

# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଦେଓଗଡ଼ ଜିଲ୍ଲାରେ ଦୁଇ ଦିନ ବିଦ୍ୟୁତ୍ ଯୋଗାଣ ସାମୟିକ ବ୍ୟାହତ

ଦେବଗଡ଼,(ସବ୍ୟୁ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ ବିତରଣ କମ୍ପାନୀ ଟିପିଡବ୍ଲୁଡିଏଲ୍ ପକ୍ଷରୁ ୧୩୨/୩୩ ବାରକୋଟ୍ ଏବଂ ଦେଓଗଡ଼ ଗ୍ରୀଡ-ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଦେଓଗଡ଼ ଜିଲ୍ଲାରେ ଆସନ୍ତା ତା. ୩୦ମଙ୍ଗଳବାର ଏବଂ ମେ ୧ତାରିଖ ବୁଧବାର ଉଭୟ ଦିନ ସକାଳ ୬ ଟାରୁ ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ । ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ଯୋଗୁଁ ମଙ୍ଗଳବାର ଦିନ ଦେଓଗଡ଼ ଜିଲ୍ଲାର ରେଙ୍ଗାଲବେଡା, ଡଙ୍ଗାଘାଟ, ତାବଡ଼ା, ଖିଲେଇ, ର୍ମିଗିଡ଼ିଆ, ଗୋହିରା ଆଦି ଅଞ୍ଚଳରେ ବିଦ୍ୟୁତ ସେବା ପ୍ରଭାବିତ ହେବାକୁ ଥିବା ବେଳେ ଆସନ୍ତା ମଙ୍ଗଳବାର ଏବଂ ବୁଧବାର ଉଭୟ ଦିନ କନ୍ଧଲ, ବଲମ, ସମରଖାଇ, କଟାପାଲି, ଦନ୍ତରିବାହାଲ ଆଦି ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବନ୍ଦ ରହିବ । ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରାଯାଇଛି ।

# ଅଖିଳ ଭାରତୀୟ ଅଘରିଆ ସମାଜ ରାଜ୍ୟ ମହାସମ୍ମିଳନୀ ଉଦ୍‌ଘାଟିତ




ଜମନକିରା,(ସବ୍ୟୁ): ଅଖିଳ ଭାରତୀୟ ଅଘରିଆ ସମାଜ, ଓଡିଶା ପ୍ରଦେଶ ଶାଖାର ରାଜ୍ୟସ୍ତରୀୟ ନବମ ମହା ସମ୍ମିଳନୀ ରାଜ୍ୟ ସଭାପତି ଦୀନବନ୍ଧୁ ନାୟକଙ୍କ ସଭାପତିତ୍ୱରେ ସାତକମା ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭରେ ଅଭ୍ୟର୍ଥନା ସମିତି ସଂଯୋଜକ ତଥା ସଂଗଠକ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାନେତ୍ରୀ ସ୍ନେହଲତା ପଟେଲ, ସାଧାରଣ ସମ୍ପାଦକ ସୁରେଶ କୁମାର ପଟେଲ, ସମ୍ପାଦକ ସନାତନ ନାଏକ, କୋଷାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ନାୟକ, ଉପଦେଷ୍ଟା ଗଙ୍ଗାଧର ନାଏକ, ଦିଲ୍ଲୀପ ପଟେଲ, ଆଞ୍ଚଳିକ ସଭାପତି ପ୍ୟାରୀ ମୋହନ ପଟେଲ, ଅଶୋକ କୁମାର ପଟେଲ, ପ୍ରଜ୍ୱଳ ପଟେଲ, ଡ.ବିହାରିଲାଲ ପଟେଲ ପ୍ରମୁଖ ଅଘରିଆ ସମାଜର ଅସ୍ମିତା ଓବିସି ବର୍ଗର ଦାବୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ମହିଳା ଅଧିବେଶନକୁ କଲ୍ୟାଣୀ ପଟେଲ ପରିଚାଳନା କରିଥିବା ବେଳେ ରଜନୀ ପଟେଲ, ସୁଷମା ପଟେଲ, ଲଳାଟେନ୍ଦୁ ପଟେଲ ପ୍ରମୁଖ ମହିଳା ସଂଗଠନକୁ ମଜବୁତ କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଶେଷରେ ଅଭ୍ୟର୍ଥନା କମିଟି ଧରଣୀ ଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆପତ୍ତି ଅଭିଯୋଗ ନେଇ ମୋବାଇଲ ନମ୍ବର ଜାରି କଲେ ଖର୍ଚ୍ଚ ପର୍ଯ୍ୟବେକ୍ଷକ

ସୋନପୁର,(ସବ୍ୟୁ): ଆସନ୍ତା ମଇ ୨୦ ତାରିଖରେ ସୁବର୍ଣ୍ଣପୁର ଜିଲ୍ଲାରେ ରାଜ୍ୟର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ । ଏହି ପରିପେକ୍ଷୀରେ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ଭାରତୀୟ ନିର୍ବାଚନ କମିଶନଙ୍କ ତରଫରୁ ୧୦ -ବଲାଙ୍ଗିର ସଂସଦୀୟ କ୍ଷେତ୍ରର ସୁବର୍ଣ୍ଣପୁର ଜିଲ୍ଲାର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ରୂପେ ବାୱକର ସ୍ୱପ୍ନିଳ ଶରଦ ଓ ଜିଲ୍ଲା ଅନ୍ତର୍ଗତ ୬୪ - ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୬୫-ସୋନପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ପ୍ରମୋଦ ପି ଶାହକର ନିର୍ବାଚନ ଖର୍ଚ୍ଚ ତଦାରଖ କରିବାକୁ ଜିଲ୍ଲାରେ ଆସି ପହଞ୍ଚିଛନ୍ତି। ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରମୁଖ ସ୍ଥାନୀୟ ସର୍କିଟ ହାଉସ ଠାରେ ଅବସ୍ଥାନ କରୁଥିବା ବେଳେ ଜିଲ୍ଲାରେ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରମୁଖ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ନିମନ୍ତେ ମୋବାଇଲ ନମ୍ବର ଜାରି କରିଛନ୍ତି । ବୀରମହାରାଜପୁର ଓ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ କୌଣସି ଅଭିଯୋଗ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରମୋଦ ପି ଶାହକରଙ୍କୁ ମୋବାଇଲ ନମ୍ବର ୮୨୮୦୮୬୮୯୫୧ ରେ ଏବଂ ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ବଲାଙ୍ଗିର ଲୋକସଭା ସାଂସଦ କ୍ଷେତ୍ର ନିମନ୍ତେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବାୱକର ସ୍ୱପ୍ନିଳ ଶରଦଙ୍କୁ ମୋବାଇଲ ନମ୍ବର ୯୪୩୭୧୦୩୪୧୮ ରେ ଫୋନ ମାଧ୍ୟମରେ ନିର୍ବାଚନୀ ଖର୍ଚ୍ଚ ବାବଦରେ କୌଣସି ଅଭିଯୋଗ ସିଧାସଳଖ ଜଣେଇ ପାରିବେ । ନିର୍ବାଚନ ଶେଷ ଯାଏଁ ଏହି ନମ୍ବର ଉପଲବ୍ଧ ରହିବ । ଜନସାଧାରଣ ଏହାର ଉଚିତ ବିନିଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ରାଜପଥ କଡ଼ରେ ଭାରୀଯାନ ପାର୍କିଂରୁ ବଢୁଛି ଦୁର୍ଘଟଣା

# ଜିଲ୍ଲାପାଳଙ୍କ ଶିଳ୍ପସଂସ୍ଥାକୁ ଛାଟ

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡା ଜିଲ୍ଲାପାଳ ଆବୋଲି ସୁନିଲ ନରୱଣେ ଶିଳ୍ପସଂସ୍ଥାକୁ ଚିଠି ନମ୍ବର ୨୧୧୭ ତା ୨୬-୦୪-୨୦୨୪ ତାରିଖରେ କଡା ପତ୍ର ଲେଖି ତାଗିଦ କରିବା ସହିତ ତୁରନ୍ତ ସରର୍ଭିସ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ୧୫ ଦିନ ସମୟ ଦେଇଛନ୍ତି । ପୂର୍ବରୁ ବେଦାନ୍ତକୁ ରାଜସ୍ୱ କମିଶନ ସମ୍ବଲପୁର ପକ୍ଷରୁ ବହୁ ବାର ଆଲୋଚନା ସହିତ ଚିଠି ନମ୍ବର ୨୩୯/୨୪-୦୭-୨୦୨୩ ଓ ୦୯/ ୬-୧୧-୨୦୨୩ ରେ ପଦକ୍ଷେପ ନେବା ପାଇଁ କୁହା ଯାଇଥିଲା। କିନ୍ତୁ ବେଦାନ୍ତ ଏହାକୁ ଭୂକ୍ଷେପ କଲା ନାହିଁ। ଆର୍‌ଟିଓ ଙ୍କ ସହିତ ବରିଷ୍ଠ ଅଧିକାରୀ ମାନେ ମିଳିତ ତଦନ୍ତ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ଦାଖଲ କରି ଥିଲେ। ଏହି ରିପୋର୍ଟରେ ଦର୍ଶା ଯାଇଥିଲା ଯେ ଭାରୀଯାନ ରହିବା ଦ୍ୱାରା ଦୁର୍ଘଟଣା ହେଉଛି। ଏହା ସହିତ ରାସ୍ତା ଖରାପ ହେଉଛି। ଝାରସୁଗୁଡ଼ା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେ ରାଜ୍ୟ ରାଜପଥ-୧୦ ଝାରସୁଗୁଡା ପ୍ରସନ୍ନ ପଣ୍ଡା ଛକରୁ ବଡମାଲ ଛକ ପର୍ଯ୍ୟନ୍ତ ଭାରିଯାନ ପାର୍କିଂକୁ ନେଇ ପ୍ରଶାସନ ପକ୍ଷରୁ କଟକଣା ଜାରି ହୋଇଥିଲେ ହେଁ ବେଦାନ୍ତ କମ୍ପାନୀ କର୍ଣପାତ କରୁ ନାହିଁ। ବଡମାଲ ପୋଲିସ ଷ୍ଟେସନର ଅତି ନିକଟରେ କୋଇଲା ବୋଝାଇ ଭାରିଯାନ ଗୁଡ଼ିକ ମନଇଚ୍ଛା ଯେଉଁଠି ପାରିଲେ ସେଇଠି ପାର୍କିଂ କରି ଡ୍ରାଇଭର ମାନେ ବିଶ୍ରାମ ନେଉଛନ୍ତି । ବେଦାନ୍ତକୁ କୋଇଲା ନେଇ ଆସୁଥିବା ବଡବଡ ଟ୍ରକ ଗୁଡିକ ଦୁଇ କିଲୋମିଟରରୁ ଉର୍ଦ୍ଧ ନବ ଦାସଛକ ପର୍ଯ୍ୟନ୍ତ ବେଦାନ୍ତର କୋଇଲା ଶହଶହ ଟ୍ରକ ଠିଆ ହୋଇ ରହୁଛି। ପ୍ରତ୍ୟେକ ମାସ ଶେଷରେ ଅବସ୍ଥା ଦେଖିବାର ଅଛି। କୋଇଲା ବୋଝାଇ ଟ୍ରକ ସେହି ସପ୍ତାହ ରେ ଅଧିକ ଥାଏ। ଭାରିଯାନ ଗୁଡ଼ିକୁ ଆର୍‌ଟିଓ ଏବଂ ପୁଲିସର ମିଳିତ ଚଢଉ କରାଯାଇ ଜୋରିମାନା ଆଦାୟ କରାଯାଇଥିଲା । ମାତ୍ର ଏବେ ଆଉ କଟକଣାକୁ ନ ମାନି ପୂର୍ବଭଳି ସ୍ଥିତି ରାଜପଥ ପାର୍ଶ୍ୱରେ ଦେଖିବାକୁ ମିଳୁଛି ।

ରାଜପଥ ପାର୍ଶ୍ୱରେ ବେଆଇନ ଭାବେ ପାର୍କିଂ କରାଯିବା ଯୋଗୁଁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଧନ ଜୀବନହାନୀ ଘଟୁଛି । ଦୁଇ ଚକିଆ ଯାନ ଚାଳକ ମାନେ ରାତ୍ରୀରେ ବର୍ଷାଦିନେ ପାର୍କିଂ ହୋଇଥିବା ଭାରୀଯାନକୁ ଦେଖି ନ ପାରି ପିଟି ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ଅନ୍ୟ ପକ୍ଷରେ କୋଇଲା ପରିବହନକାରୀ ଟ୍ରକ, ଟିପର ଏବଂ ଅନ୍ୟ ଭାରିଯାନ ଗୁଡ଼ିକର ବ୍ୟାକ୍ ଲାଇଟ୍ ନ ଥିବା, ରେଡିୟମ ଷ୍ଟିକର ଲାଗି ନ ଥିବା ଆଦି କାରଣରୁ ଯାତାୟାତ କରୁଥିବା ସମୟରେ ଦୁର୍ଘଟଣାର କାରଣ ସାଜୁଛି ।

ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ମଧ୍ୟ ବହୁବାର ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକରେ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଦୁର୍ଘଟଣା ହ୍ରାସ ପାଇଁ ରାଜପଥ କଡ଼ରେ ବେଆଇନ ପାର୍କିଂକୁ ରୋକିବାକୁ କଠୋର ପଦକ୍ଷେପ ନେବାକୁ ଆର୍‌ଟିଓ ଙ୍କୁ ନିର୍ଦ୍ଦେଶ ଦେଇ ଆସିଛନ୍ତି। ଶିଳ୍ପସଂସ୍ଥାକୁ ଚିଠି ଖବର ଜଣା ପଡିବା ପରେ ଜିଲ୍ଲାପାଳଙ୍କ ପଦକ୍ଷେପକୁ ପ୍ରଶଂସା କରା ଯାଉଛି।

# କାଳବୈଶାଖୀ ବର୍ଷା ଆଣିଲା ଖରାରୁ ଆଶ୍ୱସ୍ତି, ବ୍ୟାପକ କ୍ଷୟକ୍ଷତି



କୋକସରା,(ସବ୍ୟୁ): ପ୍ରବଳ ରୌଦ୍ର ତାପରେ ଜନ ଜୀବନ ଛଟପଟ ହେଉଥିବା ବେଳେ ସୋମବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହେବା ପରେ ଖରାରୁ ଆଶ୍ୱସ୍ତି ଆଣି ଦେଇଛି। ଅନ୍ୟପକ୍ଷରେ କାଳବୈଶାଖୀ ପ୍ରଭାବରେ କୋକସରା ବ୍ଲକର ଅନେକ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ମଧ୍ୟ ସୂଚନା ମିଳିଛି। ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡ଼ ତୋଫାନ ସହ ଘଡଘଡି ତୁହାକୁତୁହା ବର୍ଷା ହୋଇଛି। ଝଡତୋଫାନ କାରଣରୁ ବିଦ୍ୟୁତ ଖୁଣ୍ଟ ଉପୁଡିବା ସହ, ରାସ୍ତା କଡର ହୋର୍ଡିଂ, ବଡ଼ ବଡ଼ ଗଛ ଭାଙ୍ଗି ପଡିଛି। ମୂଷାପାଲି ପଞ୍ଚାୟତ ଅନ୍ତର୍ଗତ ଗହନାମୁଣ୍ଡା ହରିଜନ ପଡାର ମୁକେଶ ନାଗଙ୍କ ଘରେ ଏକ ବଡ଼ ଗଛ ପଡି ଯିବାରୁ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେହି ସମୟରେ ଘରେ ୮ ଜଣ ସଦସ୍ୟ ଅଳ୍ପକେ ରକ୍ଷା ପାଇଛନ୍ତି। ଖବର ପାଇ କୋକସରା ଦମକଳ କର୍ମଚାରୀ ମାନେ ପହଞ୍ଚି ଗଛକୁ କାଟିବା ପରେ ପରିବାର ଲୋକଙ୍କୁ ଉଦ୍ଧାର କରିଥିଲେ। କୋକସରାରୁ ଛିଲିପାମାଲ ରାସ୍ତାରେ ଅନେକ ଗଛ ଉପୁଡି ପଡିଥିବା ଦେଖିବାକୁ ମିଳିଛି। ଝଡତୋଫାନ ଯୋଗୁଁ କୋକସରା ବ୍ଲକ ଅଞ୍ଚଳରେ ବିଦ୍ୟୁତ ସରାବରାହ ମଧ୍ୟ ଠପ ହୋଇ ପଡିଛି । ଅନପଟେ ପ୍ରବଳ ବେଗରେ ପବନ ହେବାରୁ ଚାଷୀଙ୍କ ଅମଳକ୍ଷମ ଧାନ ବିଲରେ ଲୋଟି ପଡିଛି । ଫଳରେ ଧାନ ଫସଲ ନଷ୍ଟ ହେବା ଆଶଙ୍କା ରହିଛି।

(ଶ୍ରୀମଦ୍ଭଗବଦ୍ ଗୀତା ୫/୧୮)
–କର୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ )
ବିଦ୍ୟାବିନୟସଂପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।
ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ॥୧୮॥
ଜ୍ଞାନୀମାନେ ବିଦ୍ୟା ଓ ବିନୟଯୁକ୍ତ ବ୍ରାହ୍ମଣ ଏବଂ ଗୋରୁ, ହସ୍ତୀ,
କୁକୁର ଓ ଚଣ୍ଡାଳ ଏ ସମସ୍ତଙ୍କୁ ସମାନ ଭାବେ ଦେଖନ୍ତି ॥୧୮॥

## ସମ୍ପାଦକୀୟ

# ଯୁଦ୍ଧର ବିକଳ୍ପ ଖୋଜିବା ଜରୁରୀ

ରୁଷିଆର ୟୁକ୍ରେନ ଆକ୍ରମଣ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ୟୁରୋପରେ ସବୁଠାରୁ ବଡ ମାନବିକ ସଙ୍କଟ ସୃଷ୍ଟି କରିଛି । ପୂର୍ବରୁ, ହଜାର ହଜାର ଜୀବନ ନଷ୍ଟ ହୋଇଯାଇଛି ଏବଂ ବିସ୍ଥାପନ, ଘର ହରାଇବା ଏବଂ ଆୟ ହରାଇବା ଦ୍ୱାରା ଲକ୍ଷ ଲକ୍ଷ ଜୀବିକା ବ୍ୟାହତ ହୋଇଛି । ଅନେକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ମାନବିକ ଦୁଃଖଦ ଘଟଣା ଏବଂ ଏହି ଭୟଙ୍କର ଯୁଦ୍ଧର ପରିଣାମ ଦେଖିଲେ ଯେ' କେହି ବି ସ୍ତମ୍ଭିଭୂତ ହେଇଯିବ । ଯେତେବେଳେ ବିଶ୍ୱରେ ଯେଉଁଠାରେ ବିବାଦ ଦେଖାଦେଇଛି କିମ୍ବା ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେଇଛି, ସେଠାରେ ଦେଶ ତଥା ଜନତା ଅନେକ ଅନିଶ୍ଚିତତା ମଧ୍ୟଦେଇ ଗତିକରନ୍ତି । ହଠାତ, ସାମାଜିକ ଓ ଅର୍ଥନୈତିକ ଅସ୍ଥିରତା ଦେଖାଦିଏ ଏବଂ ଯାହାର ପ୍ରଭାବ ପ୍ରତ୍ୟେକ ପରିବାର ଓ ବ୍ୟକ୍ତିବିଶେଷ ଉପରେ ପଡେ । ଯୁଦ୍ଧ ବା ବିବାଦ ଯଦି ଦୀର୍ଘସ୍ଥାୟୀ ହୁଏ, ଏହାର ପ୍ରଭାବ ସମଗ୍ର ବିଶ୍ୱରେ ପ୍ରତିଫଳିତ ହୁଏ । ଯନ୍ତ୍ରଣା ଜର୍ଜରିତ ପ୍ରାୟ ୬ ଲକ୍ଷରୁ ଅଧିକ ଲୋକ ପଡୋଶୀ ଦେଶମାନଙ୍କରେ ଆଶ୍ରୟ ନେଉଛନ୍ତି ଏବଂ ସମାନ ସଂଖ୍ୟକ ଲୋକ ୟୁକ୍ରେନ ମଧ୍ୟରେ ବିସ୍ଥାପିତ ହେଇଛନ୍ତି । ଏହା ଭିତରେ ୟୁକ୍ରେନର ହଜାର ହଜାର ସୈନ୍ୟସାମନ୍ତ ଏବଂ ସାଧାରଣ ଜନତା ମୃତ୍ୟୁ ମୁଖରେ ପଡ଼ିଛନ୍ତି । କେତେଯେ ଭିତ୍ତିଭୂମି ନଷ୍ଟ ହେଇଛି, ତାହାର ହିସାବ ନାହିଁ ଏବଂ ପୁଣି ଥରେ ସମାନ ଅବସ୍ଥାକୁ ଆଣିବା ପାଇଁ କେତେଯେ' ବର୍ଷ ଲାଗିବ ତାହା ଆକଳନ କରିବା ସହଜ ନୁହେଁ । ଏହାରି ଭିତରେ ୟୁକ୍ରେନ ଏହାର ଏକ-ଚତୁର୍ଥାଂଶ ଅଞ୍ଚଳ ହରେଇ ସାରିଛି ବା ରୁଷିଆ ଅଧୀନକୁ ଚାଲିଯାଇଛି । ନିଜର ସ୍ୱତନ୍ତ୍ର ପରିଚୟ ପାଇଁ ୟୁକ୍ରେନକୁ ଏ ଯୁଦ୍ଧ ଲଢ଼ିବାକୁ ପଡୁଛି, କିନ୍ତୁ ଏହାର ଶେଷ କେଉଁଠି ୟୁକ୍ରେନ ଜାଣିନାହିଁ । ନିଜର ସ୍ୱତନ୍ତ୍ର ପରିଚୟ ଏହା ବଜାଇ ରଖିପାରିବ ନା ନାହିଁ ତାହା ଭବିଷ୍ୟତ ହିଁ କହିବ । ୟୁକ୍ରେନ ଏକ ରାଷ୍ଟ୍ର – କଥାକୁ ହୁଏତ ପୁଟିନ ଗ୍ରହଣ କରନ୍ତି ନାହିଁ ଏବଂ ବିଶେଷଜ୍ଞଙ୍କ ମତରେ, ୟୁକ୍ରେନ ରୁଷିଆର ଅଂଶବିଶେଷ ବୋଲି ରୁଷିଆର ରାଷ୍ଟ୍ରପତି ଭାବନ୍ତି । ୧୯୯୧ରେ ସୋଭିଏତ ସଂଘର ଭାଙ୍ଗିବା ପରେ ୟୁକ୍ରେନକୁ ହରାଇବା ପରେ ୟୁକ୍ରେନକୁ ଫେରାଇ ଆଣିବା ପାଇଁ ପୁଟିନ୍‌ଙ୍କ ପ୍ରବଳ ଇଚ୍ଛା ରହିଛି ଏବଂ ସେଥିପାଇଁ ଦୁଇ ଦେଶ ମଧ୍ୟରେ ତିକ୍ତତା ବଢିବା ସହ ଯୁଦ୍ଧର ରୂପ ନେଇଛି । ପୁଟିନଙ୍କର ଭୌଗଳିକ ରାଜନୈତିକ ଅଭିଳାଷ ମଧ୍ୟ ରହିଛି । ସେ ଉତ୍ତର ଆଟଲାଣ୍ଟିକ୍ ଚୁକ୍ତି ସଂଗଠନ (ନାଟୋ) ର ପୂର୍ବ ଦିଗକୁ ବିସ୍ତାରକୁ ପ୍ରତିରୋଧ କରିବାକୁ, ରୁଷିଆର ରଣନୀତିକ ଗଭୀରତାକୁ ପୁନଃ ସ୍ଥାପନ କରିବାକୁ ଏବଂ ଏହାର ପଶ୍ଚିମ ସୀମାରେ ଥିବା ଐତିହାସିକ ପ୍ରଭାବକୁ ପୁନରୁଦ୍ଧାର କରିବାକୁ ଚାହୁଁଛନ୍ତି । ଏହି ଲକ୍ଷ୍ୟ ହାସଲ ପାଇଁ ୟୁକ୍ରେନ ଉପରେ ଏହାର ଆଧିପତ୍ୟ ଆବଶ୍ୟକ । ଯେଉଁଥିପାଇଁ ଏହା ୟୁକ୍ରେନକୁ କଳେ ବଳେ ନିଜ ନିୟନ୍ତ୍ରଣକୁ ଆଣିବାରେ ଚେଷ୍ଟା କରୁଛି ଏବଂ ଯାହାର ପ୍ରତିରୋଧ କରୁଛନ୍ତି ଆମେରିକା, ଜର୍ମାନ, ଇଂଲାଣ୍ଡ ପରି ଦେଶ । ସମର୍ଥନ କରୁଥିବା ବା ୟୁକ୍ରେନକୁ ସାହାଯ୍ୟ ସହଯୋଗ ଦେଉଥିବା ଦେଶଗୁଡିକର ଯୁକ୍ତି ହେଲା, ୟୁକ୍ରେନ ବିରୁଦ୍ଧରେ ରୁଷିଆର ଯୋଜନାବଦ୍ଧ, ଅପ୍ରାକୃତିକ ଏବଂ ଅଯୌକ୍ତିକ ଯୁଦ୍ଧର ଜବାବ ଦେବାପାଇଁ ସେମାନେ ସହଯୋଗ କରୁଛନ୍ତି ଯାହା ଯୁଦ୍ଧକୁ ଏ ପର୍ଯ୍ୟନ୍ତ ଟାଣିଆଣିଛି । ଏହି ଗତ କିଛି ମାସର ଘଟଣା ଆମେ ଯଦି ଦେଖିବା, ତା'ହେଲେ ଜାଣିପାରିବା, ବିନା ସହଯୋଗରେ ୟୁକ୍ରେନ ଆଉ ଯୁଦ୍ଧ କରିବା ସମ୍ଭବ ନୁହେଁ ଏବଂ ରୁଷିଆ ୟୁକ୍ରେନକୁ ଆରାମରେ ଅଧିକାର କରିପାରିବ । ଆମେରିକାର ସାମରିକ ସହାୟତା ପ୍ରଦାନରେ ଛଅ ମାସର ବିଳମ୍ବ ହେତୁ ୟୁକ୍ରେନ ବ୍ୟତିବ୍ୟସ୍ତ ହେଇପଡିଥିଲା । ଅନ୍ୟପକ୍ଷରେ, ଆମେରିକାରେ ରାଷ୍ଟ୍ରପତି ବାଇଡେନଙ୍କ ଇଚ୍ଛା ସତ୍ତ୍ୱେ, ଆମେରିକା ପ୍ରଶାସନ ୟୁକ୍ରେନ ସହାୟତା ପାଇଁ ରାଜି ହେଇ ନ ଥିଲା । ଦୀର୍ଘ ସମୟର ଆଲୋଚନା ପରେ ୟୁକ୍ରେନ, ଇସ୍ରାଏଲ ଓ ତାଇୱାନକୁ ସହାୟତା ଦେବାକୁ ଆମେରିକା ସିନେଟ ରାଜି ହେଇଛି । ଏହା ୟୁକ୍ରେନ ପାଇଁ ଖୁସିର ବିଷୟ । ଏହି ସହାୟତା ୟୁକ୍ରେନର ମନୋବଳ ବୃଦ୍ଧି ପାଇଁ ସହାୟକ ହେବ ଏବଂ ପାଶ୍ଚାତ୍ୟ ଦେଶମାନେ ସେମାନଙ୍କର ପ୍ରତିଶ୍ରୁତି ପାଳନ କରୁଥିବାରୁ ୟୁକ୍ରେନର ଆତ୍ମବିଶ୍ୱାସ ବଢିବ । ଅନ୍ୟପକ୍ଷରେ ଏହି ସହାୟତା ଦେଇ ଆମେରିକା ରୁଷିଆକୁ ଗୋଟିଏ ଶକ୍ତିଶାଳୀ ସମ୍ବାଦ ଦେଇପାରିଛି ଯେ' ୟୁକ୍ରେନ ପଛରେ ଏହା ରହିଛି । ମୋଟାମୋଟି ଭାବରେ ଆମେରିକାର ସହାୟତା ପୁଣି ଥରେ ୟୁକ୍ରେନବାସୀ, ପ୍ରଶାସନ ଏବଂ ସୈନ୍ୟମାନଙ୍କର ମନୋବଳ ବଢ଼ାଇ ପାରିଛି । ନିରନ୍ତର ସହାୟତା ବିନା, ଶୀଘ୍ର କିମ୍ବା ବିଳମ୍ବରେ ୟୁକ୍ରେନ ପୁନର୍ବାର ନିଜକୁ ଏକ ଗୁରୁତର ଅବସ୍ଥାରେ ପାଇବ । ଏହା ଆମେରିକାର ସମର୍ଥନ ଉପରେ ଅଧିକ ନିର୍ଭରଶୀଳ ହେବା ଉଚିତ ନୁହେଁ । ନିଜର ପ୍ରତିରକ୍ଷା ପାଇଁ ନିଜକୁ ପ୍ରସ୍ତୁତ ହେବାକୁ ପଡିବ । ୟୁକ୍ରେନର ଅବସ୍ଥା ଭୁଶୁଡିପଡିବା ପରେ ଆମେରିକା ଏହି ସହାୟତା ପ୍ୟାକେଜକୁ ଅନୁମୋଦନ କରିଛି । ଯଦି ଏହା ପୂର୍ବରୁ ମିଳିଥାନ୍ତା ତେବେ ଅନେକ ଜୀବନ ବଞ୍ଚି ଯାଇଥାନ୍ତା (କେବଳ ମାର୍ଚ୍ଚ ୨୦୨୪ରେ ୟୁକ୍ରେନରେ ଅତି କମ୍‌ରେ ୬୦୪ ସାଧାରଣ ନାଗରିକ ନିହତ ହୋଇଥିଲେ) । ଏକ ଦୀର୍ଘକାଳୀନ, ସ୍ଥାୟୀ ରଣନୀତି ଯାହା ପାଶ୍ଚାତ୍ୟ ସାମରିକ ସହାୟତାର ନିରବଚ୍ଛିନ୍ନ ପ୍ରବାହକୁ ସକ୍ଷମ କରିବ, ନିର୍ବାଚନ ଚକ୍ର ଏବଂ ରାଜନୈତିକ କଳହକୁ ଖାତିର ନକରି ଆମେରିକା, ୟୁରୋପ ଏବଂ ୟୁକ୍ରେନର ଅନ୍ୟ ସହଯୋଗୀମାନଙ୍କ ଦ୍ୱାରା ରଣନୀତି ବିକାଶ କରାଯିବା ଆବଶ୍ୟକ । ମୋଟାମୋଟି ଭାବରେ ଲୋକମତ ୟୁକ୍ରେନ ସପକ୍ଷରେ ରହିଛି । ସ୍ଲୋଭାକିଆର ଏକ ସଦ୍ୟତମ ଉଦାହରଣ, ଯେଉଁଠାରେ ନାଗରିକମାନେ ଆର୍ଟିଲିରି ଶେଲ୍ ପାଇଁ ୩ ମିଲିଅନ ୟୁରୋ ଯୋଗାଡ କରିଛନ୍ତି । ଗଣମାଧ୍ୟମର କେତେକ ରିପୋର୍ଟ ଅନୁସାରେ, ଆମେରିକାର ସିନେଟରେ ଏହି ବିଲ ପାରିତ ହେବାପରେ ଟ୍ରେଞ୍ଚ ମଧ୍ୟରୁ ୟୁକ୍ରେନର ସୈନ୍ୟମାନେ ଆମେରିକାର ଜନତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ଏବଂ ସଂସଦରେ ୟୁକ୍ରେନ ସାଂସଦମାନେ ଆମେରିକାର ପତାକା ପ୍ରଦର୍ଶନ କରିଛନ୍ତି । ଏହା ସ୍ପଷ୍ଟକରିଛି ଯେ' ୟୁକ୍ରେନ ପ୍ରଶାସନ ଏବଂ ସୈନ୍ୟ ମାନେ, ଏହି ସହାୟତା ମଞ୍ଜୁରୀ ପୂର୍ବରୁ, କି ପ୍ରକାର ମାନସିକ ଅବସ୍ଥାରେ ଥିଲେ । ତେବେ ପ୍ରଶ୍ନ ଉଠୁଛି, ଏହିପରି ସହାୟତା ଆମେରିକା ବା ଏହାର ସହଯୋଗୀ ଦେଶ କେତେଦିନ ପର୍ଯ୍ୟନ୍ତ ଦେବେ ? ଯଦି ଦେବା ବନ୍ଦ କରିଦେବେ, ୟୁକ୍ରେନ ନିଜକୁ ସୁରକ୍ଷିତ ରଖିପାରିବ ତ ? ଯଦି ନ ରଖିପାରିବ, ଶେଷରେ କଣ ଶକ୍ତିଶାଳୀ ରୁଷିଆ ପାଖରେ ୟୁକ୍ରେନ ସମର୍ପଣ କରିବ ? ଯଦି ସମର୍ପଣ କରିବ, ଏତେଦିନ ଧରି ୟୁକ୍ରେନ ଯୁଦ୍ଧ କରୁଥିଲା କାହିଁକି ? ଯେଉଁ ହଜାର ହଜାର ଲୋକ ଆଜି ମୃତାହତ ହେଇଛନ୍ତି ବା ବିସ୍ଥାପନ ହେଇଛନ୍ତି ବା ଅନ୍ୟ ବିପଦର ସମ୍ମୁଖୀନ ହେଇଛନ୍ତି, ସେଥିପାଇଁ ଦାୟୀ କିଏ ହେବ ? ଏ ସବୁର ଉତ୍ତର କାହା ପାଖରେ ନାହିଁ, ନା ରୁଷିଆ, ନା ୟୁକ୍ରେନ ନା ଆମେରିକା ନା ଅନ୍ୟ ଦେଶ-କେହି ଏହାର ଉତ୍ତର ଦେଇପାରିବେ ନାହିଁ । ଖାଲି ୟୁକ୍ରେନ-ରୁଷିଆ ବିବାଦ ନୁହେଁ, ଇସ୍ରାଏଲ-ଗାଜା ବିବାଦ, ଇସ୍ରାଏଲ-ଇରାନ ପରି ଅନେକ ବିବାଦ ମଣିଷ ସମାଜକୁ ବିପଦ ମୁହାଁ କରୁଛି -ମାନବିକତା ହଜିଯାଉଛି ଏବଂ ସାରା ବିଶ୍ୱ ଧ୍ୱଂସ ଆଡକୁ ମୁହାଁଉଛି । ତେଣୁ ବିଶ୍ୱସମୂହ ବିବାଦର ସମାଧାନ ପାଇଁ ଯୁଦ୍ଧ ନୁହେଁ ବରଂ ଏହାର ବିକଳ୍ପ ନେଇ ଚିନ୍ତା କରିବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଦୁବାଇ ବିପର୍ଯ୍ୟୟ ଓ ଜଳବାୟୁ ପରିବର୍ତ୍ତନ



ଅସିତ ମହାନ୍ତି

ଦୁବାଇରେ ଭିତ୍ତିଭୂମି ବିକାଶ ଏବଂ ବୈଷୟିକ ପ୍ରଗତିରେ ବୃଦ୍ଧି ଘଟିଛି । ଏକ୍ସପୋ ୨୦୨୦, ଭବିଷ୍ୟତର ସହରୀ ଯୋଜନା ଏବଂ ସ୍ଥାୟୀ ପଦକ୍ଷେପ ଭଳି ଉଚ୍ଚାଭିଳାଷୀ ପ୍ରକଳ୍ପ ସହିତ ସହର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛି । ବିବିଧତା ଏବଂ ନବସୃଜନ ଉପରେ ଧ୍ୟାନ ଦେଇ ଦୁବାଇର ଅର୍ଥନୈତିକ ଦୃଶ୍ୟ ଦ୍ରୁତ ଗତିରେ ବିକାଶ କରୁଛି । ଏଥିସହ ପର୍ଯ୍ୟଟନ, ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗର ସୁଯୋଗ ବୃଦ୍ଧି ପାଇଁ ଦୁବାଇର ଉଦ୍ୟମ, ଏକ ବିଶ୍ୱ ହବ୍ ଭାବରେ ଏହାର ସ୍ଥିତିକୁ ଆହୁରି ଦୃଢ କରିପାରିଛି । ଏହି ବିକାଶଗୁଡିକ ମଧ୍ୟରେ, ଦୁବାଇ ପ୍ରଗତି ଏବଂ ଆଧୁନିକୀକରଣକୁ ଗ୍ରହଣ କରୁଥିବାବେଳେ ଏହାର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ଉତ୍ସର୍ଗୀକୃତ । କିନ୍ତୁ ଦୁବାଇରେ ଘଟିଥିବା ସାଂପ୍ରତିକ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ସମ୍ଭବତଃ ଜଳବାୟୁ ପରିବର୍ତ୍ତନର ବ୍ୟାପକ ପ୍ରଭାବ ସହିତ ସଂଯୁକ୍ତ ହୋଇପାରେ ।

ବିଶ୍ୱର ତାପମାତ୍ରା ବଢିବା ସହ ପାଣିପାଗ ଢାଞ୍ଚାଗୁଡ଼ିକ ଅଧିକ ତ୍ରୁଟିପୂର୍ଣ୍ଣ ହେବା ସହିତ ଚରମ ପାଣିପାଗ ଘଟଣାର ସମ୍ଭାବନା ଅଧିକ ରହିଛି । ଯେପରିକି ପ୍ରବଳ ବର୍ଷା, ଝଡ କିମ୍ବା ବନ୍ୟା ପରିସ୍ଥିତି ଏପରି ଅଞ୍ଚଳରେ ଘଟିପାରେ ଯାହା ପୂର୍ବରୁ ଏପରି ଘଟଣାଗୁଡ଼ିକର ପ୍ରବୃତ୍ତି ହୋଇ ନଥାଇପାରେ । ନିକଟ ଭବିଷ୍ୟତରେ, ଜଳବାୟୁ ପରିବର୍ତ୍ତନର ପୂର୍ବାନୁମାନ ବାୟୁମଣ୍ଡଳରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ସ୍ତର ବୃଦ୍ଧି ହେତୁ ଗ୍ରହର ଉଷ୍ମତାକୁ ସୂଚାଇଥାଏ । ଏହା ଦ୍ୱାରା ଅଧିକ ବାରମ୍ବାର ତଥା ଭୟଙ୍କର ଚରମ ପାଣିପାଗ ଘଟଣା ଘଟିବ ବୋଲି ଆଶା କରାଯାଏ, ଯେପରିକି ଉତ୍ତାପ ତରଙ୍ଗ, ମରୁଡ଼ି, ପ୍ରବଳ ବର୍ଷା ଏବଂ ଝଡ଼ । ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ଛୋଟ ଦ୍ୱୀପପୁଞ୍ଜ ଦେଶ ପ୍ରତି ବିପଦ ସୃଷ୍ଟି କରି ସମୁଦ୍ର ପତ୍ତନ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଇକୋସିଷ୍ଟମ, ଜୈବ ବିବିଧତା, କୃଷି, ଜଳ ସମ୍ପଦ ଏବଂ ମାନବ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବ । ତେଣୁ, ଏହା ଜଳବାୟୁ ପରିବର୍ତ୍ତନର ଜ୍ୱଳନ୍ତ ଉଦାହରଣ । ଏହା ହେଉଛି ପ୍ରକୃତିର ଚେତାବନୀ ଏବଂ ଏହି ଚେତାବନୀ ମାଧ୍ୟମରେ ଏହା ପ୍ରକୃତିକୁ ଖରାପ ନକରିବାକୁ କହିଥାଏ । ଆମେ ପ୍ରକୃତି ସାମ୍ନାରେ ଧୂଳିର କଣିକାର ଶହେତମ ନୁହେଁ । ଯଦି ସେ ଏତେ ଛୋଟ ଗତି କରନ୍ତି, ତେବେ ତା ସାମ୍ନାରେ ମନୁଷ୍ୟ ବା କଣ ହୋଇପାରେ ? ମନୁଷ୍ୟ ବୁଝିପାରୁନାହିଁ ଯେ ପ୍ରକୃତି ଉପଭୋଗ ହୋଇପାରିବ ନାହିଁ । ପ୍ରକୃତି ବହୁତ ବଡ, ଏହାକୁ ଉପଭୋଗ କରାଯାଇପାରିବ ନାହିଁ । ସମଗ୍ର ବ୍ରହ୍ମାଣ୍ଡରେ ପୃଥିବୀର ସ୍ଥିତି କ'ଣ? ଗୋଟିଏ କଣିକା ମଧ୍ୟ ନୁହେଁ ! ଏହି ସମଗ୍ର ବିଶ୍ୱ ଏବଂ ଆମେ ଆଗାମୀ ଦିନରେ ଭୟଙ୍କର ଦୃଶ୍ୟ ଦେଖିବାକୁ ପ୍ରସ୍ତୁତ ହେବା ଉଚିତ । ଓମାନ ସୀମାବର୍ତ୍ତୀ ସହରର ଅଲ୍ ଆଇନରେ ୨୫୪ ମିଲିମିଟର (୧୦ ଇଞ୍ଚ) ବର୍ଷା ରେକର୍ଡ ଭାଙ୍ଗିଛି । ଏହା ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ପରିମାଣର ବୃଷ୍ଟିପାତକୁ ଚିହ୍ନିତ କରିଛି, ଯାହାକି ସମଗ୍ର ବର୍ଷରେ ଦେଖାଯାଇଥିବା ହାରାହାରି ବୃଷ୍ଟିପାତକୁ ଅତିକ୍ରମ କରିଛି ।

ଜଳବାୟୁ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ମାନବ-ପ୍ରବର୍ତ୍ତିତ ଜଳବାୟୁ ପରିବର୍ତ୍ତନ ହେତୁ ବିଶ୍ୱର ତାପମାତ୍ରା ବୃଦ୍ଧି, ବିଶ୍ୱ ବ୍ୟାପୀ ବାରମ୍ବାର ଏବଂ ତୀବ୍ର ଚରମ ପାଣିପାଗ ଘଟଣାରେ ସହାୟକ ହେଉଛି । ବ୍ରିଟେନର ଦି ଗାର୍ଡିଆନ୍ ଖବରକାଗଜର ଏକ ରିପୋର୍ଟ ଅନୁଯାୟୀ, ଜଳବାୟୁ ବୈଜ୍ଞାନିକମାନେ ଜଳବାୟୁ ପରିବର୍ତ୍ତନର ଗୁରୁତର ପ୍ରଭାବ ଭାବରେ ସ୍ୱୀକୃତି ଦେବା ପରିବର୍ତ୍ତେ ଚରମ ପାଣିପାଗକୁ ସିଧାସଳଖ ପାଣିପାଗ ନିୟନ୍ତ୍ରଣ ଅଭ୍ୟାସ ବୋଲି ଦର୍ଶାଇ ଜନସାଧାରଣଙ୍କ ବିଷୟରେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏପ୍ରିଲରେ ଏହି ଅସ୍ୱାଭାବିକ ଘଟଣା ଅପ୍ରତ୍ୟାଶିତ ନଥିଲା କାରଣ ଯେତେବେଳେ ମୋସୁମୀ ଦ୍ରୁତ ଗତିରେ ପରିବର୍ତ୍ତନ ହୁଏ, ସେ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ମଧ୍ୟ ବାତ୍ୟାରେ ସହାୟକ ହୋଇଛି । ଜଳବାୟୁ ବୈଜ୍ଞାନିକମାନେ କହିଛନ୍ତି ଯେ ମାନବଙ୍କ ଦ୍ୱାରା ପରିଚାଳିତ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଶ୍ୱର ତାପମାତ୍ରା ବୃଦ୍ଧି ହେତୁ ପ୍ରବଳ ବର୍ଷା ସମେତ ସାରା ବିଶ୍ୱରେ ଅଧିକ ଚରମ ପାଣିପାଗ ଘଟଣା ଘଟୁଛି । ୟୁଏଇରେ ଦେଖାଯାଇଥିବା ପରି ବଜ୍ରପାତରୁ ବର୍ଷା, ଉଷ୍ମତା ସହିତ ଏକ ନିର୍ଦ୍ଦିଷ୍ଟ ବଢ଼ିବାରେ ଲାଗିଛି । ଏହାର କାରଣ ହେଉଛି ଯେ ବଜ୍ରପାତରେ ଶକ୍ତିଶାଳୀ ଅପଡେଟ୍ ହୋଇଥିବା କନଭେକସନ ଏକ ଉଷ୍ମ ଦୁନିଆରେ ମଜବୁତ ହୁଏ । ଏହି କଥା ଡିମ କୋମୋଉ (ପ୍ରଫେସର ଇନ କ୍ଲାଇମେଟ ଏକ୍ସଟ୍ରୀମସ) କହିଛନ୍ତି ଲଣ୍ଡନର ଇମ୍ପେରିଆଲ୍ କଲେଜ ଲଣ୍ଡନର ଜଳବାୟୁ ବିଜ୍ଞାନର ଜଣେ ବରିଷ୍ଠ ଅଧ୍ୟାପକ ଫ୍ରିଡେରିକ୍ ଓଟୋ କହିଛନ୍ତି ଯେ ଜଳବାୟୁ ଉତ୍ତପ୍ତ ହେବା ସହିତ ସାରା ବିଶ୍ୱରେ ବର୍ଷା ଅଧିକ ଭାରୀ ହୋଇପଡିଛି କାରଣ ଏକ ଉଷ୍ମ ପରିବେଶ ଅଧିକ ଆର୍ଦ୍ରତା ରଖିପାରେ । 'କ୍ଲାଉଡ଼ ସିଡ଼ିଙ୍ଗ' ବିଷୟରେ ପ୍ରବଳ ବର୍ଷାର କାରଣ ବୋଲି କହିବା ବିଭ୍ରାନ୍ତିକର ବୋଲି ସେ କହିଛନ୍ତି ।

'କ୍ଲାଉଡ଼ ସିଡ଼ିଙ୍ଗ' କୌଣସି ଜିନିଷରୁ ମେଘ ସୃଷ୍ଟି କରିପାରିବ ନାହିଁ । ଏହା ଆକାଶରେ ଥିବା ଜଳକୁ ଶୀଘ୍ର ଘନୀଭୂତ କରିବାକୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଜଳ ପକାଇବାକୁ ଉତ୍ସାହିତ କରିଥାଏ । ତେଣୁ ପ୍ରଥମେ, ଆର୍ଦ୍ରତା ଆବଶ୍ୟକ । ଏହା ବିନା ମେଘ ହୋଇ ନଥାନ୍ତା ବୋଲି ସେ କହିଛନ୍ତି । ଗ୍ଲୋବାଲ ୱାର୍ମିଂ ଦ୍ୱାରା ଦୁବାଇର ସମୁଦ୍ରରେ ଅସାଧାରଣ ଉଷ୍ମ ଜଳ ସୃଷ୍ଟି ହୋଇଛି, ଯେଉଁଠାରେ ମଧ୍ୟ ଅତ୍ୟଧିକ ଉଷ୍ମ ପବନ ଅଛି ବୋଲି ଅଷ୍ଟ୍ରେଲୀୟ ନ୍ୟାସନାଲ ୟୁନିଭରସିଟି ପ୍ରତିଷ୍ଠାନର ନିର୍ଦ୍ଦେଶକ ମାର୍କ ହାଡେନ କହିଛନ୍ତି । ଏହା ଉଭୟ ସମ୍ଭାବ୍ୟ ବାଷ୍ପୀକରଣ ହାର ଏବଂ ସେହି ଜଳକୁ ଧରି ରଖିବା ପାଇଁ ବାୟୁମଣ୍ଡଳର କ୍ଷମତା ବଢ଼ିଥାଏ, ଯାହା ଦ୍ୱାରା ଆମେ ଦୁବାଇରେ ଯାହା ଦେଖିଛୁ ତାହା ପରି ବୃହତ ବୃଷ୍ଟିପାତକୁ ଅନୁମତି ଦେଇଥାଏ । ଏଡିନବର୍ଗ ବିଶ୍ୱବିଦ୍ୟାଳୟର ଜଳବାୟୁ ବିଶେଷଜ୍ଞ ଗାବି ହେଗର୍ଲ କହିଛନ୍ତି ଯେ ୟୁଏଇ ଏବଂ ଓମାନ ପରି ଅତ୍ୟଧିକ ବର୍ଷା ଜଳବାୟୁ ପରିବର୍ତ୍ତନ ହେତୁ ଅନେକ ସ୍ଥାନରେ ଖରାପ ହେବାର ସମ୍ଭାବନା ରହିଛି । ଯେତେବେଳେ ପ୍ରକୃତରେ ପ୍ରବଳ ବର୍ଷା ପାଇଁ ଅବସ୍ଥା ଉପଯୁକ୍ତ, ବାୟୁରେ ଅଧିକ ଆର୍ଦ୍ରତା ଥାଏ, ତେଣୁ ଏହା ଅଧିକ ବର୍ଷା ହୁଏ । ଏହି ଅତିରିକ୍ତ ଆର୍ଦ୍ରତା ହେଉଛି କାରଣ ବାୟୁ ଉଷ୍ମ ଅଟେ, ଯାହା ମାନବ କାରଣରୁ ଜଳବାୟୁ ପରିବର୍ତ୍ତନ ହେତୁ ହୋଇଥାଏ ବୋଲି ସେ କହିଛନ୍ତି । ଆମକୁ ମନେ ରଖିବାକୁ ହେବ ଯେ ଗ୍ଲୋବାଲ ୱାର୍ମିଂ ହେଉଛି ଗ୍ରହର ଜ୍ୱର । ପୃଥିବୀ ଅସୁସ୍ଥ ନୁହେଁ । ମଣିଷକୁ ହଟାଇବା ପାଇଁ ପୃଥିବୀ ନିଜକୁ ନିୟନ୍ତ୍ରଣ କରୁଛି । ତାହା ହେଉଛି, ଯଦି ଆମେ ପ୍ରକୃତି ସହିତ ଟାମ୍ପରିଂ କରିବା, ପ୍ରକୃତି ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିବ । ଯେତେବେଳେ ଏହା ଏହା ସହିତ ବିନାଶ ଆଣିଥାଏ, ସେତେବେଳେ ଏହା ସମ୍ଭବ । ଯେପରି ଆମେ ଆମ ସମୟରେ କୋଭିଡ୍ -୧୯ ଦେଖିଥିଲୁ, ଯେଉଁଥିରେ ପ୍ରକୃତି ଗୋଟିଏ ଷ୍ଟ୍ରୋକ୍‌ରେ ଏହି ଦୁନିଆରୁ କୋଟି କୋଟି ଲୋକଙ୍କୁ ଅପସାରଣ କରିଥିଲା । କୋଭିଡ୍ -୧୯ ସମୟରେ ପୃଥିବୀର ଦୃଶ୍ୟ ଭିନ୍ନ ଥିଲା । ସତେ ଯେପରି ମଣିଷ ଏକ ନୂଆ ଦୁନିଆରେ ପ୍ରବେଶ କରିଛି । ସମଗ୍ର ଇକୋ ସିଷ୍ଟମ ସନ୍ତୁଳିତ ହୋଇଯାଇଥିଲା । ଜଳବାୟୁ ପରିବର୍ତ୍ତନ ଏକ ସମସ୍ୟା, ଯାହା ମଣିଷ ନିଜେ ସୃଷ୍ଟି କରିଛି ।

ଏଭଳି ପରିସ୍ଥିତିରେ ପ୍ରକୃତି ନିଜକୁ ବଞ୍ଚାଇବା ପାଇଁ ବିପର୍ଯ୍ୟୟର ସମ୍ମୁଖୀନ ହେବ । ପ୍ରକୃତି ଏହାର ଦୃଶ୍ୟ ଦେଖାଉଛି ଏବଂ ଦୁବାଇ ବିପର୍ଯ୍ୟୟ ହେଉଛି ଏକ ଉଦାହରଣ । ଚରମ ଜଳବାୟୁ ଘଟଣା ଯାହା ବିଶ୍ୱର ଅଧିକାଂଶ ଭାଗରେ ସାଧାରଣ ହୋଇପାରିଛି । ଜଳବାୟୁ ପରିବର୍ତ୍ତନ ସହିତ ଜଡିତ ସେମାନଙ୍କ ମଧ୍ୟରୁ ଅନେକ ଶୁଷ୍କ ଅଞ୍ଚଳରେ ବର୍ଷା ଏବଂ ବର୍ଷା ଅଞ୍ଚଳରେ ମରୁଡ଼ି ଭଳି ପ୍ରତିକୂଳ ଘଟଣା । ତେଣୁ ଦୁବାଇ ବିପର୍ଯ୍ୟୟକୁ ଜଳବାୟୁ ପରିବର୍ତ୍ତନ ଉପରେ ଶୀଘ୍ର କାର୍ଯ୍ୟ କରିବାର ଆବଶ୍ୟକତା ବିଷୟରେ ଆଉ ଏକ ସ୍ମାରକ ଭାବରେ ଗ୍ରହଣ କରାଯିବା ଉଚିତ । ଦୁବାଇରେ ଟଙ୍କା, ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ୟୋଗ ଅଛି, ଯାହା ଅଧିକାଂଶ ସହରରେ ନାହିଁ, କିନ୍ତୁ ଏହା ପ୍ରକୃତି ଦ୍ୱାରା ପରାଜିତ ହୋଇଛି ।

ସୁଜନପୁର , ଯାଜପୁର
ମୋ-୯୩୪୮୭୬୮୮୧୨

# ନିଆରା ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ



ହିମାଂଶୁ ଶେଖର ଆଚାର୍ଯ୍ୟ

ଭାରତର ମୁକ୍ତି ସଂଗ୍ରାମରେ ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମହାନ୍ ବିପ୍ଳବୀ । ସେ ୧୮୯୫ ମସିହା ମେ ୮ତାରିଖରେ ପିତା ଗୋକୁଳାନନ୍ଦ ଚୌଧୁରୀ ଓ ମାତା ପଦ୍ମାବତୀ ଦେବୀଙ୍କ କୋଳମଣ୍ଡନକରି କଟକ ସହରରେ ସ୍ୱରାଜ ଆଶ୍ରମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୈତୃକ ଜନ୍ମସ୍ଥାନ ହେଲା ବର୍ତ୍ତମାନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଖେରସ ଗ୍ରାମରେ । ପିତା ଗୋକୁଳାନନ୍ଦ ଚୌଧୁରୀ ଥିଲେ ଜଣେ ପ୍ରତିଷ୍ଠିତ ଆଇନଜୀବୀ,ବିଶିଷ୍ଟ ଜମିଦାର ଓ ଜଣେ ସୁପରିଚିତ ବ୍ୟକ୍ତି । ମାତ୍ର ଏସବୁର ମୋହ ତାଙ୍କୁ ନିଜ ଆଦର୍ଶ ଓ ନୀତିରୁ ପଥଚ୍ୟୁତ କରିପାରିନଥିଲା । ସୌଭାଗ୍ୟକୁ ସେ ଏପରି ଏକ ପରିବାରରେ ଜନ୍ମଗ୍ରହଣ କରିଥିଲେ, ଯେଉଁଠି ସାରା ଦେଶଟାର ସ୍ୱପ୍ନ ଜମାଟବାନ୍ଧି ରହିଥିଲା ।

ଏହି ମହାନ୍ ଜନନାୟକ ୧୮୯୫ ମସିହା ମେ ୮ ତାରିଖ କଟକ ସହରରେ ଆଜିର ସ୍ୱରାଜ ଆଶ୍ରମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୈତୃକ ଜନ୍ମସ୍ଥାନ ଜଗତସିଂହପୁରର ଖେରସ ଗ୍ରାମରେ । ବାଲ୍ୟକାଳରୁ ବାପା ଗୋକୁଳାନନ୍ଦ ଚୌଧୁରୀ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଜୀବନାଦର୍ଶ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା ।

ସୌଭାଗ୍ୟକୁ ସେ ଏମିତି ଏକ ପରିବାରରେ ଜନ୍ମ ନେଇଥିଲେ ଯେଉଁଠି ପ୍ରବାହିତ ହେଉଥିଲା ସ୍ୱାଧୀନତା ସଂଗ୍ରାମର ଆବହାୱା । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପରିବାରରୁ ନିଜର ସହଧର୍ମିଣୀ ରମାଦେବୀ, ସାନଭାଇ ନବକୃଷ୍ଣ ଚୌଧୁରୀ, ଭାଇବୋହୂ ମାଳତୀ ଚୌଧୁରୀ,ପୁଅ ମନମୋହନ ଚୌଧୁରୀ, ଝିଅ ଅନ୍ନପୂର୍ଣ୍ଣା ମହାରଣା ଓ ପରେ ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ଏହି ମୁକ୍ତି ସଂଗ୍ରାମରେ ସାମିଲ ହୋଇ ଇତିହାସ ରଚିଥିଲେ । ବିଶେଷକରି ତ୍ୟାଗ ଓ ସେବା କ୍ଷେତ୍ରରେ ସେ ଯେଉଁ ଉଚ୍ଚ ପରମ୍ପରା ସୃଷ୍ଟି କରିଯାଇଛନ୍ତି, ତାହା ଏବେବି ଅନତିକ୍ରମ୍ୟ ହୋଇ ରହିଅଛି ।

ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମେଧାବୀ ଛାତ୍ର । ସେ କଟକରୁ ମାଧ୍ୟମିକ ଶିକ୍ଷା ସମାପ୍ତ କରି କଲିକତାରେ କୃତିତ୍ୱର ସହ ବି.ଏ. ଓ ଏମ୍.ଏ ପାଶ୍ କରିଥିଲେ । ପରେ କଲିକତାରେ ଆଇନ ପରୀକ୍ଷାର ପ୍ରଥମ ଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଆଇନ ପାଠ ଅସମାପ୍ତ ରଖି କଟକରେ ଡେପୁଟି ମାଜିଷ୍ଟ୍ରେଟ୍ ରୂପେ ଅବସ୍ଥାପିତ ହୋଇଥିଲେ । ମାତ୍ର ଏହି ଚାକିରି ତାଙ୍କୁ ଭଲ ଲାଗୁନଥିଲା । ଓଡ଼ିଆମାନଙ୍କ ପ୍ରତି ଇଂରେଜମାନେ ତାଚ୍ଛଲ୍ୟ ବ୍ୟବହାର ତାଙ୍କୁ ବ୍ୟଥିତ କରି ପକାଉଥିଲା । ୧୯୨୦ ମସିହାରେ ଯେତେବେଳେ ଯାଜପୁର ଅଞ୍ଚଳରେ ଭୀଷଣ ନଇବଢ଼ି ହୋଇଥିଲା, ସେହି ସମୟରେ ବନ୍ୟା ବିଧ୍ୱସ୍ତ ଗ୍ରାମମାନଙ୍କୁ ଦେଖି ସେ କାନ୍ଦି ପକାଇଥିଲେ ଓ ସରକାରଙ୍କ ସାହାଯ୍ୟ ଯଥେଷ୍ଟ ନୁହେଁ ବୋଲି ଦାବି ଜଣାଇଥିଲେ । ସରକାର ଗୋପବନ୍ଧୁଙ୍କ ଦାବିକୁ ଅଗ୍ରାହ୍ୟ କରିଦେବାରୁ ବାଧ୍ୟ ହୋଇ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇଥିଲେ । ଇସ୍ତଫାପତ୍ରରେ ମୋଟେ ଗୋଟେ ଧାଡି ଲେଖାଥିଲା– ଚାକିରିରେ ମଣିଷର ବିକାଶର ସ୍ଥାନ ନାହିଁ । ଏପରିକି ସରକାରୀ ଚାକିରିରେ ଥାଇ ମଧ୍ୟ ସେ କଟକରେ ଭାରତୀ ମନ୍ଦିର ନାମକ ଏକ ଲାଇବ୍ରେରୀ ଓ ଆଲୋଚନା ଚକ୍ର ପ୍ରତିଷ୍ଠା କରିଥିଲେ। ଯେଉଁଠିକୁ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ, ରାଜକୃଷ୍ଣ ବୋଷ ଓ ଅନ୍ୟାନ୍ୟ କଲେଜ ଛାତ୍ରମାନେ ନିୟମିତ ଯାଇ ସେଠାକୁ ଆସୁଥିବା ବିଭିନ୍ନ ପତ୍ର ପତ୍ରିକା ଓ ସମ୍ବାଦପତ୍ର ପାଠକରି ଦେଶର ରାଜନୈତିକ ଓ ଅର୍ଥନୈତିକ ସ୍ଥିତି ସମ୍ପର୍କରେ ଜାଣିପାରୁଥିଲେ ।

୧୯୨୧ ମସିହାର କଥା, ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନର ଡାକରା ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା । ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନ ଜୋର ଧରିଥାଏ । ଏହି ଅସହଯୋଗ ଆନ୍ଦୋଳନକୁ ସମର୍ଥନ ଜଣାଇ ଯେଉଁ ସ୍କୁଲ କଲେଜ ଛାତ୍ରମାନେ ଅଧାରୁ ପାଠ ଛାଡିଦେଇ ସ୍ୱାଧୀନତା ସଂଗ୍ରାମୀ ହୋଇଥିଲେ ସେମାନଙ୍କୁ ତାଲିମ ଦେବାପାଇଁ ବିଭିନ୍ନ ସ୍ଥାନରେ ଆଶ୍ରମ ଓ ଜାତୀୟ ବିଦ୍ୟାଳୟ ମାନ ପ୍ରତିଷ୍ଠା କରାଗଲା ।

ସେଥିମଧ୍ୟରୁ ଅଳକାଶ୍ରମ ଥିଲା ଅନ୍ୟତମ । ୧୯୨୨ ମସିହା ଶ୍ରୀପଞ୍ଚମୀ ଦିନ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ଏହା ଶୁଭ ଉଦ୍ଘାଟିତ ହୋଇଥିଲା । ଜଗତସିଂହପୁରଠାରେ ମାଛଗାଁ ମୁଖ୍ୟ କେନାଲର ଦକ୍ଷିଣ ପାର୍ଶ୍ୱ ଓ ମୃତ ଅଳକା ନଈର ଉତ୍ତରପାର୍ଶ୍ୱରେ ଥିବା ସୋମନାଥ ହାଟକୁ ଲାଗି ପ୍ରଶସ୍ତ ଓ ବିସ୍ତୃତ ଆମ୍ବ ତୋଟାରେ ଆରମ୍ଭ ହୋଇଥିଲା। ଏହି ଅନୁଷ୍ଠାନ– ସ୍ୱାଧୀନତା ସଂଗ୍ରାମର ତୀର୍ଥଭୂମି । ଏଥିପାଇଁ ଜମି ଦାନ କରିଥିଲେ ଚାତ୍ରା ଗ୍ରାମର ଭାଗିରଥୀ ମହାପାତ୍ର ଓ ବଂଶୀଧର ପଟ୍ଟନାୟକ । ଡେପୁଟି କଲେକ୍ଟର ଚାକିରି ଛାଡିଥିବା ଗୋପବନ୍ଧୁ ଚୌଧୁରୀ ହୋଇଥିଲେ ଅଳକାଶ୍ରମର ତତ୍ତ୍ୱାବଧାରକ ।

ମହାତ୍ମା ଗାନ୍ଧିଙ୍କର ଲବଣ ସତ୍ୟାଗ୍ରହର ଡାକରା ଓଡିଶାରେ ମଧ୍ୟ ବ୍ୟାପକ ଜନଜାଗରଣ ସୃଷ୍ଟି କରିଥିଲା । ୧୯୩୦ ମସିହା ମାର୍ଚ୍ଚ ୧୬ ତାରିଖରେ ଉତ୍କଳପ୍ରଦେଶ କମିଟିର ବାଲେଶ୍ୱର ଅଧିବେଶନରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ଇଞ୍ଚୁଡି ଗ୍ରାମକୁ ସତ୍ୟାଗ୍ରହ ପାଇଁ ମନୋନୀତ କରାଯାଇଥିଲା। ୧୯୩୦ ମସିହା ଏପ୍ରିଲ ୬ ତାରିଖରୁ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ୨୧ଜଣ ସତ୍ୟାଗ୍ରହୀ ପ୍ରଥମ ପର୍ଯ୍ୟାୟରେ ଇଞ୍ଚୁଡି ଯାତ୍ରା କଲେ । କଟକରୁ ହିଁ ଗୋପବନ୍ଧୁଙ୍କୁ ସରକାର ଗିରଫ କଲେ । ପରେ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ହରେକୃଷ୍ଣ ମହତାବ, ପ୍ରାଣକୃଷ୍ଣ ପଢିହାରୀ ଓ ଅନ୍ୟମାନେ ଏପ୍ରିଲ ୧୩ ତାରିଖରେ ଇଞ୍ଚୁଡିଠାରେ ପହଞ୍ଚି ଲବଣ ଆଇନ ଭଙ୍ଗ କରିଥିଲେ ଓ ଲୁଣ ମାରିଥିଲେ । ଏଥିରେ ମହାନ୍ ସର୍ବୋଦୟ ନେତା ମନମୋହନ ଚୌଧୁରୀ ମାତ୍ର ୧୫ ବର୍ଷ ବୟସରେ ଏହି ସତ୍ୟାଗ୍ରହରେ ସାମିଲ ହୋଇ ନିଜ ପିତା ଗୋପବନ୍ଧୁ ଚୌଧୁରୀ,ମା ରମାଦେବୀ, ଦାଦା ନବକୃଷ୍ଣ ଚୌଧୁରୀ ଓ ଖୁଡି ମାଳତୀ ଚୌଧୁରୀଙ୍କ ସହ ମଧ୍ୟ ଗିରଫ ହୋଇଥିଲେ । ନିଜର ପରିବାରକୁ ଦେଶ ସେବାରେ ନିୟୋଜିତ କରିବାକୁ ଉଦ୍‌ବୁଦ୍ଧ କରିଥିଲେ ଏହି ଧୂଳି ମାଟିର ସନ୍ଥ । ଇତିହାସରେ ଏହି ପରିବାରର ଚରମ ତ୍ୟାଗ ଏବେବି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିଛି ।

୧୯୩୪ ମସିହାରେ ଗୋପବନ୍ଧୁ ଚୌଧୁରୀ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେଇଥିଲେ ଓ ଏଇଠି ଗଢ଼ି ଉଠିଥିଲା ମାନବ ସେବା – ମାଧବ ସେବାର ଯଜ୍ଞବେଦୀ ବହୁ ଚର୍ଚ୍ଚିତ ବରୀ ଆଶ୍ରମ । ଗ୍ରାମ ସଫେଇ, ନିଶା ନିବାରଣ, ପୌଢଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ୍ୟ ଅର୍ଥନୀତିର ଉନ୍ନତି ପାଇଁ ସେ ଅହରହ ଉଦ୍ୟମ ଜାରି ରଖିଥିଲେ । କାରଣ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଗ୍ରାମ୍ୟ ଅର୍ଥନୀତିର ବିକାଶ ନହେଲେ ସମ୍ପୂର୍ଣ୍ଣ ସ୍ୱରାଜ ଆସିପାରିବ ନାହିଁ । ଏହି ଗଠନ ମୂଳକ କାର୍ଯ୍ୟରେ ତାଙ୍କର ଏକମାତ୍ର ପୁତ୍ର ମନମୋହନ, ପତ୍ନୀ ରମାଦେବୀ ଓ ଝିଅ ଅନ୍ନପୂର୍ଣ୍ଣା ମଧ୍ୟ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ । ଗୋପବନ୍ଧୁ ଚୌଧୁରୀ ପ୍ରତ୍ୟକ୍ଷ ରାଜନୀତିରେ ରହିବାକୁ ପସନ୍ଦ କରୁନଥିଲେ । ତାଙ୍କର ଏହି ସେବା କାର୍ଯ୍ୟଦ୍ୱାରା ସ୍ୱରାଜ ଚେତନା ଓ ଦେଶପ୍ରେମ ଭାବ ଉଦ୍ରେକ ହେଉଥିଲା, ସେଥିପାଇଁ ସେ ଇଂରେଜ ସରକାରଙ୍କ ରୋଷର ଶିକାର ହୋଇଥିଲେ । ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଲବଣ ସତ୍ୟାଗ୍ରହ, ଅସହଯୋଗ, ଅଗଷ୍ଟ ବିପ୍ଳବ ଓ ଭାରତଛାଡ ଆନ୍ଦୋଳନରେ ସାମିଲ ହୋଇ ସେ ଅନେକବାର କାରାବରଣ କରିଥିଲେ ।

୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା । ସେଦିନ ଗୋପବନ୍ଧୁ ଚୌଧୁରୀ ଅନୁଭବ କଲେ ଯେ, ଏ ସ୍ୱରାଜ ଗାନ୍ଧିଜୀଙ୍କ ପରିକଳ୍ପିତ ସ୍ୱରାଜ ନୁହେଁ । ସେଥିପାଇଁ ସେ କ୍ଷମତା ରାଜନୀତିରୁ ଦୂରେଇ ଯାଇଥିଲେ । ଅର୍ଥନୈତିକ ସମତା ପ୍ରତିଷ୍ଠା ତାଙ୍କ ଜୀବନର ପରମ ମନ୍ତ୍ର ଥିଲା । ସମାଜରୁ କିପରି ଶୋଷଣ ହଟିବ, ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦୂରହେବ ସେଥି ନିମନ୍ତେ ସେ ନିରନ୍ତର ପ୍ରୟାସ ଜାରି ରଖିଥିଲେ । ଗରିବ, ନିଃସହାୟ ଜନତାଙ୍କ ପ୍ରତି ସେ ସର୍ବଦା ସମ୍ବେଦନଶୀଳ ଥିଲେ । ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେ କେବଳ ସେଇମାନଙ୍କ କଥା ଚିନ୍ତା କରୁଥିଲେ ଓ ନିଜ ଆଦର୍ଶରୁ କେବେବି ବିଚ୍ୟୁତ ହୋଇନଥିଲେ । ସେଥିପାଇଁ ସେ ଲୋକମୁଖରେ ଲୋକବନ୍ଧୁ ଭାବେ ସୁପରିଚିତ ଥିଲେ ତ କେହି କେହି ତାଙ୍କୁ ଓଡିଶାର ଗାନ୍ଧି ବୋଲି ମଧ୍ୟ କହୁଥିଲେ ।

କ୍ଷମତା ରାଜନୀତିରୁ ଦୂରେଇ ରହିଥିବା ଗୋପବନ୍ଧୁଙ୍କର କୌଣସି ଉପାଧି ବା ସମ୍ମାନ ପ୍ରତି ତିଳେମାତ୍ର ଆସକ୍ତି ନଥିଲା । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ । ୧୯୫୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ପିଏଚ୍.ଡି ଦେବାକୁ ନିଷ୍ପତ୍ତି କଲେ । ଏଥିପାଇଁ ସ୍ୱୀକୃତି ଦେବାକୁ କୁଳପତି ଡ. ପ୍ରାଣକୃଷ୍ଣ ପରିଜା ତାଙ୍କୁ ପତ୍ର ଲେଖିଲେ । ମାତ୍ର ଗୋପବନ୍ଧୁ ଉତ୍ତରରେ ଲେଖିଥିଲେ– ଯେତିକି ଉପାଧି ମୋ ସହିତ ଯୋଡା ହୋଇଛି ତାହା ଜନଗଣଙ୍କ ସଙ୍ଗେ ଏକାତ୍ମ ହେବାରେ ବାଧାସୃଷ୍ଟି କରୁଛି ବୋଲି ମୁଁ ମନେ କରୁଛି । ଏ ଉପାଧି ଯୋଡା ହେଲେ ମୁଁ ଲୋକମାନଙ୍କଠାରୁ ଆହୁରି ଦୂରେଇଯିବା ଆଶଙ୍କା ହେଉଥିଲା ମୁଁ ଏ ଉପାଧି ଗ୍ରହଣ କରିପାରିବି ନାହିଁ । ଆଜିର ଦୁନିଆରେ ଏପରି ତ୍ୟାଗୀ ମଣିଷ ସତରେ ବିରଳ ।

ଗୋପବନ୍ଧୁ ଚୌଧୁରୀ ଆଜି ଆମ ଗହଣରେ ନାହାନ୍ତି । ୧୯୫୮ ମସିହା ଏପ୍ରିଲ ୨୯ ତାରିଖରେ ତାଙ୍କର ଦେହାବସାନ ଘଟିଛି । ହେଲେ ସେ ଜୀଇଁ ରହିଛନ୍ତି ଓ ଜୀଇଁ ରହିଥିବେ କାଳକାଳକୁ । ସେଇଥିପାଇଁ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶକରି ଭାରତର ତତ୍କାଳୀନ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ଶୋକବାର୍ତ୍ତାରେ ଲେଖିଥିଲେ – ତାଙ୍କୁ ହରାଇ ଦେଶ ବିଶେଷକରି ଓଡିଶା ଜଣେ ଏପରି ନିଷ୍ଠାପର ସେବକଙ୍କୁ ହରାଇଲା, ଯେ କେବଳ ଦୀନତମ, ଦରିଦ୍ରତମର ସେବା ପାଇଁ ବ୍ୟାକୁଳ ଥିଲେ । ସେ କେବଳ ନିଜେ ସେବାରେ ଲାଗିନଥିଲେ-ନିଜର ପରିବାରକୁ ଦେଶସେବାରେ ଆତ୍ମ ନିୟୋଗ କରିବାକୁ ଉଦ୍‌ବୁଦ୍ଧ କରିଥିଲେ ।

ଜଗତସିଂହପୁର
ମୋ-୯୯୩୭୧୫୧୦୫୨

## ସଙ୍କଳ୍ପ

ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।
ଦେଶର ସ୍ୱରାଜ୍ୟ ପଥେ
ଯେତେ ଗାଡ଼, ପୂରୁ ତହିଁ ପଡ଼ି
ମୋର ମାଂସ ହାଡ଼ ।
ଗୋପବନ୍ଧୁ ଦାସ



ୱାର୍ଡ-ନଂ-୭ରେ ନିର୍ବାଚନ ପ୍ରଚାର କରୁଛନ୍ତି
ବିଜେପି ଉତ୍ତର ଭୁବନେଶ୍ୱର ବିଧାୟକ ପ୍ରାର୍ଥୀ ପ୍ରୀୟଦର୍ଶୀ ମିଶ୍ର

# ରାଇସୁଙ୍ଗୁଡା ବିଜେପି ମଣ୍ଡଳ ସଭାପତି ବିଜେଡିରେ ସାମିଲ

ସାଲେପୁର,(ସବ୍ୟୁ) : ରାଇସୁଙ୍ଗୁଡା ବିଜେପି ମଣ୍ଡଳ ସଭାପତି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦାନ କରିଛନ୍ତି । ରାଇସୁଙ୍ଗୁଡା ଶନି ପଡିଆ ଠାରେ ଆୟୋଜିତ ବିଜେଡ଼ି ଯୁବ ଛାତ୍ର ସମାବେଶରେ ମୁଖ୍ୟ ଅତିଥି କେନ୍ଦ୍ରାପଡା ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ବିଜେପିର ସାମାଜିକ ଗଣମାଧମ ମୁଖ୍ୟ କଟକ ଜିଲ୍ଲା ତଥା ରାଇସୁଙ୍ଗୁଡା ମଣ୍ଡଳ ସଭାପତି ନୟନାଭିରାମ ବିଭୂତି ଭୂଷଣ ଭାନୁପ୍ରକାଶଙ୍କୁ ଦଳିଅ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ବିକାଶ ଧାରା ଏବଂ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଭୂତି ଭୂଷଣ ଭାନୁପ୍ରକାଶ ବିଜେଡ଼ିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି । ଆମ୍ବା ସଭାପତି ଦିଲ୍ଲୀପ ଦାଶ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ବ୍ଲକ ବିଜେଡି କାର୍ଯ୍ୟ କାରିଣୀ ସଭାପତି ନାରାୟଣ ପତି,କଟକ ଜିଲ୍ଲା ସମ୍ପାଦକ ବିରଞ୍ଚି ନାରାୟଣ କର, ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜିତ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ ଦାଶ ନୟନାଭିରାମ ବିଭୂତିଭୂଷଣ ଭାନୁପ୍ରକାଶ ବିଜୁ ଜନତା ଦଳରେ ସାମିଲ ହେବା ଦ୍ୱାରା ବିଜେଡି ସଙ୍ଗଠନ ଆହୁରି ସୁଦୃଢ ହେବ ବୋଲି ପ୍ରକାଶ କରିଛନ୍ତି ।

# ଜିଲ୍ଲା ପ୍ରଭାରୀ ଜ୍ୟୋସ୍ନାରାଣୀଙ୍କ ପ୍ରଚାର ଅଭିଯାନ

କେନ୍ଦ୍ରାପଡ଼ା (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ବିଜେପି ଲୋକସଭା ପ୍ରଭାରୀ ଡ଼ଃ ଜ୍ୟୋସ୍ନାରାଣୀ ଜେନା ନିର୍ବାଚନ ପ୍ରଚାର ଅଭିଯାନ କୁ ତୀବ୍ର କରି ଦେଇଛନ୍ତି । ଲୋକସଭା ପ୍ରଭାରୀ ଭାବେ ଦଳ ପକ୍ଷରୁ ଦାୟିତ୍ୱ ମିଳିବା ପରେ ସକ୍ରୀୟ ଭାବେ ବିଭିନ୍ନ ଅଂଚଳରେ ଭୋଟର ମାନଙ୍କୁ ସାକ୍ଷାତ କରି ବିଜେପି ସପକ୍ଷରେ ପଦ୍ମଫୁଲ ରେ ଭୋଟ ଦେବାପାଇଁ ଭୋଟର ମାନଙ୍କୁ ପ୍ରଭାବିତ କରୁଥିବା ଦେଖିବାକୁ ମିଳିଛି । ଜିଲ୍ଲା ପରିଷଦ ର ୮ନଂ ଜୋନର ସଭ୍ୟା ଭାବେ ଦୀର୍ଘଦିନ ରୁ କାର୍ଯ୍ୟ କରି ହାସଲ କରିଥିବା ଲୋକପ୍ରିୟତା କୁ ପାଥେୟ କରି ଭୋଟର ମାନଙ୍କ ନିକଟରେ ପହଁଚି କେନ୍ଦ୍ର ନରେନ୍ଦ୍ର ମୋଦୀ ସରକାରଙ୍କ ଆର୍ଥିକ ବିକାଶ, ରାଷ୍ଟ୍ରୀୟ ଆଇନ ଶରଙ୍ଖଳା ପରିସ୍ଥିତି, ସଫଳ ବିଦେଶ ନିତି ତଥା ଦେଶକୁ ବିଶ୍ୱର ୫ମ ଆର୍ଥିକ ଶକ୍ତିଭାବେ ଠିଆ କରାଇବାରେ ଆନ୍ତରିକ ଉଦ୍ୟମ ତଥା ଜାତୀୟ ସମସ୍ୟା ସମାଧାନ ରେ ବଳିଷ୍ଠ ପଦକ୍ଷେପ ଯୋଗୁଁ ଆମ ଦେଶ ବୀଶ୍ୱର ଏକ ପ୍ରମୁଖ ରାଷ୍ଟ୍ରଭାବେ ନରେନ୍ଦ୍ରମୋଦୀଙ୍କ ନେତୃତ୍ୱରେ ଆଗଉ ଥିବାରୁ ତାଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ଓ ଦଳର ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାୟକ ଭାବେ ଗୀତାଳୀ ସେଠୀଙ୍କୁ ପଦ୍ମଫୁଲ ରେ ଭୋଟ ଦେଇ ନିର୍ବାଚିତ କରେଇବା ପାଇଁ ନିବେଦନ କରୁଛନ୍ତି ।

# ଗର୍ଲଫ୍ରେଣ୍ଡ ପାଇଁ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ

## ରାହୁଲ ରିମାଣ୍ଡ ଶେଷ, ଏନ୍‌ସିବି ସହଯୋଗ ନିଆଯିବ

ଭୁବନେଶ୍ୱର, (ସବ୍ୟୁ) : ଝାରପଡ଼ା ସ୍ୱତନ୍ତ୍ର କାରାଗାର ସାମ୍ନାରୁ ଗିରଫ ହୋଇଥିବା ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ ରାହୁଲ ସେଠୀର ତିନିଦିନିଆ ରିମାଣ୍ଡ ସୋମବାର ଶେଷ ହେବାରୁ ତାକୁ କୋର୍ଟଚାଲାଣ କରାଯାଇଛି । କମିଶନରେଟ୍ ପୋଲିସ ସ୍ପେସିଆଲ କ୍ରାଇମ୍ ୟୁନିଟ୍ ରିମାଣ୍ଡରେ ଆଣି ରାହୁଲ ଠାରୁ ଗଞ୍ଜେଇ ଚାଲାଣର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛି । ମୁଖ୍ୟତଃ ଗର୍ଲଫ୍ରେଣ୍ଡମାନଙ୍କ ପାଇଁ ରାହୁଲ ଏହି ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ କରି ସେମାନଙ୍କ ପିଛାରେ ଖର୍ଚ୍ଚ କରୁଥିବା ରିମାଣ୍ଡ ଜେରା ବେଳେ କହିଛି । ଆବଶ୍ୟକ ହେଲେ ଏନ୍‌ସିବି ସହଯୋଗ ନିଆଯିବ ବୋଲି ପୋଲିସ କହିଛି ।

ରାହୁଲ ଘର ମୟୂରଭଞ୍ଜ ବାଙ୍ଗିରିପୋଷି ହୋଇଥିବାବେଳେ ସେ ପୁରୁଣାଗାଡ଼ିକୁ ମଡିଫାଏ କରି ସ୍ୱତନ୍ତ୍ର ଚ୍ୟାମ୍ବର ତିଆରି କରିବା ପରେ ସେଥିରେ ଆନ୍ତଃରାଜ୍ୟ ଗଞ୍ଜେଇ କାରବାର କରୁଥିଲା । ମୁମ୍ବାଇ ଡ୍ୟାନ୍ସ ବାର୍‌ରେ ମାଲକାନଗିରି ଚିତ୍ରକୋଣ୍ଡା ଗଞ୍ଜେଇର ପ୍ରବଳ ଚାହିଦା । ବିହାର,



ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ମଧ୍ୟ ରାହୁଲ ଗ୍ୟାଙ୍ଗ୍ ଗଞ୍ଜେଇ ଚାଲାଣ କରନ୍ତି । ରାହୁଲ କହିବାନୁଯାୟୀ, ତା' ଗ୍ୟାଙ୍ଗ୍‌ରେ ୪ ଜଣ ସଦସ୍ୟ ଅଛନ୍ତି । ଫେବ୍ରୁଆରୀ ୧୧ ତାରିଖ ଦିନ ପିତାପଲ୍ଲୀରୁ ପାହାଡ଼ ମଧ୍ୟରେ ସ୍ପେସିଆଲ କ୍ରାଇମ୍ ୟୁନିଟ୍ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିବା ସହ ୨ଟି କାର୍ ଓ ପୁରୁଣା ମଡିଫାଏ ଗାଡ଼ି ଜବତ କରିବା ସହ ସେଥିରୁ କୋଲ୍‌କାତା ଚାଲାଣ ହେଉଥିବା ୩ କୁଇଣ୍ଟାଲ୍ ଗଞ୍ଜେଇ ଜବତ କରିଥିଲା । ସେହିଦିନ ଗିରଫ ହୋଇ ଜେଲ୍‌ରେ ଥିବା ୩ଜଣ ହେଲେ ରାଜେଶ୍ ଦାସ, ରବିଶଙ୍କର ଦାସ, ଲ କିଶୋର ପ୍ରସାଦ ସହଦେବ ।

ଏହି ୩ ଜଣଙ୍କୁ ଦେଖା କରିବାକୁ ଝାରପଡ଼ା ଜେଲ୍‌କୁ ରାହୁଲ ଆସିଥିବାବେଳେ ସ୍ପେସିଆଲ୍ କ୍ରାଇମ୍ ୟୁନିଟ୍ ତାକୁ ଗିରଫ କରିଥିଲା । ଅଧିକ ତଦନ୍ତ ପାଇଁ ୨୭ ତାରିଖ ଦିନ ତିନିଦିନିଆ ରିମାଣ୍ଡରେ ଆଣି ଜେରା କରିବା ପରେ ଏହିସବୁ ରହସ୍ୟ ଜଣାପଡ଼ିଛି । ସେ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ କରୁଥିବାରୁ ଏନ୍‌ସିବି ସହାୟତା ନିଆଯିବ ବୋଲି ପୋଲିସ କହିଛି । ମୁଖ୍ୟତଃ ମୁମ୍ବାଇ ଡ୍ୟାନ୍ସ ବାର୍‌ରେ ମାଲ୍‌କାନଗିରି ଚିତ୍ରକୋଣ୍ଡା ଗଞ୍ଜେଇର ଦାମ୍ ଅଧିକ । ଜେରାବେଳେ ରାହୁଲ ତଦନ୍ତକାରୀ ଟିମ୍‌କୁ ଗର୍ଲଫ୍ରେଣ୍ଡଙ୍କ ସମ୍ପର୍କରେ ସ୍ପଷ୍ଟ ଭାବେ କହିଥିବା ସିପିଙ୍କ ପିଆର୍‌ଓ କହିଛନ୍ତି ।

# ବନ୍ଧୁ ମିଳନ ଆଳରେ ଶକ୍ତି ପ୍ରଦର୍ଶନ କଲେ ପ୍ରକାଶ

କଟକ (ସବ୍ୟୁ)ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ଆଜି ବନ୍ଧୁ ମିଳନ ଆଳରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ବାଲିଯାତ୍ରା ପଡିଆ ରେ ଆୟୋଜିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ରେ ତାଙ୍କ ପ୍ରତିପକ୍ଷ ଙ୍କୁ କଡା ଜବାବ ଦେଇ ପ୍ରକାଶ କହିଛନ୍ତି ଯେ ବିଜେଡି ର କ୍ଷମତା କଣ ଏ ରାଜ୍ୟ ବାସୀ ଗତ ପ୍ରାୟ ୨୫ ବର୍ଷ ଧରି ଦେଖି ଆସୁଛନ୍ତି । ଆଗାମୀ ୫ ବର୍ଷ ମଧ ଏ ରାଜ୍ୟବାସୀ ଦେଖିବେ । ରେବିଜେଡ଼ିରେ ସାମିଲ୍‌ହୋଇଥିବା ଯେଉଁ ବାରବାଟୀ ବିଜେଡି ହାତରୁ ଥରେ ଚାଲି ଯାଇଥିଲା




ଆଜି ପୁଣି ସେଇ ବାରବାଟୀକୁ କଟକ ସହରବାସୀ ବିପୁଳ ଭୋଟରେ ଜିତାଇ ବିଜେଡି ତଥା ମୁଖ୍ୟମନ୍ତ୍ରୀ ଙ୍କ ପ୍ରତି ଥିବା ଭଲ ପାଇବାକୁ ପ୍ରମାଣ କରି ଦେଖାଇବେବୋଲି ବିରୋଧୀ ଯେଉଁ ଉତ୍ସାହିତ ହେଉଛନ୍ତି ନିର୍ବାଚନ ପରେ ସେମାନେ ମୁହଁ ଦେଖାଇବାକୁ ସହରେ ନ ଥିବେ । ଏହି କାର୍ଯ୍ୟକ୍ରମ ରେ ବିଜେଡି ର ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ କନିଷ୍କ ଜେନା, ଜିଲ୍ଲା ସଭାପତି ସ୍ମୃତି ରଞ୍ଜନ ନାୟକ, ରାଜ୍ୟ ସମ୍ପାଦକ ଶିଶିର ପରିଜା, ମନୋଜ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ସକିଲ, ରାଜକିଶୋର ସାମଲ, ଶତ୍ରୁଜିତ ମିଶ୍ର, ସୟଦ ମହମ୍ମଦ, ମହମ୍ମଦ କାଦିର, ଅବଦୁଲ କରିମ, ମିତାଲି ଭଞ୍ଜ, ଅରବିନ୍ଦ ପର୍ତ୍ତି, ଗୌରାଙ୍ଗ ବେହେରା, ସାଞ୍ଜୟ ବେହେରା, ଅବଦୁଲ ଫୟାଜ, ବାପୁବେହେ ସେଠି ପ୍ରମୁଖ ଉପସ୍ଥିତ ଥିଲେ ।

# କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଓ ବିଧାୟକ ମୋକିମଙ୍କ ନିର୍ବାଚନ ପ୍ରଚାର ଆରମ୍ଭ



କଟକ (ସବ୍ୟୁ): ବାରବାଟୀ - କଟକ ବିଧାନସଭା ପାଇଁ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ସୋଫିଆ ଫିର୍ଦୋଷ ଙ୍କୁ ପ୍ରାର୍ଥିନୀ ଭାବେ ନିର୍ବାଚନ ଲଢିବା ନିମନ୍ତେ ଦଳ ଘୋଷଣା କରିବା ପରେ ଆଜି ପୂର୍ବାହ୍ନରେ ବିଧାୟକ ତଥା ତାଙ୍କର ପିତା ମହମ୍ମଦ ମୋକିମଙ୍କ ସହିତ କଟକ ସହରର ୱାର୍ଡ ନଂ-୮ ଅଞ୍ଚଳର ମଠ ସାହି, ଚହଟା ନଗର, ବାଉରୀ ସାହି, ତୁଳସୀପୁର ଆଦି ଅଞ୍ଚଳ ଘରକୁ ଘର ବୁଲି ଭୋଟରଙ୍କୁ ଭେଟିବାର ଶୁଭାରମ୍ଭ କରିଛନ୍ତି । ୱାର୍ଡ ଅଞ୍ଚଳର ବିଭିନ୍ନ ପୂଜା କମିଟି ମୁରବିମାନେ ବିଧାୟକ ମୋକିମଙ୍କୁ ସ୍ୱାଗତ ଜଣାଇବା ସହ ସୋଫିଆ ଫିର୍ଦୋଷଙ୍କୁ ଆଶୀର୍ବାଦ ଦେଇଥିଲେ । ଜନସାଧାରଣଙ୍କ ପ୍ରବଳ ସ୍ନେହ ଶ୍ରଦ୍ଧା ଓ ସମର୍ଥନ ପାଇଁ ସେ ଅଭିଭୂତ ହୋଇଯାଇଥିଲେ । ଯୁବ ନେତୃକୁ ଦଳ ଗୁରୁ ଦେଇ ତାଙ୍କୁ କଟକ ସହରର ପ୍ରାର୍ଥିନୀ କରି ଥିବାରୁ ସେ କଟକ ସହରର ମୌଳିକ ସମସ୍ୟା ପ୍ରତି ଯତ୍ନବାନ ହେବା ସହିତ ଯୁବକ, ମହିଳାଙ୍କର ବିକାଶ ପାଇଁ ଗୁରୁ ଦେବେ ବୋଲି ଭୋଟରଙ୍କୁ ପ୍ରତିଶୃତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, କେଦାର ପୃଷ୍ଟି, ଅଜିତ ବେହେରା, ରଞ୍ଜିତ ନାୟକ, ତୃପ୍ତି ଦାସ, ରାଜେନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ପଣ୍ଡା, ଏସ କେ ରଥ, ବାପି ସାହୁ, ରାଜେନ୍ଦ୍ର ବେହେରା, ମଳୟ ନାୟକ,ସୂର୍ଯ୍ୟକାନ୍ତ ରାଉତ, ଶରତ ଚନ୍ଦ୍ର ଶେଠୀ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପାତ୍ର, ବିକ୍ରମ ବିଶ୍ୱାଳ, ଦେବେନ୍ଦ୍ର ଶେଠୀ, ଶୟଦ ରମଜାନ ଅଲ୍ଲୀ, ସେକ ଗୁଲାମମୋଇଦ୍ଦିନ, ରାକେଶ ମହାରଣା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# କୋରାଇ ଆମ ଆଦମୀ ପାର୍ଟିର କର୍ମକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବ

ପାଣିକୋଇଲି ,(ସବ୍ୟୁ) : ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କୋରାଇ ଆମ ଆଦମୀ ପାର୍ଟିର କର୍ମକର୍ତା ସମ୍ମିଳନୀ ତଥା ମିଶ୍ରଣ ପର୍ବ ପାଣିକୋଇଲି ପଂଚାୟତ ଅନ୍ତର୍ଗତ ଶନି ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଥିଲା। ପାର୍ଟିର ବ୍ଲକ ସଭାପତି ବାସୁ ବିଶୋର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ପାର୍ଟିର ଆଶାୟୀ ବିଧାୟକ ପ୍ରାର୍ଥୀ ତ୍ରିନୟନ ରଥ ଯୋଗଦେଇଥଲେ। ପ୍ରାରମ୍ଭରେ କୋରାଇ ଆପର ଦିବଂଗତ ନେତା ସ୍ୱର୍ଗତ ଧରଣୀଧର ଘଡ଼ାଇଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଆପର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ କେନ୍ଦ୍ରର ବିଜେପି ସରକାର ଯେଉଁଭଳି ଭାବେ ବେଆଇନ ଭାବେ ଜେଲରେ ରଖି ମାନସିକ ନିର୍ଯ୍ୟାତନା ଦେଉଛନ୍ତି ସେ ଉପରେ ସମସ୍ତ କର୍ମୀ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଆଗାମୀ ସାଧାରଣ ନିର୍ବାଚନରେ କିପରି ଦଳ ନିଜକୁ ପ୍ରସ୍ତୁତ କରିବ ସେ ନେଇ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ବ୍ୟାସନଗର ପୌରପରିଷଦର ପୁର୍ବତନ କାଉନସିଲର ସମାଜସେବୀ ରାଜେନ୍ଦ୍ର କୁମାର ବିଶ୍ୱାଳ ପାର୍ଟୀରେ ଯୋଗ ଦେଇଥିଲେ। ବୈଠକରେ ପାର୍ଟିର ଗୋଳେଇପୁର ପଂଚାୟତ ସଭାପତି ମହେନ୍ଦ୍ର ମହାପାତ୍ର.ତୁଳତୀ ପଂଚାୟତ ସଭାପତି କାର୍ତିକ ସେନାପତି, ପଥରପଦା ପଂଚାୟତ ସଭାପତି କମଳାକାନ୍ତ ମହାରଣା , ସାଦକପୁର ପଂଚାୟତ ସଭାପତି ସେକ ଜାହିର, ଅମୃତିଆ ପଂଚାୟତ ସଭାପତି ଶ୍ୟାମ ସୁନ୍ଦର ଦାସ, ମୁଳାପାଳ ପଂଚାୟତ ସଭାପତି କାର୍ତିକ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପାଣିକୋଇଲି ପଂଚାୟତ ସଭାପତି କୈଳାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ରିଅଲ୍‌ମି ନାରଜୋ ୭୦ଏକ୍ସ ୫ଜି ଓ ରିଅଲ୍‌ମି ନାରଜୋ ୭୦ ୫ଜିର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଅଗ୍ରଣୀ ସ୍ମାର୍ଟଫୋନ୍ ସେବା ପ୍ରଦାନକାରୀ, ରିଅଲ୍‌ମି ପକ୍ଷରୁ ରିଅଲ୍‌ମି ନାର୍‌ଜୋ ଶୃଙ୍ଖଳାରେ ରିଅଲ୍‌ମି ନାର୍‌ଜୋ ୭୦ ସିରିଜ ୫ଜିର ଶୁଭାରମ୍ଭ କରାଯାଇଛି। ଏହି ସିରିଜରେ ଦୁଇଟି ଅତ୍ୟାଧୁନିକ ସ୍ମାର୍ଟଫୋନ୍ : ରିଅଲ୍‌ମି ନାରଜୋ ୭୦ଏକ୍ସ ୫ଜି ଓ ରିଅଲ୍‌ମି ନାରଜୋ ୭୦ ୫ଜି ରହିଛି । ରିଅଲ୍‌ମି ନାରଜୋ ସିରିଜ ସ୍ୱତନ୍ତ୍ର ଭାବେ ଆମାଜନ ଡଟ୍ ଇନରେ ଉପଲବ୍ଧ ହେଉଛି ଏବଂ ରିଅଲ୍‌ମି ଡୁଆଲ-ପ୍ଲାଟ୍‌ଫର୍ମ ସହ ସମା'ରାଳ ଭାବେ ରିଅଲ୍‌ମି ପକ୍ଷରୁ ମାର୍ଚ୍ଚ ୨୦୨୩ରେ ଆମାଜନରେ ପ୍ରଥମ ଅନ୍‌ଲାଇନ ଷ୍ଟୋର୍‌ର ଶୁଭାରମ୍ଭ କରାଯାଇଥିଲା । ରିଅଲ୍‌ମି ନାରଜୋ ୭୦ଏକ୍ସ ୫ଜି ମାତ୍ର ୧୧୯୯୯ ଟଙ୍କାରେ ୪ଜିବି୧୨୮ଜିବି ଭାରିଆଂଟ୍ ଏବଂ ମାତ୍ର ୧୩୪୯୯ ଟଙ୍କାରେ ୬ଜିବି୧୨୮ଜିବି ଭାରିଆଂଟ୍‌ରେ ଆସୁଛି। ରିଅଲ୍‌ମି ନାର୍‌ଜୋ ୭୦ ୫ଜି ଦୁଇଟି ଆକର୍ଷଣୀୟ ରଙ୍ଗ ମିଷ୍ଟି ଫରେଷ୍ଟ ଗ୍ରୀନ ଓ ସ୍ନୋ ମାଉଂଟେନ ବ୍ଲୁରେ ମାତ୍ର ୧୫୯୯୯ ଟଙ୍କା ମୂଲ୍ୟରେ ୬ଜିବି୧୨୮ଜିବି ଏବଂ ମାତ୍ର ୧୬୯୯୯ ଟଙ୍କାରେ ୮ଜିବି୧୨୮ଜିବି ଭାରିଆଂଟ୍‌ରେ ଆସୁଛି। ରିଅଲ୍‌ମି ନାରଜୋ ୭୦ଏକ୍ସ ୫ଜିରେ ଏକ ବୃହତ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ ଏବଂ ଏହା ୪୫ୱାଟ ସୁପରଭିଓଓସି ଚାର୍ଜକୁ ସପୋର୍ଟ କରୁଛି, ଯାହା ଶୀଘ୍ର ଚାର୍ଜିଂ ଓ ଦୀର୍ଘସ୍ଥାୟୀ ବ୍ୟାଟେରୀ ଲାଇଫ୍ ପାଇଁ ଅନୁମତି ଦେଉଛି। ୧୨୦ଏଚ୍‌ଜେଡ୍ ଅଲ୍‌ଟ୍ରା-ସ୍ମୁଥ ଡିସ୍‌ପ୍ଲେ, ସବୁଠାରୁ ପତଳା ୭.୬୯ ଏମ୍‌ଏମ୍ ଅଲ୍‌ଟ୍ରା-ସ୍ଲିମ ହରାଇଜନ ଡିଜାଇନ ଓ ୧୮୮ ଗ୍ରାମର ହାଲୁକା ବଡି ଦ୍ୱାରା ଉନ୍ନତ ହୋଇଛି। ଏହାର କେନ୍ଦ୍ରରେ ଏହି ସ୍ମାର୍ଟଫୋନ୍ ମିଡିଆଟେକ ଡାଇମେନ୍‌ସିଟି ୬୧୦୦ ୬ଏନ୍‌ଏମ୍ ୫ଜି ଚିପ୍‌ସେଟ୍ ଦ୍ୱାରା ପରିଚାଳିତ ଅଟେ ଯାହା ଉତ୍କୃଷ୍ଟ ପ୍ରଦର୍ଶନ ଓ ଅଧିକ ବ୍ୟବହାର ସମୟରେ ଉନ୍ନତ ଉତାପ ବିତରଣ ପାଇଁ ଏକ ଭିସି କୁଲିଂ ସିଷ୍ଟମ ସହ ଜଡିତ ରହିଛି। ରିଅଲ୍‌ମି ନାର୍‌ଜୋ ୭୦ଏକ୍ସ ୫ଜିରେ ୫୦ଏମ୍‌ପି ଏଆଇ କ୍ୟାମେରା ଓ ଏକ ୮ଏମ୍‌ପି ସେଲ୍‌ଫି କ୍ୟାମେରା ସହିତ ଦୁଇଟି ଆକର୍ଷଣୀୟ ରଙ୍ଗ ମିଷ୍ଟି ଫରେଷ୍ଟ ଗ୍ରୀନ ଓ ସ୍ନୋ ମାଉଂଟେନ୍ ବ୍ଲୁରେ ଉପଲବ୍ଧ ହେଉଛି ।

# ହିଣ୍ଡାଲକୋର ପ୍ରୋଜେକ୍ଟ ଜ୍ଞାନାର୍ଜନ

## ପ୍ରବେଶିକା ପରୀକ୍ଷା ନିମନ୍ତେ ଛାତ୍ର ଛାତ୍ରୀଙ୍କୁ ତାଲିମ

ଭୁବନେଶ୍ୱର (ସବ୍ୟୁ) : ଆଦିତ୍ୟ ବିର୍ଲା ଗ୍ରୁପର ହିଣ୍ଡାଲକୋ, ହୀରାକୁଦ ଓଡ଼ିଶାରେ 'ଜ୍ଞାନାର୍ଜନ ପ୍ରୋଜେକ୍ଟ' ଶୁଭାରମ୍ଭ କରିଛି। ମୂଳତଃ ପଞ୍ଚମ ଓ ଦଶମ ଛାତ୍ର ଛାତ୍ରୀଙ୍କୁ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନଗୁଡିକରେ ନାମ ଲେଖାଇବା ନିମନ୍ତେ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷାଗୁଡିକରେ ସଫଳତା ହାସଲ ଦିଗରେ ସମର୍ଥ କରାଇବାକୁ ବିଜ୍ଞାନ, ଗଣିତ ଏବଂ ଇଂରାଜୀ ଆଦି ଜଟିଳ ମନେ କରାଯାଉଥିବା ବିଷୟଗୁଡିକରେ ତାଲିମ ପ୍ରଦାନ କରୁଛି। ଏହା ସେମାନଙ୍କୁ ବିବିଧ ବୃତ୍ତିଗତ ଶିକ୍ଷା ପାଠ୍ୟକ୍ରମରେ ସମାନ ପ୍ରବେଶିକା ପରୀକ୍ଷାରେ ଉତ୍ତର ଦେବା ନିମନ୍ତେ ପୂର୍ଣ୍ଣ ପ୍ରସ୍ତୁତ କରିବା ଲକ୍ଷ୍ୟ ରଖିଛି । ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ବୁର୍ଲାର ଆଲୋକ ସହିତ ସହଯୋଗିତାରେ



'ଜ୍ଞାନାର୍ଜନ' ସାଇ ୱାର୍ଲଡ ସ୍କୁଲ, ହୀରାକୁଦ ଏବଂ ସରକାରୀ ନୋଡାଲ ହାଇସ୍କୁଲ, ମହମ୍ମଦପୁର ଠାରେ ନିଜର ଶିକ୍ଷା କେନ୍ଦ୍ର ସ୍ଥାପନ କରିଛି। ବଞ୍ଚିତ ବର୍ଗର ଅଧିକାଂଶ ଛାତ୍ର ଛାତ୍ରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ନବୋଦୟ ବିଦ୍ୟାଳୟ ଆଦି ଭଳି ସୁପ୍ରସିଦ୍ଧ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାର ଆକାଂକ୍ଷା ରଖୁଛନ୍ତି । ଜ୍ଞାନାର୍ଜନ ସେମାନଙ୍କୁ ଏହିଭଳି ବିଦ୍ୟାଳୟଗୁଡିକର ପ୍ରବେଶିକା ପରୀକ୍ଷା ନିମନ୍ତେ ଆବଶ୍ୟକ ଜ୍ଞାନ ଓ କୁଶଳତାରେ ସଜ୍ଜିତ କରୁଛି। ପ୍ରାରମ୍ଭରେ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପାଇଁ ଅତିରିକ୍ତ କୋଚିଂ କ୍ଲାସ ଯୋଗାଇ ଦିଆଯାଉଥିବା ବେଳେ ଏହା ସମ୍ପ୍ରତି ପଞ୍ଚମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ମଧ୍ୟ ଏଥିରେ ସାମିଲ କରିଛି। ସେମାନଙ୍କୁ ଆଦ୍ୟ ପର୍ଯ୍ୟାୟରେ ଉଚ୍ଚରୁ ଉଚ୍ଚତର ସୋପାନକୁ ଉଠିବା ସକାଶେ ଏହା ସେମାନଙ୍କୁ ପ୍ରସ୍ତୁତ କରୁଛି। ଏହାର ପାଠ୍ୟକ୍ରମ ଅତ୍ୟନ୍ତ ଭଲ ଭାବରେ ଡିଜାଇନ କରାଯାଇଛି, ଯାହା ବିଜ୍ଞାନ, ସମାଜ ବିଜ୍ଞାନ, ଗଣିତ, ଇଂରାଜୀ ଏବଂ ଓଡ଼ିଆ ଭଳି ବିଷୟଗୁଡିକ ପରିଚାଳନା କରୁଛି।

# କେଏସବି ଲମିଟେଡ କ୍ୟୁ୧- ୨୦୨୪ରେ ନିଜର ଅଭିବୃଦ୍ଧି ଓ ସ୍ଥିରତାର ସଫଳତାକୁ ଦର୍ଶାଇଛି

ଭୁବନେଶ୍ୱର (ସବ୍ୟୁ): କେଏସବି ଲିମିଟେଡ ଯାହା ପମ୍ପ ଓ ଭାଲବ ଉତ୍ପାଦନରେ ଅଭିଜ୍ଞ ଓ ଏହାର କାର୍ଯ୍ୟରେ ଉଭୟ ଅଭିବୃଦ୍ଧି ତଥା ସ୍ଥିରତା ପ୍ରଦର୍ଶନ କରିଆସିଛି। କମ୍ପାନି ତାର ସଫଳ କ୍ୟୁ ୧-୨୦୨୪ରେ ଫଳାଫଳରୁ ଏହି ସଫଳତା ଦର୍ଶାଇଛି। କ୍ୟୁ ୧-୨୦୨୪ର ବିକ୍ରୟ ରାଜସ୍ୱ ଥିଲା ଟ.୫୪୪.୨ କୋଟି ଯାହା ସଂପୃକ୍ତ ୨୦୨୩ ତୁଳନାରେ ୧୧.୨% ଅଧିକ ରହିଛି। ମହାରାଷ୍ଟ୍ର ଶକ୍ତି ବିକାଶ ଏଜେନସିରୁ ୨୫୦୦ ସୌର ଜଳ ପମ୍ପିଂ ପାଇଁ ଟ.୬୩ କୋଟିର ପିଏମ କୁସୁମ ୩ ସ୍କିମ ଅଧିନରେ ଏହା ପୁରସ୍କୃତ ହୋଇଛି। କେଏସବି ସାଉଦିରୁ ଟ.୧୧ କୋଟି ମୂଲ୍ୟର ଡିସାଲିନେଶନ ପ୍ରକଳ୍ପ ପାଇଁ ପ୍ରଥମ ଅର୍ଡର ପାଇଛି। ଏନର୍ଜି ସେଗମେଂଟ ହାଇଲାଇଟ ଅର୍ଡ଼ର ସହ ଟ.୫୦ କୋଟିର ଅର୍ଡ଼ର ଗ୍ରହଣ- ଜେନେରାଲ ଇଲେକ୍ଟ୍ରିକ ଠାରୁ ଟ.୪.୧ କୋଟି ଓ ହଳଦିଆ ପେଟ୍ରୋକେମିକାଲସ ଲିରୁ ଏଚଜି ପମ୍ପ ପାଇଁ ଟ.୫.୬ କୋଟି ଅର୍ଡ଼ର ପାଇଛି। ଆସେରେକ୍ସ ୨୦୨୪ରେ ସୁପ୍ରିମ ମୋଟର ଓ ପମ୍ପ ଡ୍ରାଇଭ ସହ କାଲିଓ ପ୍ରୋ ଓ ଇଟାଲିନ ଲଂଚ କରାଯାଇଛି। ଆୟୋଜିତ ୩୩ତମ ଅଲ ଇଣ୍ଡିଆ ଡିଲର କନଫରେନସ କୋଚି, କେରଳରେ ଗୋଟିଏ ଦଳ ଗୋଟିଏ ସ୍ୱପ୍ନ ପାଇଁ ପୁରସ୍କୃତ। ଇଏସଜି ନେତୃତ୍ୱ ସମାରୋହ ୨୦୨୪ରେ ଇଏସଜି ଚାମ୍ପିୟନ ଅଫ ଇଣ୍ଡିଆ ପରସ୍କାର ଲାଭ। ମୁମ୍ବାଇ ଓ ଜୟପୁରରେ କାର୍ଯ୍ୟାଳୟ ଉଦଘାଟିତ ଓ ଭୁବନେଶ୍ୱର ପାଇଁ ଏକ ନୂଆ କାର୍ଯ୍ୟାଳୟ ଖୋଲାଯାଇଛି ଯାହା ଆମର ଉତ୍ସର୍ଗୀକୃତତା ଓ ଅଭିବୃଦ୍ଧିକୁ ଦର୍ଶାଏ।

# ସମ୍ ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ମାଗଣା ମଧୁମେହ ଚିକିତ୍ସା ଓ ସଚେତନତା ଶିବିର

ଭୁବନେଶ୍ୱର (ସବ୍ୟୁ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ଏପ୍ରିଲ୍ ୨୮ ତାରିଖ ଦିନ ମଧୁମେହ ରୋଗୀଙ୍କ ନିମନ୍ତେ ଏକ ସମ୍ପୂର୍ଣ୍ଣ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ବ୍ରହ୍ମପୁର ଏବଂ ଏହାର ନିକଟବର୍ତ୍ତୀ ଅଂଚଳବାସୀଙ୍କ ନିମନ୍ତେ ଆୟୋଜିତ ଏହି ଚିକିତ୍ସା ଓ ସଚେତନତା ଶିବିରରେ ୧୫୦ ରୁ ଉର୍ଦ୍ଧ୍ୱ ପୁରୁଷ ଓ ସ୍ତ୍ରୀ ଯୋଗ ଦେଇଥିଲେ।

ରବିବାର ସକାଳ ୯ ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଏହି ଶିବିରରେ ଡାକ୍ତର ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ରୋଗୀମାନଙ୍କୁ ଚିକିତ୍ସା କରିବା ସହ ଖାଦ୍ୟ ଗ୍ରହଣ, ବ୍ୟାୟାମ ଏବଂ ସୁସ୍ଥ ଜୀବନ ଶୈଳୀ ବିଷୟରେ ପରାମର୍ଶ ଦେଇଥିଲେ । ଶିବିରକୁ ଆସିଥିବା ପ୍ରତ୍ୟେକ



ବ୍ୟକ୍ତିଙ୍କର ରକ୍ତ ନମୁନା ପରୀକ୍ଷା କରିବା ସହ ଆଖି ପରୀକ୍ଷା (ରେଟିନୋସ୍କୋପି), ରକ୍ତଚାପ ପରୀକ୍ଷା ଓ ଡାଇବେଟିସ୍‌ରେ ପାଦର ଯତ୍ନ ସମ୍ବନ୍ଧୀୟ ଚିକିତ୍ସା କରାଯାଇଥିଲା । ହସ୍ପିଟାଲ୍ ପକ୍ଷରୁ ଆଗାମୀ ୩ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ମାସର ଚତୁର୍ଥ ରବିବାର ଦିନ ମାଗଣା ମଧୁମେହ ଚିକିତ୍ସା ଶିବିରର ଆୟୋଜନ କରାଯିବ । ଏହି ଶିବିର ସକାଳ ୯ ରୁ ଦିନ ୧ ପର୍ଯ୍ୟନ୍ତ ଆୟୋଜନ ହେବ ।

ରବିବାର ଶିବିରରେ ରୋଗୀମାନଙ୍କର ଡାଇବେଟିସ୍ ସମ୍ପର୍କିତ ସଚେତନତା ଯେପରି କି ଏହି ରୋଗର ସମସ୍ୟା, ଜଟିଳତା ଓ ଏହି ରୋଗରେ ପୀଡ଼ିତ ଥିବା ବ୍ୟକ୍ତି ନିଜ ଜୀବନ ଶୈଳୀରେ କିଭଳି ପରିବର୍ତ୍ତନ ଆଣିପାରିବେ ଓ ପାଦର ଯତ୍ନ ନେଇପାରିବେ ସେ ନେଇ ପରାମର୍ଶ ଦିଆଯିବା ସହ ଯେଉଁମାନେ ଦୀର୍ଘ ବର୍ଷ ଧରି ମଧୁମେହ ସମସ୍ୟା ସମ୍ପର୍କରେ ଅବଗତ ନୁହଁନ୍ତି ସେମାନେ କିଭଳି ଏ ରୋଗ ସମ୍ପର୍କରେ ଅଧିକ ଜାଣିବେ ଓ ନିଜର ଚିକିତ୍ସା କରାଇବେ ସେ ସମ୍ପର୍କରେ ବିସ୍ତୃତ ଭାବେ ବିଶେଷଜ୍ଞମାନେ ବୁଝାଇ ଦେଇଥିଲେ । ଏଥି ସହିତ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ସିବିସି, ଏଚ୍‌ବିଏ୧ସି, ଏଫ୍‌ବିଏସ୍, ପିପିବିଏସ୍, କିଡ୍‌ନୀ ଫଙ୍କସନ୍ ଟେଷ୍ଟ, ଲିପିଡ ପ୍ରୋଫାଇଲ୍ (କୋଲେଷ୍ଟ୍ରାଲ୍ ଟେଷ୍ଟିଂ) ଓ ୟୁରିନ୍ ଆର୍/ଏମ୍ ଭଳି ସ୍ୱାସ୍ଥ୍ୟ ପରୀକ୍ଷାର ପ୍ୟାକେଜ୍‌ରେ ରିହାତି ଦିଆଯିବ ।

# ଭାରତ ବିକାଶ ପରିଷଦ ବାରବାଟି ଶାଖା ପକ୍ଷରୁ ରକ୍ତଦାନ ଶିବିର

କଟକ, (ସବ୍ୟୁ): ଭାରତ ବିକାଶ ପରିଷଦ ବାରବାଟି ଶାଖା କଟକ ଏବଂ ଓଡିଶା ସାମ୍ବାଦିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଦି ଲିଙ୍କ୍ ଚକ୍ଷୁ ଚିକିତ୍ସାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରତ ବିକାଶ ପରିଷଦ ବାରବାଟି ଶାଖା କଟକର ପ୍ରତିଷ୍ଠାତା ତଥା ସଭାପତି ରୋଟାରିଆନ୍ ଆଲୋକ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ସମାଜସେବୀ ତଥା ଯୋଗଗୁରୁ ଶ୍ୟାମ ସୁନ୍ଦର ସାହୁ, ଓଜାର ସଭାପତି ମୁକୁନ୍ଦ କୁମାର ସିହ୍ନା, ସେଣ୍ଟ୍ରାଲ୍ ରେଡକ୍ରସ୍‌ର ଡଃ କନକଲତା ଦେଇ, ଓଡିଶା ୟୁଥ୍ ରେଡକ୍ରସ୍ ଆଲୁମୁନୀର ପ୍ରେସିଡେଣ୍ଟ ସିଧାର୍ଥ ମହାନ୍ତି ଏବଂ ଭାରତ ବିକାଶ ପରିଷଦର ରକ୍ତଦାନ ସଂଯୋଜିକା ପୂର୍ଣ୍ଣବାସୀ




ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ନିଜେ ନିଜର ବକ୍ତବ୍ୟ ରଖିଥିଲେ । ଭାରତ ବିକାଶ ପରିଷଦର ସଭ୍ୟସଭ୍ୟାମାନଙ୍କ ଦ୍ୱାରା ଏକ ଆନେମିଆମୁକ୍ତ ଭାରତ ଗଠନ ପାଇଁ ସମସ୍ତେ ସଙ୍କଳ୍ପ ନେଇଥିଲେ । ମହିଳାମାନଙ୍କର ରକ୍ତ ହିନତା ଏବଂ ରକ୍ତର ଆବଶ୍ୟକତା ବିଷୟରେ ଆଲୋଚନା କରାଯାଇଥିଲା । ଏହି ଶିବିରରେ ୪୦ଜଣ ବ୍ୟକ୍ତି ରକ୍ତଦାନ କରିଥିଲେ । ଶେଷରେ ରୋଟାରିଆନ୍ ଆଲୋକ କୁମାର ସାହୁ ଅନୁଷ୍ଠାନ ମାଧ୍ୟମରେ ବର୍ଷ ତମାମ ବିଭିନ୍ନ ଜନସେବା ମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଥିଲେ । ଏଥିରେ ଲିଙ୍କ ଚକ୍ଷୁ ଚିକିତ୍ସାଳୟର କର୍ମକର୍ତ୍ତାଙ୍କ ସମେତ ସମସ୍ତ ଅନୁଷ୍ଠାନର କର୍ମକର୍ତ୍ତାମାନେ ସାମିଲ୍ ଥିଲେ।

# ଭୁବନେଶ୍ୱରରେ ପହଞ୍ଚିଲା ଏମଜିର ସ୍ମାର୍ଟ ଓ ସଷ୍ଟେନେବୁଲ କୋମେଟ ଓ ଜେଡଏସ ଇଭି ଡ୍ରାଇଭ

ଭୁବନେଶ୍ୱର (ସବ୍ୟୁ): ୧୭ରୁ ଅଧିକ ରାଜ୍ୟକୁ କଭର୍ କରିବା ପରେ ସ୍ମାର୍ଟ ଓ ସଷ୍ଟେନେବୁଲ ଏମ୍‌ଜି କୋମେଟ ଇଭି ଓ ଜେଡ୍‌ଏସ୍ ଇଭି ଡ୍ରାଇଭ୍ ଭୁବନେଶ୍ୱରରେ ପହଞ୍ଚିଛି । ଏମ୍‌ଜି ମୋଟର ଇଣ୍ଡିଆ ୧୯.୯୮ ଲକ୍ଷ ଟଙ୍କାର ଏକ ଆକର୍ଷଣୀୟ ମୂଲ୍ୟରେ ଡୁଆଲ ପାନୋରାମିକ ସ୍କାଏ ରୁଫ୍ ସହିତ ଏହାର ଫ୍ଲାଗ୍‌ସିପ ଇଭି- ଏମ୍‌ଜି ଜେଡ୍‌ଏସ୍‌ର ଏକ ନୂଆ ଭାରିଆଂଟ୍ 'ଏକ୍ସାଇଟ ପ୍ରୋ' ଏବଂ ଫାଷ୍ଟ ଚାର୍ଜିଙ୍ଗ ବିକଳ୍ପ ସହିତ ଏମ୍‌ଜି କୋମେଟ୍ ନେଇଆଣି ଇଭିଗୁଡିକ ପ୍ରତି ନିଜର ପ୍ରତିବଦ୍ଧତାକୁ ରେଖାଙ୍କିତ କରିଛି । ସ୍ମାର୍ଟ ଇଭି- ଏମ୍‌ଜି କୋମେଟ୍‌ର ରେ ୬.୯୮ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି ଏବଂ ଏହା ୫ଟି ଭିନ୍ନ ଭିନ୍ନ ଭାରିଆଂଟ୍ ଯଥା ଏକ୍ସକ୍ଲୁସିଭ, ଏକ୍ସକ୍ଲୁସିଭ ଏଫ୍‌ସି, ଏକ୍ସାଇଟ୍, ଏକ୍ସାଇଟ୍ ଏଫ୍‌ସି ଓ ଏକ୍‌ଜିକ୍ୟୁଟିଭ୍ ଆଦିରେ ଉପଲବ୍ଧ ହେଉଛି ।

କୋମେଟ ଇଭିର ବ୍ୟବହାରିକ ଓ ସ୍ମାର୍ଟ ଡିଜାଇନ (ଭିତରେ ବଡ ଓ ବାହାରେ କମ୍ପାକ୍ଟ), ଏହାକୁ ଚାଳନା, ନିୟନ୍ତ୍ରଣ ଓ ଗହଳିପୂର୍ଣ୍ଣ ସ୍ଥାନଗୁଡିକର ପାର୍କ କରିବାକୁ ସହଜ କରୁଛି, ଯାହା ଏହାକୁ ଏକ ଉପଯୁକ୍ତ ସିଟି କାର୍‌ରେ ପରିଣତ କରୁଛି। ଏହା ଆଇ-ସ୍ମାର୍ଟ ଇନ୍‌ଫୋଟେନ୍‌ମେଂଟ୍ ସହିତ ସୁସଜ୍ଜିତ



ହୋଇଆସୁଛି, ଯାହା ୫୫ରୁ ଅଧିକ କନେକ୍ଟେଡ ଫିଚର ପ୍ରଦାନ କରୁଛି ଯେଉଁଥିରେ ଏସି ଷ୍ଟାର୍ଟ, ଲକ୍, ଅନ୍‌ଲକ୍ ଓ ଷ୍ଟାଟସ ଚେକ୍ ଭଳି ରିମୋଟ ଭେଇକିଲ ଫଙ୍କଶନ ସମେତ ଲାଇଭ ଲୋକେଶନ ସେୟାରିଂ ଓ ଟ୍ରାକିଙ୍ଗ୍ ଆଦି ସାମିଲ ରହିଛି। ଏହା ଇଭିକୁ ନିୟନ୍ତ୍ରଣ କରିବା ପାଇଁ ୧୦୦ରୁ ଅଧିକ ଭଏସ୍ କମାଣ୍ଡ ପ୍ରଦାନ କରୁଛି ଯେଉଁଥିରେ ୩୫ରୁ ଅଧିକ ହିଂଲିଶ କମାଣ୍ଡ ସାମିଲ ରହିଛି । କୋମେଟ୍ ଏକାଧିକ ସୁରକ୍ଷା ଓ ଅତ୍ୟାଧୁନିକ ଫିଚର ଯେପରିକି ଇଲେକ୍‌ଟ୍ରୋନିକ ପାର୍କିଙ୍ଗ୍ ବ୍ରେକ୍, ଇଲେକ୍‌ଟ୍ରୋନିକ ଷ୍ଟାବିଲିଟି କଂଟ୍ରୋଲ, ରିୟର ଡିସ୍କ ବ୍ରେକ୍, ହିଲ୍-ହୋଲ୍ଡ କଂଟ୍ରୋଲ, ପାୱାର ଫୋଲ୍ଡେବୁଲ ଓଆର୍‌ଭିଏମ୍, ଟର୍ଣ୍ଣ ଇଣ୍ଡିକେଟର ଇଂଟିଗ୍ରେଟେଡ ଡିଆର୍‌ଏଲ୍, କ୍ରିପ୍ ମୋଡ୍ ଓ ଏସି ଫାଷ୍ଟ ଚାର୍ଜିଙ୍ଗ ବିକଳ୍ପଗୁଡିକ ସହିତ ବଡି-କଲର୍ଡ ଓଆର୍‌ଭିଏମ୍ ଆଦି ସହିତ ଆସୁଛି। ଏମ୍‌ଜି କୋମେଟ ଇଭିର ଏକ୍‌ଜିକ୍ୟୁଟିଭ୍, ଏକ୍ସାଇଟ, ଏକ୍ସାଇଟ ଏଫ୍‌ସି, ଏକ୍ସକ୍ଲୁସିଭ୍ ଏବଂ ଏକ୍ସକ୍ଲୁସିଭ୍ ଏଫ୍‌ସି ଭାରିଆଂଟର ମୂଲ୍ୟ ଯଥାକ୍ରମେ ୬,୯୮,୮୦୦ ଟଙ୍କା, ୭,୮୮,୦୦୦ ଟଙ୍କା, ୮,୨୩,୮୦୦ ଟଙ୍କା, ୮୭୮,୦୦୦ ଟଙ୍କା ଏବଂ ୯୧୩,୮୦୦ ଟଙ୍କା ରହିଛି । ସେହିଭଳି ଏମ୍‌ଜି ଜେଡ୍‌ଏସ୍ ଇଭିର ଏକ୍‌ଜିକ୍ୟୁଟିଭ୍, ଏକ୍ସାଇଟ୍ ପ୍ରୋ, ଏକ୍ସକ୍ଲୁସିଭ୍ ପ୍ଲସ୍ ଏବଂ ଏସେନ୍ସ ଭାରିଆଂଟର ମୂଲ୍ୟ ଯଥାକ୍ରମେ ୧୮,୯୮,୦୦୦ ଟଙ୍କା, ୧୯,୯୮,୦୦୦ ଟଙ୍କା, ୨୩,୯୮,୦୦୦ ଟଙ୍କା ଏବଂ ୨୪,୯୮,୦୦୦ ଟଙ୍କା ରହିଛି ।

## ଦୁର୍ଘଟଣାରୁ ବର୍ତ୍ତିଲେ ଶାହ

**ନୂଆଦିଲ୍ଲୀ:** ହେଲିକପ୍ଟରଟି ନିୟନ୍ତ୍ରଣ ହରାଇ ଡାହାଣ ପଟକୁ ଚାଲି ଯାଇଥିଲା । ଏଥିସହ ଏହାର ଆଗ ପଟ ମଧ୍ୟ ତଳେ ପିଟି ହେବା ସ୍ଥିତିକୁ ଚାଲି ଆସିଥିଲା । ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଅଳ୍ପକେ ଗୋଟିଏ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି । ସେ ବସିଥିବା ହେଲିକପ୍ଟର ଟେକଅପ ବେଳେ ହଠାତ୍ ନିୟନ୍ତ୍ରଣ ହରାଇଥିଲା । ବିହାରର ବେଗୁସରାରୁ ସେ ଉଡ଼ାଣ ଭରିବା ବେଳେ ଏପରି ଘଟଣା ଘଟିଥିଲେ । କିନ୍ତୁ କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ଶାହଙ୍କ ହେଲିକପ୍ଟରର ପାଇଲଟ ସ୍ଥିତିକୁ ସମ୍ଭାଳି ନେଇଥିଲେ । ଏହାପରେ ହେଲିକପ୍ଟରଟି ବେଶ ସ୍ୱାଭାବିକ ଢଙ୍ଗରେ ଉଡ଼ାଣ ଭରିଥିଲା । ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ଅମିତ ଶାହ ବସିଥିବା ହେଲିକପ୍ଟରଟି ବେଗୁସରାଇର ଅସ୍ଥାୟୀ ହେଲିପ୍ୟାଡରୁ ଉଡ଼ାଣ ଭରିବା ଆରମ୍ଭ କରିଥିଲା । କିନ୍ତୁ ଟେକଅପ ବେଳେ ଏହା ନିୟନ୍ତ୍ରଣ ହରାଇଥିଲା । ହେଲିକପ୍ଟରଟି ନିୟନ୍ତ୍ରଣ ହରାଇ ଡାହାଣ ପଟକୁ ଚାଲି ଯାଇଥିଲା । ଏଥିସହ ଏହାର ଆଗ ପଟ ମଧ୍ୟ ତଳେ ପିଟି ହେବା ସ୍ଥିତିକୁ ଚାଲି ଆସିଥିଲା । କିଛି ସେକେଣ୍ଡ ଧରି ହେଲିକପ୍ଟରଟି ନିୟନ୍ତ୍ରଣ ବାହାରେ ଉଡ଼ିଥିଲେ ମଧ୍ୟ ପାଇଲଟ ଜଣଙ୍କ କୌଣସି ଅଘଟଣ ପୂର୍ବରୁ



ଏହାକୁ ସମ୍ଭାଳି ନେଇଥିଲେ । ଏହାପରେ ସେ ହେଲିକପ୍ଟରକୁ ଠିକଣା ମାର୍ଗରେ ଉଡ଼ାଇ ନେଇଥିଲେ ।

ଜେଡିୟୁ ସହ ମେଣ୍ଟ କରି ବିଜେପି ବିହାରରେ ୧୭ଟି ଆସନରେ ଲଢୁଛି । ଜେଡିୟୁ ୧୬ଟି ଆସନରେ ପ୍ରାର୍ଥୀ ଦେଇଛି । ମେଣ୍ଟରେ ଚରାଗ ପାଶ୍ୱାନଙ୍କ ଏଲଜେପି ୫ଟି ଓ ଜିତନ ରାମ ମାଞ୍ଝୀଙ୍କ ହିନ୍ଦୁସ୍ତାନ ଆବାମ ମୋର୍ଚ୍ଚା ଗୋଟିଏ ଆସନରେ ଲଢୁଛନ୍ତି । ଏଥିପାଇଁ ଅମିତ ଶାହ ବିହାରରେ ବିଜେପି ଓ ଏନଡିଏ ପାଇଁ ପ୍ରଚାର କରିବାକୁ ଆଜି ଯାଇଛନ୍ତି ।

## ସ୍କୁଟି ଚଢ଼ି ଗାଁ ଗାଁ ବୁଲିଲେ ସ୍ମୃତି ଇରାନୀ

**ନୂଆଦିଲ୍ଲୀ:** ଉତ୍ତରପ୍ରଦେଶ ଆମେଠି ଆସନ ପାଇଁ ବିଜେପି ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ପ୍ରାର୍ଥୀ କରିଛି । ଏନେଇ ଏପ୍ରିଲ ୨୯ ତାରିଖ ଦିନ ଏକ ବିଶାଳ ରୋଡ ସୋ'ର ଆୟୋଜନ କରାଯାଇଥିଲା । ଏହି କ୍ରମରେ ସ୍ମୃତି ଆମେଠି ନିର୍ବାଚନମଣ୍ଡଳୀରେ ନିଜର ନାମାଙ୍କନ ପତ୍ର ମଧ୍ୟ ଦାଖଲ କରି ସାରିଛନ୍ତି । ୨୦୧୯ ନିର୍ବାଚନରେ ସ୍ମୃତି ଇରାନୀ ଓ ରାହୁଲ ଗାନ୍ଧିଙ୍କ ମଧ୍ୟରେ କଡା ମୁକାବିଲା ହୋଇଥିଲା । ଏହାପରେ ରାହୁଲ ଗାନ୍ଧୀ ପ୍ରାୟ ୪.୧୩ ଲକ୍ଷ ଭୋଟ୍ ପାଇଥିବା ବେଳେ ସ୍ମୃତି ଇରାନୀ ପାଖାପାଖି ୪ ଲକ୍ଷ ୬୮ ହଜାର ଭୋଟ୍ ପାଇଥିଲେ । ତେଣୁ ପାଖାପାଖି ୫୫ ହଜାର ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ ସ୍ମୃତି ଇରାନୀ । ଗତ ରାତିରେ ସ୍ମୃତି ଇରାନୀ ହେଲମେଟ ପିନ୍ଧି ସ୍କୁଟି ଚଲାଇ ଉତ୍ତରପ୍ରଦେଶର ଆମେଠି ନିର୍ବାଚନମଣ୍ଡଳୀରେ ପହଞ୍ଚି ଲୋକଙ୍କ କଥା ବୁଝିଥିଲେ । ଉକ୍ତ ଅଞ୍ଚଳରେ କ'ଣ କ'ଣ ସମସ୍ୟା ରହିଛି, ଲୋକେ କ'ଣ ଉନ୍ନତୀ ଚାହୁଁଛନ୍ତି ସେ ବିଷୟରେ ବି ଆଲୋଚନା କରିଥିଲେ । ଗତ ରବିବାର ସ୍ମୃତି ଇରାନୀ ଅଯୋଧ୍ୟାରେ ପହଞ୍ଚି ପ୍ରଭୁ ରାମଲଲ୍ଲାଙ୍କ ଦର୍ଶନ କରିବା ପରେ କହିଥିଲେ, 'ଦେଶର ଅଗ୍ରଗତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଭାରତର ଗୌରବ ପାଇଁ ମୁଁ ରାମଲଲ୍ଲାଙ୍କ ପାଦତଳେ ଆଶୀର୍ବାଦ ଲୋଡ଼ିଥିଲା ।

## ଗୁଜରାଟରୁ ୧୭୩ କୋଟିର ଡ୍ରଗ୍ସ ଜବତ

**ନୂଆଦିଲ୍ଲୀ:** ଗୁଜରାଟ ଏବେ ସତେ ଯେମିତି ନିଷିଦ୍ଧ ନିଶାଦ୍ରବ୍ୟର ପେଣ୍ଠସ୍ଥଳି ପାଲଟି ଗଲାଣି । କ୍ରମାଗତ ଭାବେ ଏଠାରୁ ଜବତ ହେବାରେ ଲାଗିଛି ଦେଶରେ ବ୍ୟାନ ହୋଇଥିବା ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ । ଏହିକ୍ରମରେ ଭାରତୀୟ ତଟରକ୍ଷୀ ବାହିନୀ ଓ ଆତଙ୍କବାଦ ନିରୋଧ ସ୍କ୍ୱାର୍ଡର ମିଳିତ ଅପରେସନରେ ଆଜି ଗୁଜରାଟ ଉପକୂଳରୁ ଧରାପଡ଼ିଛି ୧୭୩ କେଜିର ନିଷିଦ୍ଧ ନିଶାଦ୍ରବ୍ୟ । ଗୋଟିଏ ମାଛ ଧରା ଡଙ୍ଗାରେ ଏତେ ପରିମାଣର ନିଶାଦ୍ରବ୍ୟ ଗୁଜରାଟକୁ ଆସିଥିଲେ । ସୁରକ୍ଷାକର୍ମୀମାନେ ବେଶ ଚମତ୍କାର ଢଙ୍ଗରେ ଡଙ୍ଗାକୁ ଯାଞ୍ଚ କରିବା ସହ, ତା' ମଧ୍ୟରୁ ନିଶାଦ୍ରବ୍ୟକୁ ଜବତ କରିଛନ୍ତି । ନିଶାଦ୍ରବ୍ୟ ମିଳିବା ଘଟଣାରେ ୨



ଜଣଙ୍କୁ ଗିରଫ ମଧ୍ୟ କରାଯାଇଛି । ଭାରତୀୟ ପତାକା ଲାଗିଥିବା ମାଛ ଧରା ଡଙ୍ଗାରେ ହିଁ ଏପରି ନିଶାଦ୍ରବ୍ୟର ଚାଲାଣ ହେଉଥିଲା । ସେମାନେ ଏତେ ପରିମାଣର ନିଷିଦ୍ଧ ନିଶାଦ୍ରବ୍ୟ କେଉଁଠୁ ଆଣିଲେ ଓ ଏହାକୁ କାହା ପାଖକୁ ନେଉଥିଲେ, ତା'ର ତଦନ୍ତ ଆରମ୍ଭ ହୋଇଛି । ଏହାପୂର୍ବରୁ ଏପ୍ରିଲ ୨୮ରେ ତଟରକ୍ଷୀ ବାହିନୀ ଗୋଟିଏ ପାକିସ୍ତାନୀ ଡଙ୍ଗାକୁ ଜବତ କରିଥିଲେ । ଏହା ମଧ୍ୟରୁ ୮୬ କେଜିର ନିଶାଦ୍ରବ୍ୟ ମିଳିଥିଲା । ଏହାର ବଜାର ମୂଲ୍ୟ ପ୍ରାୟ ୬୦୦ କୋଟି ଟଙ୍କା ହେବ । ଏହି ଘଟଣାରେ ବୋଟରେ ଥିବା ୧୪ ଜଣଙ୍କୁ ସୁରକ୍ଷାକର୍ମୀମାନେ ଗିରଫ କରିଥିଲେ । ଶନିବାର ବିଳମ୍ବିତ ରାତିରୁ ଆରବ ସାଗରରେ ଏଟିଏମ ଓ ଏନସିବି ସହ ତଟରକ୍ଷୀ ବାହିନୀ ଅପରେସନ ଆରମ୍ଭ କରିଥିଲା । ଏହି ଅପରେସନ ବେଳେ ପାକିସ୍ତାନୀ ବୋଟରୁ ନିଶାଦ୍ରବ୍ୟ ମିଳିଥିଲା । ଏହି ଦୁଇଟି ଘଟଣା ନୁହେଁ, ଗତ ମାସରେ ତଟରକ୍ଷୀ ବାହିନୀ, ଏନସିବି ଓ ଏଟିଏସ ମିଳିତ ଭାବେ ଗୁଜରାଟର ପୋରବନ୍ଦର ଉପକୂଳରେ ଗୋଟିଏ ପାକିସ୍ତାନୀ ଡଙ୍ଗାକୁ ଧରିଥିଲେ । ଏହା ମଧ୍ୟରୁ ୪୦୦ କୋଟି ଟଙ୍କାର ନିଶାଦ୍ରବ୍ୟ ମିଳିଥିଲା ।

## ମୋଦି ବିରୋଧୀ ଆବେଦନ ହାଇକୋର୍ଟରେ ଖାରଜ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ହୋଇଥିବା ଆବେଦନକୁ ଖାରଜ କଲେ ହାଇକୋର୍ଟ । ନିର୍ବାଚନର ଆଚରଣ ବିଧି ଉଲ୍ଲଙ୍ଘନ କରି ଭଗବାନ ଓ ଧାର୍ମିକ ସ୍ଥାନ ନାଁରେ ଭୋଟ୍ ମାଗୁଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ଏଥିପାଇଁ ୬ ବର୍ଷ ପାଇଁ ତାଙ୍କୁ ନିର୍ବାଚନରୁ ବ୍ୟାନ୍ କରିବା ପାଇଁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରାଯାଇଥିଲା । ଏହାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଆଜି ଏହି ଆବେଦନକୁ ଖାରଜ କରିଦେଇଛନ୍ତି ।



ଆବେଦନକାରୀଙ୍କ କହିବାକୁ ମାତାବକ ଏପ୍ରିଲ ୯ ତାରିଖରେ ଉତ୍ତରପ୍ରଦେଶର ପିଲଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ । ଏଠାରେ ସେ ନିଜ ଭାଷଣରେ ଭେଟର୍ଙ୍କୁ ହିନ୍ଦୁ ଦେବାଦେବୀ ଓ ହିନ୍ଦୁ ପୂଜା ସ୍ଥାନ ସମେତ ସିଖ ଦେବାଦେବୀ ଏବଂ ପୂଜା ସ୍ଥଳ ନାଁରେ ବିଜେପିକୁ ଭୋଟ ଦେବା ପାଇଁ ଅପିଲ କରିଥିଲେ । ଏହାକୁ ବିରୋଧ କରି ଆଇନଜୀବୀ ଆନନ୍ଦ ଏସ୍ ଜାନ୍ଦେଲ ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ କରିଥିଲେ ।

ଜଷ୍ଟିସ ସଚିନ ଦତ୍ତାଙ୍କ ଖଣ୍ଡପୀଠ ଏହି ମାମଲାର ଆଜି ଶୁଣାଣି କରି ଏହି ଆବେଦନକୁ ଯୋଗ୍ୟତା ବିହୀନ ବୋଲି କହିଛନ୍ତି । ପୂର୍ବରୁ ହିଁ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରାଯାଇଛି ବୋଲି ଆବେଦନକାରୀ ପୂର୍ବରୁ ଅନୁମାନ କରିସାରିଛନ୍ତି । ଏହା ସମ୍ପୂର୍ଣ୍ଣ ଅଯଥା । ଆମେ ନିର୍ବାଚନ ଆୟୋଗକୁ କିଭଳି କାମ କରିବେ ତାହା ନିର୍ଦ୍ଦେଶ ଦେଇ ପାରିବୁ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ସେପଟେ ନିର୍ବାଚନ ଆୟୋଗଙ୍କ ତରଫରୁ ହାଜର ହୋଇଥିବା ଓକିଲ ସିଦ୍ଧାନ୍ତ କୁମାର କହିଛନ୍ତି, ପ୍ରତିଦିନ ନିର୍ବାଚନ ଆୟୋଗଙ୍କ ନିକଟରୁ ଏଭଳି ଅଭିଯୋଗ ଆସୁଛି । ତେଣୁ ଆଇନ୍ ଅନୁସାରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଇସ୍ରାଏଲ ବିରୋଧୀ ଆନ୍ଦୋଳନ

### ପାଲେଷ୍ଟାଇନ ପତାକା ଉଡାଇଲେ ବିକ୍ଷୋଭକାରୀ

**ୱାଶିଂଟନ:** ଆମେରିକାରେ ତୀବ୍ର ହେଉଛି ଇସ୍ରାଏଲ ବିରୋଧୀ ଆନ୍ଦୋଳନ । ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ପାଲେଷ୍ଟାଇନ ସମର୍ଥନରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହାରି ମଧ୍ୟରେ ଆନ୍ଦୋଳନକାରୀମାନେ ହାର୍ବାର୍ଡ ୟାର୍ଡରେ ଥିବା ଜନ୍ ହାର୍ବାର୍ଡ ଙ୍କ ପ୍ରତିମୂର୍ତ୍ତି ଉପରେ ପାଲେଷ୍ଟାଇନ ପତାକା ଉତ୍ତୋଳନ କରିଥିବା ଦେଖିବାକୁ ମିଳୁଛି । ଯେଉଁ ସ୍ଥାନ ଆମେରିକା ପତାକା ପାଇଁ ଉଦ୍ଦିଷ୍ଟ ଥିଲା ସେଠାରେ ପାଲେଷ୍ଟାଇନ ପତାକା ଉଡ଼ାଯାଉଛି । ଛାତ୍ରଛାତ୍ରୀଙ୍କ ଏପରି କାର୍ଯ୍ୟକୁ ହାର୍ବାର୍ଡ ମୁଖପାତ୍ର ନିନ୍ଦା କରିଛନ୍ତି । ସେ କହିଛନ୍ତି, ଏହା ବିଶ୍ୱବିଦ୍ୟାଳୟ ନୀତିର ଉଲ୍ଲଂଘନ । ଯେଉଁମାନେ ଏପରି କାର୍ଯ୍ୟ କରିଛନ୍ତି ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରକାଶ ଥାଉକି, ଏପ୍ରିଲ ୧୮ରୁ ଆମେରିକାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ




ଇସ୍ରାଏଲ ବିରୋଧୀ ମୁଦ୍ଦା ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସେମାନଙ୍କ କହିବା କଥା ହେଲା, ଇସ୍ରାଏଲ-ହମାସ ଯୁଦ୍ଧ କାରଣରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଛି, ଦିନକୁ ଦିନ ମାନବିକ ସଙ୍କଟ ବଢୁଛି । ତେଣୁ ଆମେରିକାର ବିଶ୍ୱବିଦ୍ୟାଳୟଗୁଡିକ ଇସ୍ରାଏଲ ସହ ଆର୍ଥିକ ସମ୍ପର୍କ ବନ୍ଦ କରନ୍ତୁ ଏବଂ କମ୍ପାନୀଗୁଡିକ ଏହି ବିବାଦରୁ ଦୂରେଇ ରୁହନ୍ତି । ଏପରି କିଛି ମୁଦ୍ଦାନେଇ ଯୁବଗୋଷ୍ଠୀ ପାଖାପାଖି ଦୁଇ ସପ୍ତାହ ହେବ ଆନ୍ଦୋଳନରତ ଅଛନ୍ତି । ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୯୦୦ ଜଣ ଆନ୍ଦୋଳନକାରୀଙ୍କୁ ପୁଲିସ ଗିରଫ କଲାଣି । ରିପୋର୍ଟ ଅନୁସାରେ, କେବଳ ଗତ ଶନିବାର ୨୭୫ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଇଣ୍ଡିଆନା ୟୁନିଭରସିଟି, ଆରିଜୋନା ଷ୍ଟେଟ ୟୁନିଭରସିଟି ଏବଂ ୱାଶିଂଟନ ଷ୍ଟେଟ ୟୁନିଭରସିଟିର ଛାତ୍ରଛାତ୍ରୀ ଅଛନ୍ତି ।

## ବଦଳିଲା ୟୁଜିସି-ନିଟ୍ ପରୀକ୍ଷା ତାରିଖ

**ନୂଆଦିଲ୍ଲୀ:** ୟୁଜିସି-ନେଟ୍ ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇଛି । ଏବେ ୟୁଜିସି-ନେଟ୍ ପରୀକ୍ଷା ଜୁନ୍ ୧୬ ରବିବାର ପରିବର୍ତ୍ତେ ଜୁନ ୧୮ ମଙ୍ଗଳବାର ଦିନ ଅନୁଷ୍ଠିତ ହେବ । ୟୁଜିସି ମୁଖ୍ୟ ଜଗଦୀଶ କୁମାର ମାଇକ୍ରୋବ୍ଲଗିଂ ସାଇଟ୍ 'ଏକ୍ସ'ରେ ଏ ନେଇ ସୂଚନା ଦେଇଛନ୍ତି । ଜଗଦୀଶ କୁମାର ଆହୁରି ମଧ୍ୟ ଲେଖିଛନ୍ତି ଯେ ଏହି ପରୀକ୍ଷା ଓଏମଆର ମୋଡରେ ହେବ । ଖୁବଶୀଘ୍ର ଏ ନେଇ ଔପଚାରିକ ବିଜ୍ଞପ୍ତି ଜାରି କରାଯିବ । ସୂଚନାଯୋଗ୍ୟ ଯେ, ଜୁନ ୧୬ରେ ୟୁପିଏସସି-ମେନ୍ସ ପରୀକ୍ଷା ହେବାକୁ ଥିବାରୁ ଛାତ୍ରଛାତ୍ରୀମାନଙ୍କ ଅନୁରୋଧକ୍ରମେ ୟୁଜିସି ନେଟ୍ ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇଛି । କେନ୍ଦ୍ରୀୟ ଲୋକସେବା ଆୟୋଗ ଦ୍ୱାରା ପୂର୍ବରୁ ଦିଆଯାଇଥିବା ୟୁପିଏସସି ପରୀକ୍ଷା କ୍ୟାଲେଣ୍ଡର ଅନୁଯାୟୀ ୟୁପିଏସସି ମେନ୍ସ ପରୀକ୍ଷା ମେ ୨୬, ୨୦୨୪ (ୟୁପିଏସସି ମେନ୍ସ ୨୦୨୪ ତାରିଖ) ରେ ଅନୁଷ୍ଠିତ ହେବାର ଥିଲା । କିନ୍ତୁ ସାରା ଦେଶରେ ଲୋକସଭା ନିର୍ବାଚନ ଥିବାରୁ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା । ଏହାପରେ ୟୁପିଏସସି ଏକ ନୂଆ କାର୍ଯ୍ୟସୂଚୀ ଜାରି କରିଥିଲା ଏବଂ ଏଥିରେ ମୁଖ୍ୟ ପରୀକ୍ଷା ର ତାରିଖ ଜୁନ୍ ୧୬, ୨୦୨୪ ଦର୍ଶାଯାଇଥିଲା । ସେହିପରି ୟୁଜିସି ନେଟ୍ ପରୀକ୍ଷାର କାର୍ଯ୍ୟସୂଚୀ ପୂର୍ବରୁ ସ୍ଥିର ହୋଇସାରିଥିଲା । ଏହି ପରୀକ୍ଷା ଜୁନ୍ ୧୬, ୨୦୨୪ (ୟୁଜିସି ନେଟ୍ ୨୦୨୪ ତାରିଖ)ରେ ଧାର୍ଯ୍ୟ ହୋଇଥିଲା ।

## ସନ୍ଦେଶଖାଲି ମାମଲା: ମମତାଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ:** ଜଣେ ବ୍ୟକ୍ତିଙ୍କ ବିରୋଧରେ ଚାଲିଥିବା ତଦନ୍ତକୁ ରାଜ୍ୟ ସରକାର ବିରୋଧ କରୁଥିବା ନେଇ କୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ପଶ୍ଚିମବଙ୍ଗର ବହୁଚର୍ଚ୍ଚିତ ସନ୍ଦେଶଖାଲି ହିଂସା ମାମଲାରେ ମମତା ବାନାର୍ଜୀ ସରକାରଙ୍କୁ ଲାଗିଛି ବଡ ଝଟକା । ଏହି ମାମଲାରେ ପଶ୍ଚିମବଙ୍ଗ ସରକାର ତରଫରୁ କରାଯାଇଥିବା ତତ୍କାଳ ଶୁଣାଣି ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି । ଏଥିସହ ସନ୍ଦେଶଖାଲି ମାମଲାରେ ସିବିଆଇ ତଦନ୍ତ ଜାରି ରହିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ନିକଟରେ କଲିକତା ହାଇକୋର୍ଟ ସନ୍ଦେହଖାଲି



ମାମଲାରେ ସିବିଆଇ ତଦନ୍ତ କରିବାକୁ ରାୟ ଦେଇଥିଲେ । ତେବେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା ପଶ୍ଚିମବଙ୍ଗ ସରକାର । ଆଜି ଏହି ମାମଲାରେ ଜଷ୍ଟିସ ବିଆର ଗବଇ ଏବଂ ଜଷ୍ଟିସ ସନ୍ଦୀପ ମେହେତାଙ୍କ ବେଞ୍ଚ ଶୁଣାଣି ବେଳେ ପଶ୍ଚିମବଙ୍ଗ ସରକାର ଉପରେ ବର୍ଷିଛନ୍ତି । ହାଇକୋର୍ଟ ଦେଇଥିବା ଆଦେଶକୁ ସ୍ଥଗିତ ରଖାଯାଇ ପାରି ନାହିଁ ବୋଲି ବେଞ୍ଚ କହିଛନ୍ତି । ଏଥିସହ ଶୁଣାଣି ସମୟରେ ଜଣେ ବ୍ୟକ୍ତିଙ୍କ ବିରୋଧରେ ଚାଲିଥିବା ତଦନ୍ତକୁ ରାଜ୍ୟ ସରକାର ବିରୋଧ କରୁଥିବା ନେଇ କୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଜଣେ ବ୍ୟକ୍ତିଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟ ସରକାର କିପରି ସୁପ୍ରିମକୋର୍ଟଙ୍କ ନିକଟକୁ ଯାଇପାରିବେ? ବୋଲି ପ୍ରଶ୍ନ କରିଛନ୍ତି । ସୁପ୍ରିମକୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ରାଜ୍ୟର ମମତା ବାନାର୍ଜୀ ସରକାର ଏଠାରେ ବିଚାରାଧୀନ ମାମଲା ଆଧାରରେ ହାଇକୋର୍ଟରୁ କୌଣସି ସୁବିଧା ନେବାକୁ ଚେଷ୍ଟା କରିପାରିବେ ନାହିଁ । ଏଥିସହ ଏହି ମାମଲର ତତ୍କାଳ ଶୁଣାଣି କରିବାକୁ ମଧ୍ୟ କୋର୍ଟ ମନା କରିଦେଇଛନ୍ତି । ଆସନ୍ତା ଜୁଲାଇ ଦ୍ୱିତୀୟ ସପ୍ତାହରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ । କହିରଖୁ ଯେ, କଲିକତା ହାଇକୋର୍ଟ ଏପ୍ରିଲ ୧୦ ତାରିଖରେ ସନ୍ଦେଶଖାଲିରେ ମହିଳାଙ୍କ ଯୌନ ଶୋଷଣ ଏବଂ ଜମି ହଡପ ଅଭିଯୋଗର ତଦନ୍ତକୁ ସିବିଆଇକୁ ହସ୍ତାନ୍ତର କରିଥିଲେ । ରାଜ୍ୟ ସରକାର ଏହାକୁ ବିରୋଧ କରୁଛନ୍ତି । ଶାସକ ଦଳର ତୃଣମୂଳ କଂଗ୍ରେସ (ଟିଏମସି) ର ନିଲମ୍ବିତ ନେତା ଶେଖ ଶାହାଜାହାନ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଅଛନ୍ତି । ତାଙ୍କୁ ଏହି ମାମଲାରେ ଗିରଫ ମଧ୍ୟ କରାଯାଇଛି । ସେ ଏବଂ ତାଙ୍କ ସହଯୋଗୀମାନେ ମହିଳାଙ୍କ ଯୌନ ଉତ୍ପୀଡ଼ନ କରି ଜମି ହଡପ କରିଥିବା ଅଭିଯୋଗ ରହିଛି ।

### ଶିକ୍ଷକ ନିଯୁକ୍ତି ମାମଲା

## ସିବିଆଇ ତଦନ୍ତ ଉପରେ ରୋକ୍

**ନୂଆଦିଲ୍ଲୀ:** ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗ ସରକାରୀ ଅଧିକାରୀଙ୍କ ବିରୋଧରେ ସିବିଆଇ ତଦନ୍ତ ଉପରେ ରୋକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ । ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୨୪ ହଜାର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତିକୁ କଲକାତା ହାଇକୋର୍ଟ ରଦ୍ଦ କରିବା ପରେ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପାର୍ଦିୱାଲା ଓ ଜଷ୍ଟିସ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ସିବିଆଇ (ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍) ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ବିରୋଧରେ ଅଧିକ ତଦନ୍ତ କରିବ ବୋଲି ଯେଉଁ ନିର୍ଦ୍ଦେଶ ଦିଆଯାଇଛି ତାହା ଉପରେ ଆମେ ରୋକ୍ ଲଗାଇବୁ ।

ପଶ୍ଚିମବଙ୍ଗ ସ୍କୁଲ ସେବା ଆୟୋଗ (ଡବ୍ଲୁବିଏସସିସି) ଦ୍ୱାରା ଗଠିତ ସ୍କୁଲ ଶିକ୍ଷକମାନଙ୍କ ପାଇଁ ୨୦୧୬ର ନିଯୁକ୍ତି ପ୍ୟାନେଲକୁ ଏପ୍ରିଲ ୨୬ରେ ହାଇକୋର୍ଟ ବାତିଲ କରିଥିଲେ । ଖଣ୍ଡପୀଠ ସିବିଆଇକୁ ଏହି ମାମଲାର ଅଧିକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ମମତା ସରକାର ଅଭିଯୋଗ କରିଛନ୍ତି ଯେ ମୌଖିକ ଯୁକ୍ତି ଆଧାରରେ ଏବଂ ରେକର୍ଡରେ କୌଣସି ସତ୍ୟପାଠ ନଥିବାରୁ ହାଇକୋର୍ଟ ସରକାରଙ୍କୁ ଆବଶ୍ୟକୀୟ ବ୍ୟବସ୍ଥା କରିବା ପାଇଁ ପର୍ଯ୍ୟାପ୍ତ ସମୟ ନ ଦେଇ ମନଇଚ୍ଛା ନିଯୁକ୍ତି ତଥା ସମଗ୍ର ଚୟନ ପ୍ରକ୍ରିୟାକୁ ବାତିଲ କରିଛନ୍ତି । ଲୋକସଭା ନିର୍ବାଚନ ଫଳାଫଳ ଘୋଷଣା ହେବାର ୧୫ ଦିନ ମଧ୍ୟରେ ନୂତନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ହାଇକୋର୍ଟ ଡବ୍ଲୁବିଏସଏସସିକୁ କହିଥିଲେ । ସରକାର ଏହାକୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିଥିଲେ । ସେହିପରି ନିଯୁକ୍ତି ପ୍ରବେଶିକା ପରୀକ୍ଷାର ୨୩ ଲକ୍ଷ ଓଏମଆର ସିଟ୍ (ପରୀକ୍ଷା ପତ୍ର)ର ପୁନଃ ମୂଲ୍ୟାୟନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା ୬ ତାରିଖରେ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରିବେ । ସିବିଆଇ ରାଜ୍ୟର ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ ଏବଂ ଡବ୍ଲୁବିଏସଏସସିରେ ପଦବୀରେ ଥିବା କିଛି କର୍ମକର୍ତ୍ତାଙ୍କୁ ଗିରଫ କରିଛି ।

# କୋଟାରେ ପୁଣି ଝୁଲି ପଡ଼ିଲେ ଛାତ୍ର

**ନୂଆଦିଲ୍ଲୀ:** ନିଟ୍ ପରୀକ୍ଷା ପାଖେଇ ଆସୁଥିବା ବେଳେ ପୁଣି ଥରେ ଝୁଲି ପଡ଼ି ଜୀବନ ହାରିଛନ୍ତି ଜଣେ ଛାତ୍ର । ଆତ୍ମହତ୍ୟା କରିଥିବା ଛାତ୍ରଜଣକ ହରିୟାଣାର ବୋଲି ଜଣାଯାଇଛି । ରାଜସ୍ଥାନ କୋଟାରେ ଛାତ୍ର ଆତ୍ମହତ୍ୟା ଥମିବା ନାଁ ଧରୁନି । ନିଟ୍ ପରୀକ୍ଷା ପାଖେଇ ଆସୁଥିବା ବେଳେ ପୁଣି ଥରେ ଝୁଲି ପଡ଼ି ଜୀବନ ହାରିଛନ୍ତି ଜଣେ ଛାତ । ଆତ୍ମହତ୍ୟା କରିଥିବା ଛାତ୍ରଜଣକ ହରିୟାଣାର ବୋଲି ଜଣାଯାଇଛି ।ସେ କୋଟାରେ ରହି ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ । ଗତକାଲି ମଧ୍ୟାହ୍ନ ସମୟରେ ଛାତ୍ରଜଣକ ମେସ୍ରେ ଖାଇଥିଲେ । ଏହାପରେ ସେ ନିଜ ରୁମର କବାଟ ଖୋଲି ନ ଥିଲେ । ପରିବାର ଲୋକେ ବହୁ ଥର ଫୋନ୍ କରିଥିବା ସତ୍ତ୍ୱେ ଛାତ୍ରଜଣକ ଫୋନ୍ ଉଠାଇ ନ ଥିଲେ । ଖବର ପାଇ ହଷ୍ଟେଲ ୱାର୍ଡେନ ପହଞ୍ଚି ଛାତ୍ରଙ୍କ ରୁମର କବାଟ ବାଡ଼େଇଥିଲେ ବି ସେ ଖୋଲି ନ ଥିଲେ । ଏନେଇ ତୁରନ୍ତ ପୁଲିସ୍କୁ ଖବର ଦିଆଯାଇଥିଲା । ପୁଲିସ୍ ପହଞ୍ଚି କବାଟ ଖୋଲି ଝୁଲନ୍ତା ଅବସ୍ଥାରେ ଛାତ୍ରଙ୍କୁ ଉଦ୍ଧାର କରିଥିଲା । ତାଙ୍କୁ ତୁରନ୍ତ ନିକଟସ୍ଥ ମେଡିକାଲ ପଠାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଛାତ୍ରଜଣକ ଉକ୍ତ ହଷ୍ଟେଲରେ ଗତ ବର୍ଷ ଜୁଲାଇରୁ ରହି ନିଟ୍ ପାଇଁ କୋଚିଂ ନେଉଥିଲେ । ମାତ୍ର ପରୀକ୍ଷା ଆସନ୍ତା ମେ' ୫ ତାରିଖରେ ଥିବା ବେଳେ ଏହା ପୂର୍ବରୁ ଛାତ୍ରଜଣକ ଝୁଲି ପଡ଼ିଛନ୍ତି । ଛାତ୍ରଙ୍କ ରୁମରୁ କୌଣସି ସୁଇସାଇଡ ନୋଟ୍ ମିଳି ନ ଥିବା ବେଳେ ପରୀକ୍ଷା ଚାପ ଯୋଗୁ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଆଲୋଚନା ହେଉଛି । ତେବେ ଛାତ୍ରଙ୍କ ରୁମ୍ରେ ଥିବା ଫ୍ୟାନରେ ଆଣ୍ଟି ହ୍ୟାଙ୍ଗିଙ୍ଗ ଡିଭାଇସ୍ ଲାଗି ନ ଥିବା ଜଣାଯାଇଛି । ଏ ନେଇ କୋଟା ପ୍ରଶାସନକୁ ସୂଚନା ଦିଆଯାଇଛି । ୨୦୨୩ରେ କୋଟାରେ ରହି ପାଠପଢୁଥିବା ୨୬ ଜଣ ଶିକ୍ଷାର୍ଥୀ ବିଭିନ୍ନ ସମୟରେ ଆତ୍ମହତ୍ୟା କରିଥିବା ବେଳେ ଚଳିତ ବର୍ଷ ବି ଏହି ସଂଖ୍ୟା ବଢ଼ିବାରେ ଲାଗିଛି ।

## ଆତଙ୍କୀ ପନ୍ନୁ ମାମଲା:ଆମେରିକା ମିଡ଼ିଆର ଖୁଲାସା

**ୱାଶିଂଟନ:** ଖଲିସ୍ତାନୀ ଆତଙ୍କବାଦୀ ଗୁରପନ୍ତ ସିଂହ ପନ୍ନୁକୁ ଆମେରିକା ମାଟିରେ ହତ୍ୟା ପାଇଁ ହୋଇଥିବା ଉଦ୍ୟମ ପଛରେ ଭାରତୀୟ ଗୁଇନ୍ଦା ସଂସ୍ଥା ର'ର ଜଣେ ପୂର୍ବତନ ଅଧିକାରୀ ସାମିଲ ଥିଲେ । ସେ ଜଣେ ହିଟ୍ ମ୍ୟାନଙ୍କୁ ଏଥିପାଇଁ ସୁପାରି ଦେଇଥିଲେ । ଉକ୍ତ ଅଧିକାରୀ ଜଣଙ୍କ ହେଲେ ବିକ୍ରମ ଯାଦବ । ଆଜି ପ୍ରଥମଥର ପାଇଁ ଆମେରିକା ଗଣମାଧ୍ୟମ ୱାଶିଂଟନ ପୋଷ୍ଟ ବିକ୍ରମ ଯାଦବଙ୍କ ନାଁ ନେଇ ଖବର ପ୍ରକାଶ କରିଛି । ରିପୋର୍ଟରେ ଦାବି କରାଯାଇଛି ଯେ ବିକ୍ରମ ଯାଦବ ହିଁ ହିଟ୍ ମ୍ୟାନଙ୍କୁ ପନ୍ନୁ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇଥିଲେ । ଏଥିରେ ପନ୍ନୁର ଆମେରିକା ଠିକଣା ମଧ୍ୟ ରହିଥିଲା।ଏହି ସମ୍ପର୍କରେ ରିପୋର୍ଟ



ପ୍ରକାଶ କରିବା ପୂର୍ବରୁ ୱାଶିଂଟନ ପୋଷ୍ଟ ଭାରତର ବୈଦେଶିକ ମନ୍ତ୍ରଣାଳୟର ମତାମତ ଲୋଡ଼ିଥିଲା । କିନ୍ତୁ ମନ୍ତ୍ରଣାଳୟ ପକ୍ଷରୁ ସଂସ୍ଥାକୁ କୌଣସି ପ୍ରକାରର ପ୍ରତିକ୍ରିୟା ଦିଆଯାଇ ନାହିଁ । ୨୦୨୨ ନଭେମ୍ବର ମାସରେ ଫାଇନାନ୍ସିଆଲ ଟାଇମ୍ସ ରିପୋର୍ଟ କରିଥିଲା ଯେ ପନ୍ନୁକୁ ହତ୍ୟା ପାଇଁ କରାଯାଇଥିବା ଉଦ୍ୟମକୁ ଆମେରିକା ପଣ୍ଡ କରି ଦେଇଛି । ଏହି ରିପୋର୍ଟରେ ଆହୁରି ଦାବି କରାଯାଇଥିଲା ଯେ ପନ୍ନୁକୁ ହତ୍ୟା କରିବା ପାଇଁ ଭାରତର ସମ୍ଭାବ୍ୟ ହାତ ଥିବା ଅନୁମାନ କରି ଆମେରିକା ସରକାର ନୂଆଦିଲ୍ଲୀ ସତର୍କ ମଧ୍ୟ କରାଇଥିଲେ । ତେବେ ଆମେରିକା ଗଣମାଧ୍ୟମର ଏପରି ଦାବି ଭାରତ ସରକାର ବାରମ୍ବାର ଖଣ୍ଡନ କରି ଆସିଛନ୍ତି ।

## ମୌଲବୀଙ୍କୁ ପିଟିପିଟି ହତ୍ୟା

**ଜୟପୁର:** ସାମ୍ନାକୁ ଆସିଛି ଅତ୍ୟନ୍ତ ବିଚଳିତ ତଥା ଭୟଙ୍କର ଘଟଣା । ରାଜସ୍ଥାନର ଆଜମେର ଠାରେ ଥିବା ଗୋଟିଏ ମସଜିନ ଭିତରେ ଜଣେ ମୌଲବୀଙ୍କୁ ହତ୍ୟା କରାଯାଇଛି । ମୁଖପିନ୍ଧି ଆସିଥିବା ୩ ଜଣ ଯୁବକ ମୌଲବୀଙ୍କୁ ମସଜିଦ ଭିତରେ ପିଟିପିଟି ହତ୍ୟା କରିଛନ୍ତି । ପୁଲିସ୍ କହିଛି ଯେ ରାମଗଞ୍ଜର କାଞ୍ଚନ ନଗରରେ ଥିବା ମସଜିଦରେ ମୌଲବୀ ମହମ୍ମଦ ମାହିର ୬ ଜଣ ପିଲାଙ୍କୁ ନେଇ ଶନିବାର ଶୋଇଥିଲେ । ଏହି ସମୟରେ ୩ ଜଣ ମୁଖାପିନ୍ଧା ଯୁବକ ସେଠାରେ ପହଞ୍ଚିଥିଲେ । କେହି କିଛି ବୁଝିବା ଆଗରୁ ସେମାନେ କାଠ ଫାଳିଆରେ ୩୦ ବର୍ଷୀୟ ମହମ୍ମଦ ମାହିରଙ୍କୁ ଆକ୍ରମଣ କରି ଦେଇଥିଲେ ।

ଏହା ଦେଖି ତାଙ୍କ ସହ ଥିବା ୬ ଜଣ ପିଲା ଚିତ୍କାର କରିଥିଲେ । କିନ୍ତୁ ଦୁର୍ବୃତ୍ତମାନେ ସେମାନଙ୍କୁ ମଧ୍ୟ ମାରି ଦେବାକୁ ଧମକ ଦେଇଥିଲେ । ପିଲାମାନେ କାଳେ ମୌଲବୀଙ୍କ ମୋବାଇଲରୁ କାହାକୁ ଫୋନ କରିଦେବେ, ସେଥିପାଇଁ ଆକ୍ରମଣକାରୀ ଏହାକୁ ମଧ୍ୟ ଛଡ଼ାଇ ନେଇଥିଲେ । ବେଶ କିଛି ସମୟ ମୌଲବୀଙ୍କୁ ସେମାନେ ତଳେ ପକାଇ ପିଟିବା ପରେ ସେଠାରୁ ଚାଲି ଯାଇଥିଲେ । ସେମାନେ ଫେରାର ହେବା ପରେ ପିଲାମାନେ ବାହାରକୁ ଆସିବା ସହ ଆଖପାଖ ଲୋକଙ୍କୁ ଏନେଇ ଖବର ଦେଇଥିଲେ । ଲୋକଙ୍କ ଠାରୁ ପୁଲିସ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଲା । ବେଳକୁ ମହମ୍ମଦ ମାହିରଙ୍କ ମୃତ୍ୟୁ ହୋଇ ସାରିଥିଲା । ପୁଲିସ୍ ଗୋଟିଏ ହତ୍ୟା ମାମଲା ରୁଜୁ କରି ସ୍ଥାନୀୟ ଅଞ୍ଚଳର ସିସିଟିଭିକୁ ଯାଞ୍ଚ କରୁଛି । ହେଲେ ଆକ୍ରମଣକାରୀଙ୍କ ସମ୍ପର୍କରେ ଏଯାଏଁ କୌଣସି ପ୍ରକାରର ସୂଚନା ମିଳି ନାହିଁ ।

# ଏସୀୟ ଯୁବ ଦୌଡ଼କୁଦ: ପାର୍ବତୀଙ୍କୁ ୨ ସ୍ୱର୍ଣ୍ଣ

## ଜୟରାମ, ମହେନ୍ଦ୍ରଙ୍କୁ କାଂସ୍ୟ ପଦକ



ଭୁବନେଶ୍ୱର,୨୯।୪(ସବ୍ୟୁ): ଦୁବାଇରେ ଆୟୋଜିତ ୨୧ତମ ଏସୀୟ ୨୦ ବର୍ଷରୁ କମ୍ (ଯୁବ) ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାର ଦଣ୍ଡପତି ମୃତ୍ୟୁମ ଜୟରାମ ଓ ମହେନ୍ଦ୍ର ସାନ୍ତା କାଂସ୍ୟ ପଦକ ଜିତିଛନ୍ତି । ଉଭୟ ଭାରତୀୟ ୪ ଗୁଣା ୧୦୦ ମିଟର ରିଲେ ଦଳରେ ରହି ଏହି ପଦକ ପାଇଛନ୍ତି । ଭାରତ ୪୦.୦୧ ସେକେଣ୍ଡରେ ରେସ୍ ଶେଷ କରି ପୂର୍ବ ଜାତୀୟ କୀର୍ତ୍ତିମାନ (୪୦.୫୬)କୁ ଟପିବା ସହ ତୃତୀୟ ସ୍ଥାନରେ ରହିଥିଲା । ୧୦୦ ମିଟର ବାଧା ଦୌଡ଼ରେ ଭାରତରୁ ପ୍ରତିନିଧିତ୍ୱ କରୁଥିବା ସବିତା ଟପ୍ପୋ ପଦକ ଜିତି ନଥିଲେ ମଧ୍ୟ କନିଷ୍ଠ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଏହି ୩ ଜଣ କିଟ୍ ଓ କିସ୍‌ରେ ଅଧ୍ୟୟନ କରୁଥିଲା ବେଳେ ଓଡ଼ିଶା ରିଲାଏନ୍ସ ଦୌଡ଼କୁଦ ଏଚପିସିରେ ପ୍ରଶିକ୍ଷଣ ନେଉଛନ୍ତି । ଅନ୍ୟ ଜଣେ କିଟ୍ ଛାତ୍ର ସିଦ୍ଧାର୍ଥ ଚୌଧୁରୀ (୧୯.୦୨ ମିଟର) ସଟପୁଟରେ କାଂସ୍ୟ ପଦକ ଜିତିଛନ୍ତି । ଏହି ସଫଳତା ଲାଗି କିଟ୍ ଓ କିସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଭୁବନେଶ୍ୱର ମହାରାଷ୍ଟ୍ର ରବିବାର ଶେଷ ହୋଇଥିବା ୪୩ତମ ଜାତୀୟ ମାଷ୍ଟର୍ସ ଦୌଡ଼କୁଦରେ ଓଡ଼ିଶାର ପାର୍ବତୀ ସେଠୀ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ମହିଳା ଡିସ୍କସ୍ ଥ୍ରୋ'ରେ ୪୪.୫୫ ମିଟର ଏବଂ ସଟପୁଟରେ ୧୧.୨୫ ମିଟର ଦୂରତା ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସେ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ପାର୍ବତୀଙ୍କୁ ଏକ ଘରୋଇ ସଂସ୍ଥା ଆର୍ଥିକ ସହାୟତା ଦେଇଥିଲା । ଆଗକୁ ବିଶ୍ୱ ମାଷ୍ଟର୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛନ୍ତି ପାର୍ବତୀ । ଏଥିଲାଗି ରାଜ୍ୟ ସରକାର ସହାୟତାର ହାତ ବଢ଼ାଇଲେ ସେ ନିଶ୍ଚିତ ଓଡ଼ିଶା ପାଇଁ ଗୌରବ ଆଣିପାରିବେ ବୋଲି କହିଛନ୍ତି ପାର୍ବତୀ ।

# ଦିଲ୍ଲୀକୁ ୭ ୱିକେଟ୍‌ରେ ହରାଇ କୋଲକାତା ବିଜୟୀ

## ଆଇପିଏଲ୍ ମହାସମର





କୋଲକାତା,୨୯।୪(ଏଜେନ୍ସି): ଆଇପିଏଲ୍-୨୦୨୪ର ୪୭ତମ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) କମାଲ କରିଛି । ଦିଲ୍ଲୀ କ୍ୟାପିଟାଲ୍ସକୁ ୭ ୱିକେଟ୍‌ରେ ହରାଇ କୋଲକାତା ଏହି ରୋମାଞ୍ଚକ ବିଜୟ ହାସଲ କରିଛି । ଇଡେନ୍ ଗାର୍ଡେନ ଠାରେ ଅନୁଷ୍ଠିତ ଆଜିର ଏହି ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସକୁ ଦିଲ୍ଲୀ କ୍ୟାପିଟାଲ୍ସ ୧୫୪ ରନ୍‌ର ଟାର୍ଗେଟ୍ ଦେଇଥିଲା । ତେବେ ଏହାର ଜବାବରେ କୋଲକାତା ୧୭ତମ ଓଭରରେ ୩ ୱିକେଟ୍ ହରାଇ ଏହି ଲକ୍ଷ୍ୟ ଅତିକ୍ରମ କରିଥିଲା । କୋଲକାତା ପକ୍ଷରୁ ଫିଲିପ୍‌ସ୍ଲଟ୍ ଓ ଶ୍ରେୟାସ ଆୟର ୩୩ ରନ୍ କରିଥିଲେ । ଉଲ୍ଲେଖନୀୟ ଯେ, ଦିଲ୍ଲୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । କିନ୍ତୁ ଦଳ ଆରମ୍ଭରୁ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଚାଲିଥିଲା । ନିର୍ଦ୍ଧାରିତ ଓଭରରେ ଦିଲ୍ଲୀ କ୍ୟାପିଟାଲ୍ସ ୯ ୱିକେଟ୍‌ରେ ହରାଇ ୧୫୩ ରନ୍ କରିଥିଲା । ଦିଲ୍ଲୀ କ୍ୟାପିଟାଲ୍ସର ସ୍କୋର ମାତ୍ର ୧୭ ରନ୍ ଥିଲା ବେଳେ ପୃଥ୍ୱୀ ଶ' ମାତ୍ର ୧୩ ରନ୍ କରି ଆଉଟ୍ ହୋଇଯାଇଥିଲେ । ତାଙ୍କ ପରେ ଜେକ୍ ଫ୍ରେଜର ମାକଗର୍କ ୧୨ ରନ୍ କରି ଆଉଟ୍ ହୋଇଥିଲେ । ଅଧିନାୟକ ରିଷଭ ପନ୍ତ ୨୭ ରନ୍ କରିଥିବା ବେଳେ କୁଲଦୀପ ଯାଦବ ୩୫ ରନ୍ କରିଥିଲେ । ସେହିପରି ଅକ୍ଷର ପଟେଲ ୧୫ ରନ୍ କରିଥିଲେ । କୋଲକାତା ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୩ ୱିକେଟ୍ ନେଇଥିବା ବେଳେ ବୈଭବ ଆରୋରା ଓ ହର୍ସିତ ରାଣା ୨ଟି ୱିକେଟ୍ ନେଇଥିଲେ । ସେହିପରି ମିଚେଲ ଷ୍ଟାର୍କ ଓ ସୁନୀଲ ନାରାୟଣ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

**ଆଜିର ମ୍ୟାଚ**

**ଲକ୍ଷ୍ନୌ– ମୁମ୍ବାଇ**

**ସମୟ: ରାତି ୭.୩୦**

**ସ୍ଥାନ: ଲକ୍ଷ୍ନୌ**

ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୯ | ୮ | ୧ | ୧୬ |
| କୋଲକାତା | ୮ | ୫ | ୩ | ୧୦ |
| ଚେନ୍ନାଇ | ୯ | ୫ | ୪ | ୧୦ |
| ସନ୍‌ରାଇଜର୍ସ | ୯ | ୫ | ୪ | ୧୦ |
| ଲକ୍ଷ୍ନୌ | ୯ | ୫ | ୪ | ୧୦ |
| ଦିଲ୍ଲୀ | ୧୦ | ୫ | ୫ | ୧୦ |
| ଗୁଜରାଟ | ୧୦ | ୪ | ୬ | ୮ |
| ପଞ୍ଜାବ | ୯ | ୩ | ୬ | ୬ |
| ମୁମ୍ବାଇ | ୯ | ୩ | ୬ | ୬ |
| ବେଙ୍ଗାଲୁରୁ | ୧୦ | ୩ | ୭ | ୬ |

# ମଣିନାଥପୁର ପ୍ରିମିୟର ଲିଗ୍: ମହାବୀର ଚ୍ୟାଲେଞ୍ଜର ଚାମ୍ପିଅନ

ଭଣ୍ଡାରିପୋଖରୀ,୨୯।୪(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମଣିନାଥପୁର ସ୍କୁଲ ପଡିଆରେ ଅନୁଷ୍ଠିତ 'ମଣିନାଥପୁର ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ'ର ୫ମ ସଂସ୍କରଣ ସୋମବାର ପ୍ରତ୍ୟୁଷରେ ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମହାବୀର ଚ୍ୟାଲେଞ୍ଜର ଚାମ୍ପିଅନ ହୋଇଛି । ଶନିବାର ସନ୍ଧ୍ୟାରେ ଏହି ଟୁର୍ଣ୍ଣାମେଣ୍ଟକୁ ସ୍ଥାନୀୟ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ । ସାମ୍ବାଦିକ ବିଶ୍ୱମ୍ବର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ସମାଜସେବୀ ଉତ୍କଳ କେଶରୀ ବିଶ୍ୱାଳ ମୁଖ୍ୟବକ୍ତା, ଅଧ୍ୟାପକ ଅନାଦି ଚରଣ ସାହୁ, ସ୍ଥାନୀୟ ସମିତି ସଭ୍ୟା ମାମିଲତା ଜେନା, ମାଳଦା ସେବା ସମବାୟ ସମିତି ପୂର୍ବତନ ସଭାପତି ଅରବିନ୍ଦ ନାୟକ, ଶିକ୍ଷକ ଦୁଃଖିଶ୍ୟାମ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାତ୍ରକାଳୀନ ଏହି ଟୁର୍ଣ୍ଣାମେଣ୍ଟରେ ମହାବୀର ଚ୍ୟାଲେଞ୍ଜର, କ୍ରେଜ ୧୧, ରକି ୧୧, ଆର.ଇ. ଓରିଅର, ବାବା ବାଲୁଙ୍କେଶ୍ୱର, ମା ଜାଗୁଳାଇ, ମହାବୀର ସ୍ପୋର୍ଟ୍ସ ଓ ଡେୟାର ଡେଭିଲ ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ । ୪ ଓଭର ବିଶିଷ୍ଟ ଲିଗ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା । ମହାବୀର ଚ୍ୟାଲେଞ୍ଜର ଓ ମହାବୀର ସ୍ପୋର୍ଟ୍ସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ୬ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ମହାବୀର ସ୍ପୋର୍ଟ୍ସ ୩୬ ରନ ସ୍କୋର କରିଥିଲା । ଜବାବରେ ମହାବୀର ଚ୍ୟାଲେଞ୍ଜର ବିନା ଉଇକେଟରେ ୩୭ରନ କରି ଚାମ୍ପିଅନ ହୋଇଥିଲା । ତପନ ନାଥ ମ୍ୟାନ ଅଫ ଦି ମ୍ୟାଚ ଓ ବିକ୍ରମ କେଶରୀ ଦାସ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ । ଡାଇଜୁ ଓ ବାଘା ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ । ଶିବଶକ୍ତି ଧାରା ବିବରଣୀ ଦେଇଥିଲେ । ଉଦଯାପନୀ ଉତ୍ସବରେ ଶ୍ରୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନରସପ ଦଳକୁ ଟର୍ଫି ନଗଦ ଅର୍ଥ ସହ ପୁରସ୍କୃତ କରିଥିଲେ ।

# ସାଫ୍ ଚାମ୍ପିଅନସିପରେ ଓଡିଆ ଝିଅ ରୁପଶ୍ରୀଙ୍କ କମାଲ



ଯୋଡା,୨୯।୪(ସବ୍ୟୁ): ଓଡିଶାର ସମୃଦ୍ଧଶାଳୀ ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡିଲେ କେନ୍ଦୁଝର ଜିଲା ଯୋଡା ବ୍ଲକ ଭୂୟାଁରୋଇଡା ଗ୍ରାମ ପଞ୍ଚାୟତର କ୍ୟାମ୍ପ ହାଟିଂର ଝିଅ ରୁପଶ୍ରୀ ମୁଣ୍ଡା (୧୫) । ସାଉଥ ଏସିଆ ଆଥଲେଟିକ୍ ଫେଡେରେସନ (ସାଫ୍) ରେ ରାଷ୍ଟ୍ରୀୟ ଚାମ୍ପିଆନସିପରେ ଚମକ ଦେଖାଇ ଦେଶ ପାଇଁ ସମ୍ଭାବନା ଆଣିଛନ୍ତି ଆଦିବାସୀ ବାଳିକା ରୁପଶ୍ରୀ । ସେ ସୁନ୍ଦରଗଡ ଜିଲାରୁ ଫୁଟବଲ ଖେଳରେ ପ୍ରଶିକ୍ଷଣ ନେଇ ନେପାଳ ଯାଇଥିବା ୨୩ ଜଣିଆ ଭାରତୀୟ ଦଳର ସବୁ ମ୍ୟାଚ ଖେଳିଥିବା ଖେଳାଳିମାନଙ୍କ ମଧ୍ୟରୁ ରୁପଶ୍ରୀ ଅନ୍ୟତମ । ଏହି ଖେଳଟି ମାର୍ଚ୍ଚ ମାସ ୧ ତାରିଖରୁ ୧୧ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ପୁରା ପ୍ରତିଯୋଗୀତାରେ ରୁପଶ୍ରୀ ପ୍ରଭାବ ପ୍ରଦର୍ଶନ କରିବା ପରେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ବବି ଥୋମାସ ତାଙ୍କ ଭବିଷ୍ୟତ ନେଇ ବେସ ଉତ୍ସାହିତ ହୋଇଥିଲେ। ନେପାଳରେ ଅନୁଷ୍ଠିତ ଚମ୍ପିଆନସିପରେ ଭୁଟାନ, ବାଙ୍ଗଲାଦେଶ, ନେପାଳ ସହ ଖେଳିଥିବା ବେଳେ ଟିମ ଇଣ୍ଡିଆ ପେନାଲଟି ସୁଟ ଆଉଟରେ ଗୋଟିଏ ଗୋଲରେ ଉପବିଜେତା ଘୋଷିତ ହୋଇଥିଲା । ରୁପଶ୍ରୀ ଜୁନିୟର ନ୍ୟାସନାଲ ଦଳ (୧୬ ବର୍ଷରୁ କମ) ରେ ମଧ୍ୟ ପୂର୍ବରୁ ବହୁବାର କ୍ରିଡା ପ୍ରଦର୍ଶନ କରିଛନ୍ତି । ଆଗାମୀ ଦିନରେ ସିନିୟର ଭାରତୀୟ ଦଳରେ ଖେଳିବାକୁ ସେ ସ୍ୱପ୍ନ ଦେଖିଛନ୍ତି ।


**SALE SALE SALE**

Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

# ମହାବୀର ପ୍ରିମିୟର ଲିଗ୍: ମହାରଣା ଫର୍ଣ୍ଣିଚର ଚାମ୍ପିଅନ

ପାଣିକୋଇଲ,୨୯।୪(ସବ୍ୟୁ): ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦାରେ ରାତ୍ରକାଳୀନ ମହାବୀର ପ୍ରିମିୟର ଲିଗ (ଏମପିଏଲ)୨୦୨୪ ଗୁରୁବାର ରାତ୍ରୀରେ ଉଦ୍‌ଘାଟିତ ଶନିବାର ଉଦ୍‌ଯାପିତ ହୋଇଛି । ୩ ରାତ୍ର ବ୍ୟାପି ଏହି କ୍ରିକେଟ ପ୍ରତିଯୋଗୀତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗୀତା ଗୋପିନାଥ ନାଇଟ ରାଇଡର, ଉତ୍କଳମଣି ଏକାଦଶ, କୁରାଶୁଣୀ ରାଇଜିଂ ଷ୍ଟାର(ମହାରଣା ଫର୍ଣ୍ଣିଚର), ଏମ,ଏଫଏସ, ପ୍ରତ୍ୟୁଷ ପାୱାର ହିଟର, ଏସକେଏସ ସ୍କାଏ ୱାଲକରସ, ବ୍ରଦର୍ସ ଇଲେଭେନ, ବାସୁଦେବ ଗେମ ସୁଇଂଗର୍ସ ପ୍ରମୁଖ ଦଳ ଦଳ ଭାଗନେଇଥିଲେ । ଫାଇନାଲ ମ୍ୟାଚ ମହାରଣା ଫର୍ଣ୍ଣିଚର ବନାମ ଗୋପିନାଥ ନାଇଟ ରାଇଡର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିଣି ମହାରଣା ଫର୍ଣ୍ଣିଚର ପ୍ରଥମେ ବ୍ୟାଟିଂଗ କରିଥିବା ବେଳେ ଗୋପିନାଥ ରାଇଟ ରାଇଡର ଦ୍ୱିତୀୟ ଦଫାରେ ବ୍ୟାଂଟିଙ୍ଗ କରି ପରାଜିତ ହୋଇଥିଲା । ଫଳରେ ଚଳିତ ବର୍ଷ ମହାରଣା ଫର୍ଣ୍ଣିଚର ଚାମ୍ପିଅନ ହୋଇଥିଲା । ଏହି ଖେଳକୁ ପିଣ୍ଟୁ ନାଥ ଓ ସନ୍ତୋଷ ଦାସ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶ୍ରୀକାନ୍ତ ଦାସ ଓ ସତ୍ୟଜିତ ସେନାପତି ଧାରା ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ କୋରେଇର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ବିଜେପି ବିଧାୟକ ପ୍ରାର୍ଥୀ ଆକାଶ ଦାସ ନାୟକ, ସମ୍ମାନୀତ ଅତିଥିଭାବେ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ପ୍ରଦୀପ ମାଝୀ, ସେକ ଜହର ଅଲ୍ଲୀ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନସରଅପ ଦଳକୁ ପୁରସ୍କୃତ କରିଥିଲେ ।

# ନ୍ୟୁଜିଲାଣ୍ଡର ଟି-୨୦ ବିଶ୍ୱକପ: ସ୍କ୍ୱାଡ ଘୋଷଣା




ୱେଲିଂଟନ,୨୯।୪(ଏଜେନ୍ସି): ଆସନ୍ତା ଟି-୨୦ ବିଶ୍ୱକପ ପାଇଁ ପ୍ରଥମ ଦେଶ ଭାବେ ଆଜି ନ୍ୟୁଜିଲାଣ୍ଡ ବେଶ ଭିନ୍ନ ଅନ୍ଦାଜରେ ସ୍କ୍ୱାର୍ଡ ଘୋଷଣା କରିଛି । ପାରମ୍ପରିକ ସ୍ୱାଭାବକ ଛାଡ଼ି ଦୁଇ ଜଣ ଛୋଟ ପିଲା ୧୫ ଜଣିଆ ସ୍କ୍ୱାର୍ଡରେ ଥିବା ଖେଳାଳିଙ୍କ ନାଁ ଘୋଷଣା କରିଛନ୍ତି । ମାଟିଲଦା ଓ ଅଙ୍ଗୁସ ନାମକ ଦୁଇ ଜଣ ପିଲା ଚୟନକର୍ତ୍ତାଙ୍କ ଭଳି କ୍ୟାମେରା ସାମ୍ନାକୁ ଆସି ଆଜି ଖେଳାଳିଙ୍କ ନାଁ ସାର୍ବଜନୀନ କରିଛନ୍ତି । ନ୍ୟୁଜିଲାଣ୍ଡ କ୍ରିକେଟ ପକ୍ଷରୁ ଏହାର ଭିଡିଓ ମଧ୍ୟ ପୋଷ୍ଟ କରାଯାଇଛି । ମେ' ୧ ହେଉଛି ଟି-୨୦ ବିଶ୍ୱକପ ପାଇଁ ଖେଳାଳିଙ୍କ ତାଲିକା ପ୍ରକାଶ କରିବାର ଶେଷ ତାରିଖ । ତେଣୁ ଡେଡଲାଇନର ୩ ଦିନ ପୂର୍ବରୁ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରିଛି । ଆମେରିକା ଓ ୱେଷ୍ଟଇଣ୍ଡିଜରେ ଜୁନ ୨ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପରେ ନ୍ୟୁଜିଲାଣ୍ଡର କମାଣ ଅଭିଜ୍ଞ କେନ ୱିଲିୟମସନ ସମ୍ଭାଳିବେ । କ୍ରିକେଟ ନ୍ୟୁଜିଲାଣ୍ଡ ତାଙ୍କ ଉପରେ ପୁଣିଥରେ ଭରସା ଦେଖାଇଛି ।

ସେହିପରି ୨୦୨୩ ଦିନିକିଆ ବିଶ୍ୱକପର ହିରୋ ରଚିନ ରବୀନ୍ଦ୍ର ସ୍କ୍ୱାର୍ଡରେ ରହିଛନ୍ତି । ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ନଥାଇ ମଧ୍ୟ ଅଭିଜ୍ଞ ଟ୍ରେଣ୍ଟ ବୋଲ୍ଟ ପୁଣି ଗୋଟିଏ ଆଇସିସି ଟୁର୍ଣ୍ଣାମେଣ୍ଟ ନ୍ୟୁଜିଲାଣ୍ଡ ପକ୍ଷରୁ ଖେଳିବେ । ଏବେ ବୋଲ୍ଟ ଆଇପିଏଲରେ ଜବରଦସ୍ତ ପ୍ରଦର୍ଶନ କରୁଛନ୍ତି । ଏହାବାଦ ଦଳରେ ଡେଭୋନ କନୱେ, ଡାରିଲ ମିଚେଲ ଓ ଜିମ୍ମି ନୀଶଙ୍କ ଭଳି ଖେଳାଳି ମଧ୍ୟ ରହିଛନ୍ତି । ୧୫ ଜଣିଆ ସ୍କାର୍ଡ ବ୍ୟତୀତ ରିଜର୍ଭ ଖେଳାଳି ଭାବେ ବେନ ସିଅର୍ସ ଦଳ ସହ ଟି-୨୦ ବିଶ୍ୱକପକୁ ଯିବେ ।







Meera's COURTYARD

AT KURANGA PHULNAKHARA

Huge lush green happening space situated in between Cuttack and Bhubaneswar.

- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking,

WILL perfectly match to your dream to make your event a memorable one.

For:

• Wedding • Star night • Conference and work shops
• Birthday party • Musical events • Corporate meet

Please Enquire

info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

# ଓଡ଼ିଶା ଏଫସି ବିଦା: ଫାଇନାଲରେ ମୋହନବାଗାନ

କୋଲକାତା,୨୯।୪(ସବ୍ୟୁ): ଚଳିତ ଆଇଏସ୍ଏଲ୍ ଫୁଟଫୁଲ୍ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି ମୋହନବାଗାନ ସୁପର ଜାଏଣ୍ଟ୍ସ ଏଫସି । ଦୁଇ ଚରଣ ବିଶିଷ୍ଟ ପ୍ରଥମ ସେମିଫାଇନାଲରେ ଏହି ଲିଗ୍ ସିଲ୍ଡ ବିଜେତା ୩-୨ ବ୍ୟବଧାନରେ ଓଡ଼ିଶା ଏଫସିକୁ ପରାସ୍ତ କରିଛି । ସେମିଫାଇନାଲର ପ୍ରଥମ ଚରଣରେ ମୋହନବାଗାନ କଳିଙ୍ଗ ଷ୍ଟାଡିୟମରେ ଘରୋଇ ଦଳଠୁ ୧-୨ ଗୋଲରେ ପରାସ୍ତ ହୋଇଥିଲା । ରବିବାର ଘରୋଇ ପଡ଼ିଆ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନ ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ଚରଣରେ ଏହି କୋଲକାତା ଦଳ ୨-୦ ଗୋଲରେ ଭ୍ରମଣକାରୀ ଓଡ଼ିଶା ଏଫସିକୁ ପରାସ୍ତ କରିଛି । ମ୍ୟାଚର ପ୍ରଥମାର୍ଦ୍ଧରେ ଜାସନ କମିଙ୍ଗ୍ସ (୨୨ ମିନିଟ୍)ଙ୍କ ଗୋଲରେ ମୋହନବାଗାନ ଅଗ୍ରଣୀ ପାଇଥିଲା । ଦ୍ୱିତୀୟାର୍ଦ୍ଧର ଶେଷ ମିନିଟରେ ସାହଲ ଅବଦୁଲ ସାମଦ (୯୦ ମିନିଟ୍)ଙ୍କ ଗୋଲରେ ମୋହନବାଗାନ ବିଜୟ ନିଶ୍ଚିତ କରିଥିଲା । ଅନ୍ୟପକ୍ଷରେ ପ୍ରଥମଥର ସେମିଫାଇନାଲ୍ ଖେଳିବାର ସେ ଭାଗ୍ୟ ପାଇଥିବା ଓଡ଼ିଶା ଏଫସି ଏହି ପରାଜୟ ସହ ଫାଇନାଲ୍ ସ୍ୱପ୍ନ ସାକାର କରିପାରିନି ।

# ଡ୍ରିମ୍ସ ପଲିଟେକ୍‌ନିକ ପୁରସ୍କାର ବିତରଣ ଉତ୍ସବ




କଟକ,୨୯।୪(ସବ୍ୟୁ): ଡ୍ରିମ୍ସ ପଲିଟେକ୍‌ନିକରେ ବାର୍ଷିକ କ୍ରୀଡା ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନେ ପ୍ରତିଯୋଗୀ ମନୋଭାବ ନେଇ ପ୍ରତ୍ୟେକ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ ସହ ପିତାମାତା ଓ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ ଦିଗଦର୍ଶନ ଦେଇଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଇଂ ତପସ୍ୱିନୀ ସାହୁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପାଠ ପଢା ସହିତ ଶାରିରୀକ ଓ ମାନସିକ ସୁସ୍ଥତା ଲାଗି ନିୟମିତ ଖେଳକୁଦ ଅଭ୍ୟାସ ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବିବିଧ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ଟ୍ରଫି ଓ ପଦକ ପ୍ରଦାନ କରି ସମ୍ମାନିତ କରିଥିଲେ । ଅଧ୍ୟାପକ ଦେବବ୍ରତ ପତି କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପିକା ପ୍ରଜ୍ଞାପାରମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଡ. ରଥ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ମିନିଷ୍ଟୋର ପ୍ରୋଜେକ୍ଟର ଶୁଭାରମ୍ଭ ସହ ଆଲୁମ୍‌ନି ଆସୋସିଏସନ୍ ଦ୍ୱାର ପ୍ରଦତ୍ତ ଏକ ଏଲଇଡି ଟିଭିର ଉନ୍ମୋଚନ କରିଥିଲେ । ସଚିବ ସୁଧାଂଶୁ ଭୂଷଣ କରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ ।

**ସୂଚନା**

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541